ବର୍ଷ-୨୫, ସଂଖ୍ୟା-୧୯୩
ଭୁବନେଶ୍ୱର
୨୦, ଜୁଲାଇ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 193
Bhubaneswar
20, July, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଛାତ୍ରୀଙ୍କୁ ସୁରକ୍ଷା ଦେବ 'ଶକ୍ତିଶ୍ରୀ'

**ଭୁବନେଶ୍ୱର,୧୯।୭(ମହାଭାରତ):** ଗୋଟିଏ ସପ୍ତାହ ମଧ୍ୟରେ ରାଜ୍ୟରେ ଦୁଇଟି ସମ୍ବେଦନଶୀଳ ଘଟଣା ଘଟିଲା ପରେ ରାଜ୍ୟ ସରକାର ସତର୍କ ହୋଇଛନ୍ତି। ମହିଳା ଓ ଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ନୂଆ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ରାଜ୍ୟ ସରକାର ଖୁବ ଶୀଘ୍ର 'ଶକ୍ତିଶ୍ରୀ' ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ନାଗରିକର ଅଧିକାର ଓ କର୍ତ୍ତବ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ମହିଳାଙ୍କ ସୁରକ୍ଷା ଓ ନିରାପତ୍ତାକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଆମ ସରକାର ଏକ ନୂଆ ପଲିସି ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ସରକାର 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଆରମ୍ଭ କରିବେ। ଏହା ଖୁବ ଶୀଘ୍ର ଲାଗୁ ହେବ ଏବଂ ଏସ୍‌ଓପି ଜାରି କରାଯିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ମହିଳା ମାନଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଆମ ସରକାର ଏକ ନନ୍ ନେଗେଟିବଲ ପଲିସି ଗ୍ରହଣ କରିଛି। ସମାଜର ବିଭିନ୍ନ ସ୍ଥାନରେ ନାରୀମାନଙ୍କ ପ୍ରତି ଅତ୍ୟାଚାରକୁ ରୋକିବା ପାଇଁ ଆମ ସରକାର ପ୍ରତିବଦ୍ଧ। ବିଶେଷକରି କଲେଜ ଓ ବିଶ୍ୱବିଦ୍ୟାଳୟ ପରି ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତା ପାଇଁ ରାଜ୍ୟ ସରକାର ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ନିଷ୍ପତି ଗ୍ରହଣ କରିଛନ୍ତି। ବିଗତ ଦିନମାନଙ୍କରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ପ୍ରତି ଯେଉଁଭଳି ଅପରାଧ ଘଟୁଛି, ସେହିଭଳି ଘଟଣାକୁ ରୋକିବା ପାଇଁ, ଛାତ୍ରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ଯୋଜନା କରାଯାଇଛି। ଏହି କାର୍ଯ୍ୟକ୍ରମର ନାମ ହେଉଛି 'ଶକ୍ତିଶ୍ରୀ କାର୍ଯ୍ୟକ୍ରମ'। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ଏହା କାର୍ଯ୍ୟକାରୀ କରାଯିବ।




ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣକୁ ସୁନିଶ୍ଚିତ କରାଇବା ସହିତ ଅଧ୍ୟୟନରତ ସ୍ନାତକ ଓ ସ୍ନାତକୋତର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ଛାତ୍ରୀମାନଙ୍କର ସଶକ୍ତିକରଣ ଓ ସର୍ବାଙ୍ଗୀନ ବିକାଶ ଦିଗରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଏହି କାର୍ଯ୍ୟକ୍ରମର ୮ ଗୋଟି ପ୍ରମୁଖ ଦିଗ ରହିଛି। ଏଗୁଡିକ ହେଲା: ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର - ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏକ ସ୍ଥାୟୀ 'ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର' ସ୍ଥାପନ କରାଯିବ ଯାହା ଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରରେ ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ' ଓ ଜଣେ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା' ଭାବରେ ଉକ୍ତ କେନ୍ଦ୍ରର ପରିଚାଳନା କରିବେ।

ଏହା ସହିତ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା 'ଶକ୍ତି ଅପା' ଭାବରେ କାର୍ଯ୍ୟ କରିବେ। ଏହି "ଶକ୍ତି ଅପା"ମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବେ ଏବଂ ଛାତ୍ରୀମାନଙ୍କ ପାଇଁ ମେଣ୍ଟର ଭଳି କାର୍ଯ୍ୟ କରିବେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳା କର୍ମଚାରୀମାନଙ୍କର ସୁରକ୍ଷା ଓ ସଶକ୍ତିକରଣ ଦିଗରେ ଏହି ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର କାର୍ଯ୍ୟ କରିବ। ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ଏକ '୬ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜନ କରିବ। ଛାତ୍ରୀମାନଙ୍କୁ ବିଭିନ୍ନ ବ୍ୟାଚ୍‌ରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ଆଇନଗତ ଅଧିକାର ତଥା ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ମଧ୍ୟ ଶିକ୍ଷା ପ୍ରଦାନ କରାଯିବ।

ଶକ୍ତିଶ୍ରୀ ମୋବାଇଲ ଆପ୍ - "ଶକ୍ତିଶ୍ରୀ ଆପ୍" ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେବ। ଛାତ୍ରୀମାନଙ୍କର ସଚେତନତା ଓ ଅବଗତି ନିମନ୍ତେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ କଲେଜମାନଙ୍କରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ଏହାର ନିୟମାବଳୀ ଏବଂ କାର୍ଯ୍ୟ ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରାଯିବ। ଏଥିସହ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କର ଫୋନ୍ ନମ୍ବର ମଧ୍ୟ ପ୍ରଦାନ କରାଯିବ।

ଯଦି କୌଣସି ଛାତ୍ରୀ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ସେ ନିଜର ପରିଚୟକୁ ଗୋପନୀୟ ରଖି ନିଜର ଅଭିଯୋଗକୁ ଟେକ୍ସଟ୍, ଅଡିଓ ବା ଭିଡିଓ ମେସେଜ୍ ମାଧ୍ୟମରେ ଉକ୍ତ ଆପ୍ ?ରେ ପଞ୍ଜିକୃତ କରିପାରିବେ। ଅଭିଯୋଗଟି ଆପ୍ ରେ ପଞ୍ଜିକୃତ ହୋଇ ସାରିବା ପରେ ଏହା ସିଧାସଳଖ ଉକ୍ତ ଛାତ୍ରୀ ପଢୁଥିବା ଶିକ୍ଷାନୁଷ୍ଠାନର ଇଂଟରନାଲ କମିଟିର ଅଧ୍ୟକ୍ଷଙ୍କ ନିକଟରେ ପହଂଚିବ।

ଛାତ୍ରୀମାନେ ଯଦି ଷ୍ଟ୍ରେସ୍ ବା ଆନଜାଇଟି ଆଦି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ ସେମାନେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ସିଧା ସଳଖ କଥା ହୋଇ ଉପଯୁକ୍ତ ପରାମର୍ଶ ନେଇପାରିବେ। ଶକ୍ତିଶ୍ରୀ ଆପରେ ଛାତ୍ରୀମାନଙ୍କ ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ଟେଲି-ମାନସ ଯୋଜନାର ସୁବିଧା ମଧ୍ୟ ଉପଲବ୍ଧ ହେବ। ଏଥିସହ କୌଣସି ଆପାତକାଳୀନ ପରିସ୍ଥିତିରେ ଶକ୍ତିଶ୍ରୀ ମୋବାଇଲ ଆପ୍ ରେ ରହିଥିବା ଏସ୍‌ଓଏସ୍ ବଟନକୁ ବ୍ୟବହାର କରି ଛାତ୍ରୀମାନେ, ସିଧାସଳଖ ଶକ୍ତିଶ୍ରୀ ସାଥୀ ଏବଂ ଶକ୍ତିଶ୍ରୀ ସଂଯୋଜିକାଙ୍କ ସହ କଥା ହୋଇପାରିବେ ଓ ତୁରନ୍ତ ସାହାଯ୍ୟ ପାଇପାରିବେ । ଶକ୍ତିଶ୍ରୀ ମୋବାଇଲ ଆପରେ ବିଭିନ୍ନ ଜିଲ୍ଲାମାନଙ୍କରେ ରହିଥିବା ଲୋକାଲ୍ କମିଟି ସମ୍ବନ୍ଧରେ ମଧ୍ୟ ସବିଶେଷ ବିବରଣୀ ପ୍ରଦାନ କରାଯିବ। ଯଦି କୌଣସି ଛାତ୍ରୀ ହୃଦୟଙ୍ଗମ କରନ୍ତି ଯେ, ତାଙ୍କର ଅଭିଯୋଗ ସମ୍ପୃକ୍ତ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ସମାଧାନ ହେଉନାହିଁ, ତେବେ ସେ ନିଜର ଅଭିଯୋଗ ସମ୍ବନ୍ଧରେ ଲୋକାଲ୍ କମିଟିକୁ ମଧ୍ୟ ଅବଗତ କରାଇପାରିବେ।

## ଏମ୍ସରେ ୧୬୩ ଧାରା ଜାରି

**ଭୁବନେଶ୍ୱର,୧୯।୭ (ମହାଭାରତ):** ବଳଙ୍ଗା ପୀଡିତାଙ୍କୁ ଦେଖା କରିବା ପାଇଁ ଆଜି ଭୁବନେଶ୍ୱର ଏମ୍ସ ପରିସରରେ ରାଜନୈତିକ ହଙ୍ଗାମା ଘଟି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଯୋଗୁଁ ପୋଲିସ୍ ପକ୍ଷରୁ ଏମ୍ସ ପରିସରରେ ପୋଲିସ୍ ଆଇନ୍‌ର ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ୧୬୩ ଧାରା ଜାରି କରାଯାଇଛି।

ଦୁର୍ବୃତ୍ତଙ୍କ ଆକ୍ରମଣରେ ପୋଡିଯାଇଥିବା ନାବାଳିକା ଏମ୍ସରେ ଚିକିତ୍ସିତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ବେଳେ ଏମ୍ସ ପରିସରରେ ଆଜି ସାରାଦିନ ରାଜନୈତିକ ହଙ୍ଗାମା ଦେଖିବାକୁ ମିଳିଥିଲା। ପୋଲିସ୍ ପକ୍ଷରୁ ସେଠାରେ କଡା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ମଧ୍ୟ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀମାନେ ସେଠାରେ ପହଞ୍ଚି ପୀଡିତାଙ୍କୁ ଦେଖିବାକୁ ଯିବା ପାଇଁ ଜିଦି ଧରି ବସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛନ୍ତି। ବିଜେପି ନେତାମାନଙ୍କୁ ପୀଡିତାଙ୍କୁ ଦେଖିବାକୁ ଅନୁମତି ମିଳୁଥିବା ବେଳେ ବିରୋଧୀ ଦଳମାନଙ୍କୁ ଦେଖିବାକୁ ଦିଆଯାଉନାହିଁ ବୋଲି ଅଭିଯୋଗ କରି ଏହି ହଙ୍ଗାମା ଜାରି ରଖିଥିଲେ। ବିରୋଧୀ କଂଗ୍ରେସ, ବିଜେଡ଼ି, ବାମପନ୍ଥୀ ଓ ନିମନିର୍ମାଣ ଛାତ୍ରସଂଗଠନ କର୍ମୀମାନେ ତାଳିମାରି ବିରୋଧ ପ୍ରଦର୍ଶନ କରିଛନ୍ତି। ବିଜେପି ଓ ବିଜେଡ଼ି କର୍ମୀମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୋଲିସ୍ ପହଞ୍ଚି ସମସ୍ତଙ୍କୁ ବୁଝାସୁଝା କରିବା ପରେ ନଉଠିବାରୁ ବଳପ୍ରୟୋଗ କରି ଉଠାଇ ନେଇଥିଲା।

## ଦଳାଚକଟା ତଦନ୍ତର ବୟାନ ରେକର୍ଡ

**ପୁରୀ,୧୯।୭(ମହାଭାରତ):** ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପୁରୀ ଗୁଣ୍ଡିଚା ମନ୍ଦିର ନିକଟରେ ଗତ ଜୁନ୍ ୨୯ ତାରିଖରେ ଦଳାଚକଟାରେ ୩ ଜଣ ଭକ୍ତଙ୍କ ମୃତ୍ୟୁଘଟଣାରେ ଗତ କାଲି ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀ ମାନଙ୍କ ଠାରୁ ଘଟଣା ସଂପର୍କରେ ବୟାନ ଗ୍ରହଣ କରିଛନ୍ତି। ଏ ସଂପର୍କରେ ରଥଯାତ୍ରା ପରିଚାଳନା ପାଇଁ ବିଭିନ୍ନ ଦାୟିତ୍ୱରେ ଥିବା ୫ଜଣ ବରିଷ୍ଠ ପୁଲିସ୍ ଅଧିକାରୀ ଗତକାଲି ଭୁବନେଶ୍ୱର ଲୋକସେବା ଭବନସ୍ଥିତ ଯୋଜନା ଓ ସଂଯୋଜନ ବିଭାଗ କାର୍ଯ୍ୟାଳୟଠାରେ ଉନ୍ନୟନ କମିଶନରଙ୍କ ଶୁଣାଣି ପରିପ୍ରେକ୍ଷୀରେ ସାକ୍ଷାତ କରିଥିଲେ।

## ଛାତ୍ର ଓ ମହିଳା କଂଗ୍ରେସର ବିକ୍ଷୋଭ



**ଭୁବନେଶ୍ୱର,୧୯।୭(ମହାଭାରତ):** ପୁରୀ ଜିଲ୍ଲା ନିମାପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ମହିଳା କଂଗ୍ରେସ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଏହି ଘେରାଉ ଓ ବିକ୍ଷୋଭ କରାଯିବା ସହିତ ଟମାଟୋ ମାଡ଼ କରିଛି। ଏହି ପ୍ରତିବାଦ କରୁଥିବା ସମୟରେ ପୋଲିସ ସେମାନଙ୍କୁ ଉଠାଇ ନେଇଛି।

ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି ଯେ, ରାଜ୍ୟରେ ଗୋଟିକ ପରେ ଗୋଟିଏ ହୃଦୟ ବିଦାରକ ଘଟଣାରେ ଛାତ୍ରୀ ମାନେ ନିଆଁରେ ପୋଡିବା ରାଜ୍ୟସରକାରଙ୍କ ବିଫଳତାକୁ ଦର୍ଶାଉଛି। 'ବେଟି ପଢ଼ାଓ ବେଟି ବଚାଓ' ସ୍ଲୋଗାନ ଦେଉଥିବା ସରକାରଙ୍କ ଶାସନରେ ମହିଳା, ଛାତ୍ରୀମାନେ ସବୁଠାରୁ ଅସୁରକ୍ଷିତ। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିବାରୁଶେଷରେଏଫ୍.ଏମ୍. କଲେଜ ଆଗରେ ନିଜକୁ ଜାଳି ଦେଲେ। ତାଙ୍କୁ ନ୍ୟାୟ ଦେବା ପାଇଁ ସାରା ଓଡ଼ିଶାରେ ଆନ୍ଦୋଳନ ମୁଣ୍ଡ ଟେକିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ନାରୀକୁ ନ୍ୟାୟ ଦେବା ପାଇଁ ଯେଉଁ ଅଭିଯାନ ଆରମ୍ଭ ହୋଇଛି ତାହାକୁ ଅଧିକ ସକ୍ରିୟ କରିବା ପାଇଁ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷି ବାହିନିପତି ଆଗଭର ହୋଇଛନ୍ତି। ସୌମ୍ୟାଶ୍ରୀଙ୍କ ପରେ ନିମାପଡା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନ ମଣ୍ଡଳୀ ବଳଙ୍ଗାଠାରେ ଜଣେ ଯୁକ୍ତ ଦୁଇଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ନିଆଁରେ ପୋଡି ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବାସଭବନ ରାଜ୍ୟ ମହିଳା ସଭାନେତ୍ରୀ ମୀନାକ୍ଷି ବାହିନିପତିଙ୍କ ନେତୃତ୍ୱରେ ଘେରାଉ କରାଯାଇଥିଲା।

ଅନ୍ୟପକ୍ଷେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟୟ ହୋଇପଡିଥିବା ଅଭିଯୋଗ କରି ଭୁବନେଶ୍ୱରରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

## ନାବାଳିକାଙ୍କୁ ଜାଳିଦେଲେ ଦୁର୍ବୃତ୍ତ

**ପିପିଲି,୧୯।୭(ମହାଭାରତ):** ପୁରୀ ଜିଲ୍ଲା ବଳଙ୍ଗା ଥାନା ଅଞ୍ଚଳରେ ଆଜି ସକାଳେ ଜଣେ ୧୬ ବର୍ଷିୟା ନାବାଳିକାକୁ ୩ଜଣ ଦୁର୍ବୃତ୍ତ ରାସ୍ତାରୁ ଉଠାଇ ନେଇ ନଦୀପଠାରେ କିରୋସିନି ଢାଳି ଜୀବନ୍ତ ଜାଳିଦେବାକୁ ଉଦ୍ୟମ କରିଥିଲେ। ନାବାଳିକା ଜଣକ ଆଜି ସକାଳୁ ତାଙ୍କ ସାଙ୍ଗ ଘରକୁ ବହି ଦେବାକୁ ଆସିଥିଲେ। ସେଠାରୁ ସେ ଫେରିବା ବେଳେ ବାଟରେ ତାଙ୍କୁ ଜୋରଜବରଦସ୍ତ ଉଠାଇନେଇଥିଲେ ସମ୍ପୃକ୍ତ ୩ ଜଣ ଦୁର୍ବୃତ। ସେମାନେ ମୁହଁରେ କପଡ଼ା ବାନ୍ଧି ଭାର୍ଗବୀ ନଦୀ ପଠାକୁ ତାଙ୍କୁ ନେଇଯାଇଥିଲେ। କିରୋସିନି ଢ଼ାଳି ନିଆଁ ଲଗାଇ ଜାଳିଦେବାକୁ ଉଦ୍ୟମ କରିଥିଲେ। ଝିଅଟି ଜୀବନ ବଂଚାଇବାକୁ ଦୌଡୁଥିବା ବେଳେ କିଛି ସ୍ଥାନୀୟ ଲୋକ ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ତେବେ ଲୋକଙ୍କୁ ଦେଖି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ଦୁର୍ବୃତ୍ତ।

ନାବାଳିକାଙ୍କୁ ପ୍ରଥମେ ତାଙ୍କୁ ପିପିଲି ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଏମ୍ସର ବର୍ଣ୍ଣ ୟୁନିଟ୍‌ରେ ଭର୍ତି କରାଯାଇଛି। ଖବର ପାଇ ଘଟଣାସ୍ଥଳରେ ବଳଙ୍ଗା ଥାନା ଅଧିକାରୀ, ପୁରୀ ଏସ୍‌ପି ପିନାକ ମିଶ୍ର ଏବଂ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ପହଞ୍ଚି ଛାନଭିନ୍ କରିଛନ୍ତି। ପରେ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଓ ନିମାପଡ଼ା ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଘଟଣାସ୍ଥଳରୁ ଦୁଇଟି ଅଧା କିରୋସିନି ବୋତଲ, ନାବାଳିକାର ପୋଡ଼ା କପଡ଼ାକୁ ଜବତ କରିଛି ସାଇଣ୍ଟିଫିକ୍ ଟିମ୍। ଏହା ବ୍ୟତୀତ ଚୁଡ଼ି, ଚପଲ, ତାବିଜ ସହିତ ଏକ ଦିଆସିଲି ଉଦ୍ଧାର ହୋଇଛି।

ଏମ୍ସର ନିର୍ଦ୍ଦେଶକ ଡାକ୍ତର (ପ୍ରଫେସର) ଆଶୁତୋଷ ବିଶ୍ୱାସ କହିଛନ୍ତି, ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଅଛି। ତାଙ୍କ ଶରୀରର ୭୫ ପ୍ରତିଶତ ପୋଡ଼ିଯାଇଛି। ଏହା ହେଉଛି ସେକେଣ୍ଡ ଓ ଥାର୍ଡ ଡିଗ୍ରୀ ବର୍ଣ୍ଣ। କିନ୍ତୁ ପୀଡ଼ିତା ଏବେ କଥାବାର୍ତ୍ତା କରୁଛନ୍ତି। ଆସନ୍ତା ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ତାଙ୍କୁ ୪୮ ଘଣ୍ଟା ଅବଜରଭେସନରେ ରଖାଯିବ। ସେ ଭେଣ୍ଟିଲେଟରରେ ନାହାନ୍ତି। ତାଙ୍କୁ ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ରଖାଯାଇଛି।

ଏମ୍ସରେ ଚିକିତ୍ସାଧୀନ ଥିବା ଏହି ନାବାଳିକାଙ୍କ ବୟାନ ରେକର୍ଡ



କରାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କ ବୟାନ ରେକର୍ଡ କରାଯାଇଛି। ତାଙ୍କ ବୟାନ ଆଧାରରେ ପୁଲିସ ଘଟଣାର ତଦନ୍ତ କରି ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିଗୁଡ଼ିକୁ ପୁଲିସ ଯାଞ୍ଚ କରୁଛି।

ନାବାଳିକା ଜଣଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତି ଜଣଙ୍କ କହିଛନ୍ତି, ଝିଅଟି ଜଳୁଥିବା ଅବସ୍ଥାରେ ବଞ୍ଚାଅ ବଞ୍ଚାଅ କହି ମୋ ଘର ଭିତରକୁ ଦୌଡ଼ି ଆସିଥିଲା। ତା' ଦେହରେ ନିଆଁ ଲାଗିଥିବାରୁ ତୁରନ୍ତ ତା' ଉପରେ ପାଣି ଢାଳି ଦେଇଥିଲି। ନିଆଁ ଲିଭାଇ ତାକୁ ପୋଷାକ ପିନ୍ଧାଇଥିଲି। ତା' ଶରୀରର ବିଭିନ୍ନ ସ୍ଥାନ ପୋଡ଼ିଯାଇଛି।

ପୁରୀ ବଳଙ୍ଗା ଥାନାରେ ପୀଡ଼ିତାଙ୍କ ମା' ଏତଲା ଦେଇଛନ୍ତି। ସେ ସେଥିରେ ଉଲ୍ଲେଖ କରିଛନ୍ତି ଯେ ଦୁର୍ବୃତ୍ତମାନେ ତାଙ୍କ ଝିଅ ମୁହଁରେ ରୁମାଲ ପକାଇ ଅଚେତ କରି ପୋଡ଼ି ମାରିବାକୁ ଉଦ୍ୟମ କରିଥିଲେ। ଝିଅ ସେମାନଙ୍କ କବଳରୁ ଖସି ଆସି ଟେରହଳ ଗାଁକୁ ପଳାଇ ଆସିଥିଲା। ୩ ଦୁର୍ବୃତ୍ତଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି ଯେ ସେ ଏହି ଘଟଣାରେ ଗଭୀର ମର୍ମାହତ ହୋଇଛନ୍ତି। ଦିବାଲୋକରେ ହତ୍ୟା ପ୍ରୟାସ ହୋଇଛି। ବାଲେଶ୍ୱର ଘଟଣାକୁ ସପ୍ତାହେ ନ ପୂରୁଣୁ ପୁଣି ସେଭଳି ଏକ ଘଟଣା ଘଟିଛି। ମହିଳାମାନଙ୍କ ବିରୋଧରେ ଏପରି ଘଟଣା ଏବେ ପ୍ରାୟ ପ୍ରତିଦିନ ଘଟୁଛି।

ପିସିସି ସଭାପତି ଭକ୍ତ ଦାସ କହିଛନ୍ତି ଯେ ପ୍ରଶାସନ ସ୍ଥାଣୁ ପାଲଟି ଯାଇଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଛି। ରାଜ୍ୟରେ ଛାତ୍ରୀ ଓ ମହିଳା ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। ପୁଲିସ ଓ ପ୍ରଶାସନକୁ ଆଉ ଭୟ କରୁନାହାନ୍ତି ଅପରାଧୀ। ସରକାର ସମ୍ବେଦନଶୂନ୍ୟ ହୋଇ ସୁଶାସନର ଡିଣ୍ଡିମ ପିଟି ଚାଲିଛି।

ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ବଳଙ୍ଗା ଘଟଣାରେ ଦୁଃଖ ପ୍ରକାଶ କରି କହିଛନ୍ତି ଯେ ନାବାଳିକାଙ୍କ ଉପରେ ଏଭଳି ଅତ୍ୟାଚାର ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଆମ ସରକାର ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ କାର୍ଯ୍ୟାନୁଷ୍ଠାନ ନେବେ।

## ଦୁଗ୍ଧ ଚାଷୀଙ୍କୁ ଯୋଗାଯିବ ୧୦ହଜାର ଗାଈ

**ଭୁବନେଶ୍ୱର,୧୯।୭(ମହାଭାରତ):** ଓଡ଼ିଶାରେ ଶ୍ୱେତ ବିପ୍ଳବର କର୍ଣ୍ଣଧାର ହେଉଛି ଓମ୍‌ଫେଡ୍। ରାଜ୍ୟର ଦୁଗ୍ଧ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ଓମ୍‌ଫେଡ୍ ଡ୍ରାଇଭିଙ୍ଗ ଫୋର୍ସ ସାଜିଛି। ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ନେଇ କାମଧେନୁ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଅଧିକ ଅମଳକ୍ଷମ ପ୍ରଜାତିର ୧୦ ହଜାର ଗାଈ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଦୁଗ୍ଧ ଚାଷକୁ ପ୍ରୋତ୍ସାହନ ଦିଆଯାଇ ରାଜ୍ୟର ଗୋ ଅର୍ଥନୀତିକୁ ସମୃଦ୍ଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ ଠାରେ ନ୍ୟାସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ (ଏନ୍‌ଡିଡିବି) ଏବଂ ଓମ୍‌ଫେଡ ମଧ୍ୟରେ ଅନୁଷ୍ଠିତ ଚୁକ୍ତିନାମା ଅବସରରେ କହିଛନ୍ତି।

ଓମ୍‌ଫେଡ୍ ସହିତ ଏହି ଚୁକ୍ତିନାମା ଜରିଆରେ ନେସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ ଓଡିଶାର ଦୁଗ୍ଧ ଚାଷୀମାନଙ୍କୁ ଅଧିକ ଦୁଗ୍ଧ ଅମଳକ୍ଷମ ଗୀର୍ଓ, ସହିୱାଲ୍ ଓ କ୍ରସ୍ ବ୍ରିଡ୍ ପ୍ରଜାତିର ପ୍ରାୟ ୩ରୁ ୪ ହଜାର ଗାଈ ଯୋଗାଇଦେବ। ଏଥିସହିତ ଆଗାମୀ ଦିନରେ ଏନ୍‌ଡିଡିବି ସହାୟତାରେ ରାଜ୍ୟରେ ଏକ ଗୋବର ଗ୍ୟାସ ପ୍ଲାଣ୍ଟ ମଧ୍ୟ ସ୍ଥାପନ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭.୫୦ କୋଟି ଟଙ୍କା ବିନିଯୋଗରେ ୨ ହଜାରରୁ ୧୫ ହଜାର ଲିଟର ବିଶିଷ୍ଟ ୨୨ଟି ମିଲ୍କ ଟ୍ୟାଙ୍କର ରାଜ୍ୟର ବିଭିନ୍ନ ଦୁଗ୍ଧ ସଂଘ ମାନଙ୍କୁ ପ୍ରଦାନ କରିବା ସହିତ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ତିନୋଟି ଗୁଣ୍ଡ ଦୁଗ୍ଧ ପ୍ୟାକିଙ୍ଗ ମେସିନର ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏ ସମସ୍ତ ସୁବିଧା




ଦ୍ୱାରା ରାଜ୍ୟର ଚାଷୀମାନଙ୍କ ଠାରୁ ଯଥେଷ୍ଟ ଅଧିକ ପରିମାଣର ଦୁଗ୍ଧ ସଂଗ୍ରହ କରାଯାଇପାରିବ। ଏବେ ରାଜ୍ୟର ଦୁଗ୍ଧ ଉତ୍ପାଦନ ୭୨ ଲକ୍ଷ ଲିଟର ରହିଛି। କିନ୍ତୁ ୨୦୩୬ ସୁଦ୍ଧା ଏହି ପରିମାଣ ୧୬୫ ଲକ୍ଷ ଲିଟର ଏବଂ ୨୦୪୭ ସୁଦ୍ଧା ଏହାକୁ ୨୭୪ ଲକ୍ଷ ଲିଟରରେ ପହଞ୍ଚାଇବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ।

ସେ ଆହୁରି କହିଥିଲେ ଦୀର୍ଘ ୪୫ ବର୍ଷ ଧରି ଦୁଗ୍ଧ ଉତ୍ପାଦନ, ସଂଗ୍ରହ ଏବଂ ବିକ୍ରୟ ସହିତ ରାଜ୍ୟର ଦୁଗ୍ଧଚାଷୀ ମାନଙ୍କ ଆର୍ଥିକ ବିକାଶରେ ଓମ୍‌ଫେଡ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଆସୁଛି। ଏବେ ଓମ୍‌ଫେଡ୍ ଉତ୍ପାଦଗୁଡିକର ବିବିଧକରଣ କରିବା ସହିତ ଗୁଣ୍ଡ ଦୁଗ୍ଧ, ପନିର, ବଟର, ଛେନା ପୋଡ, ଆଇସକ୍ରିମ୍, ସୁବାସିତ ଦୁଗ୍ଧ, ମିଠା ଦହି, ପେଡା, ରାବିଡି ଆଦି ଅନେକ ଉତ୍ପାଦ ପ୍ରସ୍ତୁତ କରୁଛି। ଯୁବବର୍ଗ ମଧ୍ୟ ଏହା ମାଧ୍ୟମରେ ଭଲ ରୋଜଗାର କରିପାରୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଓ ଅନ୍ୟାନ୍ୟ ନୀତିକାନ୍ତି ପାଇଁ ପ୍ରାୟ ୩୦ ମେଟ୍ରିକ ଟନ ଘିଅ ଯୋଗାଇ ଦେବାକୁ ଓମ୍‌ଫେଡ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଚୁକ୍ତି ହୋଇଛି।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ନ୍ୟାସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ ସହଯୋଗରେ ଓମ୍‌ଫେଡ୍ ପକ୍ଷରୁ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରିବାର ଯୋଜନା ରଖାଯାଇଛି। ଗୋବରରୁ ଗ୍ୟାସ ଉତ୍ପାଦନ କରି ନିଜେ ବ୍ୟବହାର କରିବା ସହ ବଳକା ଗ୍ୟାସ ମଧ୍ୟ ବିକ୍ରି କରିପାରିବେ। ଗୋବରରୁ ବାୟୋଗ୍ୟାସ ବାହାରିବା ପରେ ଗୋବର ମଣ୍ଡକୁ ଚାଷ ଜମିରେ ବ୍ୟବହାର କରି ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି କରାଯାଇ ପାରିବ। ଏହା ଦ୍ୱାରା ରାଜ୍ୟର ଗୋ-ପାଳକମାନେ ଗୋବରରୁ ମଧ୍ୟ ଆୟ କରିପାରିବେ। ଏହାଦ୍ୱାରା ରାଜ୍ୟର ଗୋ - ଅର୍ଥନୀତି ସମୃଦ୍ଧ ହେବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟି ଏବଂ ଲୋକାଭିମୁଖୀ ଯୋଜନା ଫଳରେ ଦେଶରେ ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନ ୪୭୧ ଗ୍ରାମ ରହିଛି। ଯାହା ବିଶ୍ୱର ହାରାହାରି ଉପଲବ୍ଧତା ଠାରୁ ଢେର ଅଧିକ। ରାଜ୍ୟ ସରକାର ମଧ୍ୟ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀ ମାନଙ୍କୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହାଦ୍ୱାରା ରାଜ୍ୟର ପ୍ରାୟ ୧୫ ଲକ୍ଷ ଗୋପାଳକ ଉପକୃତ ହୋଇପାରିବେ। ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩ ଲକ୍ଷ ହିତାଧିକାରୀ ୭୧ କୋଟି ଟଙ୍କାର ସହାୟତା ପାଇସାରିଲେଣି। ଗାଈଗୋରୁଙ୍କ ସୁରକ୍ଷା ସହ ପରିଚାଳନା ଏବଂ ଚିକିତ୍ସା ପାଇଁ ମଧ୍ୟ ଆମ ସରକାର ଗୋମାତା ଯୋଜନା ଲାଗୁ କରିଛନ୍ତି। ନୂତନ ଗୋଶାଳା ପ୍ରତିଷ୍ଠା ଏବଂ ପଞ୍ଜୀକୃତ ଗୋଶାଳାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରାଣିକଲ୍ୟାଣ ଯୋଜନାରେ ସହାୟତା ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏସମସ୍ତ ପଦକ୍ଷେପ ରାଜ୍ୟର ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କଟକ ସାଂସଦ ଭର୍ତ୍ତୃହରି ମହତାବ, ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏନ୍‌ଡିଡିବି ଡେରୀ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ଦେବାନନ୍ଦ, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, ଓମ୍‌ଫେଡ୍‌ର ପରିଚାଳନା ସମିତି ସଦସ୍ୟଗଣ ଓ ବିଭିନ୍ନ ଦୁଗ୍ଧ ସଂଘର ଅଧ୍ୟକ୍ଷଗଣ ପ୍ରମୁଖ ଉପସ୍ଥିତ ଥିଲେ।

## କୁମ୍ଭକର୍ଣ୍ଣ ନିଦ୍ରାରେ ସରକାର

**ଭୁବନେଶ୍ୱର,୧୯।୭ (ମହାଭାରତ):** ପୁରୀ ଜିଲ୍ଲା ନିମାପଡ଼ା ବଳଙ୍ଗା ଅଞ୍ଚଳରେ କେତେକ ଦୁର୍ବୃତ୍ତ ଜଣେ ନାବାଳିକାଙ୍କୁ ପୋଡି ଦେବା ଘଟଣାରେ ବିରୋଧି ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀ ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜ୍ୟରେ ନାରୀ ମାନଙ୍କ ସୁରକ୍ଷା ବର୍ତ୍ତମାନ ଅତି ସଙ୍କଟରେ ପଡିଛି। ପ୍ରତି ଦିନ ନାରୀ ମାନଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି। ଏଫ୍‌ଏମ୍ କଲେଜରେ ଜଣେ ଯୁବତୀଙ୍କ ଆତ୍ମାହୁତି ଘଟଣା ଲୋକଙ୍କ ମନରୁ ଯାଇ ନଥିବା ବେଳେ ବଳଙ୍ଗା ଅଞ୍ଚଳର ଘଟଣା ରାଜ୍ୟର ମହିଳା ମାନଙ୍କ ମଧ୍ୟରେ ଘୋର ଆତଙ୍କ ଖେଳାଇ ଦେଇଛି। ଏଭଳି ପରିସ୍ଥିତିରେ ରାଜ୍ୟ ସରକାର ନିଘୋଡ ନିଦରେ ଶୋଇ ରହିଛନ୍ତି। ରାଜ୍ୟ ସରକାର ଏହି ଗଭୀର ନିଦ୍ରାରୁ ଉଠି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ସଜାଡିବା ସହିତ ନାରୀ ମାନଙ୍କୁ ସୁରକ୍ଷାଦେବା ପାଇଁ ନବୀନ ସରକାରଙ୍କ ନିକଟରେ ଦାବି କରିଛନ୍ତି।

ସେ କହିଛନ୍ତି ବଳଙ୍ଗା ଘଟଣାରେ ଦୁର୍ବୃତ୍ତ ମାନେ ଦିନ



ଦ୍ୱିପ୍ରରରେ ଜଣେ ନାବାଳିକାଙ୍କୁ ଟେକି ନେଇ ପୋଡି ଦେବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ସ୍ୱଷ୍ଟ ଦିବାଲୋକରେ ତାଙ୍କୁ ହତ୍ୟା କରିବା ଉଦ୍ୟମ ହୋଇଛି। ବର୍ତ୍ତମାନ ସରକାର ସମୟରେ ଅପରାଧୀମାନେ ନିର୍ଭୟରେ ଅପରାଧ ଘଟାଇ ଚାଲିଛନ୍ତି। ଅପରାଧିମାନେ ସରକାରଙ୍କ ବାହୁ ଛତ୍ରଛାୟା ତଳେ ରହି ଅପରାଧ ଘଟାଉଥିବା ନୀବନ କହିବା ସଙ୍ଗେ ସଙ୍ଗେ ଆହତ ଛାତ୍ରୀଙ୍କ ଉପଯୁକ୍ତ ଚିକିତ୍ସା କରାଯିବା ପାଇଁ ଦାବି କରିଛନ୍ତି। ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠି ତୁରନ୍ତ ଦୋଷୀ ମାନଙ୍କୁ ଗିରଫ କରି ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି।

## ଲେମ୍ବୁ ରେସିପ

ଆଜି ଆମେ ଆପଣଙ୍କୁ ଲେମ୍ବୁ ଚୋପାରୁ ତିଆରି ଦୁଇଟି ଭଲ ରେସିପି ବିଷୟରେ କହିବାକୁ ଯାଉଛୁ। ସାଧାରଣତଃ ଆମେ ଲେମ୍ବୁକୁ ଚିପୁଡି ସାରିଲା ପରେ ଏହାର ଚୋପାକୁ ଫୋପାଡ଼ି ଦେଇ ଥାଉ । କିନ୍ତୁ ଏହାକୁ ନ ଫୋପାଡ଼ି ଏଥିରେ ଗୋଟିଏ ମଜାଦାର ରେସିପି ତିଆରି କରି ପାରିବେ । ଆସନ୍ତୁ ଜାଣିବା କେମିତି ତିଆରି କରିବା ସେହି ରେସିପିକୁ ।

ପ୍ରଥମ ରେସିପିରେ ଏହି ଲେମ୍ବୁର ଚୋପାକୁ ଦୁଇ ଫାଳ କିମ୍ବା ଚାରି ଫାଳ କରି ଦିଅନ୍ତୁ । ଏହା ପରେ ଏହି ଚୋପାକୁ ଗୋଟିଏ ପାତ୍ରରେ ରଖି ସେଥିରେ କିଛି ଲେମ୍ବୁ ରସ, ଦୁଇ ଚାମଚ ଲୁଣ, ଗୋଟିଏ ଚାମଚ ଲଙ୍କା ଗୁଣ୍ଡ, ଅଧା ଚାମଚ ହଳଦୀ ପାଉଡର ମିଶାଇ ଦିଅନ୍ତୁ । ବର୍ତ୍ତମାନ ଏହାକୁ ଭଲ ଭାବରେ ମିଶାଇ ଦିଅନ୍ତୁ । ଏହା ପରେ ଏହି ମିଶ୍ରଣକୁ ଗୋଟିଏ ଡ଼ବାରେ ରଖି ଖରାରେ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ରଖନ୍ତୁ ।

ଏହା ଦ୍ୱାରା ଲେମ୍ବୁ ଚୋପା ଗୁଡିକ ଅଳ୍ପ ନରମ ହୋଇଯିବ। ଏହା ପରେ ଆପଣ ଏହି ଲେମ୍ବୁର ଚୋପାକୁ ସେବନ କରି ପାରିବେ ଓ ଏହା ବହୁତ ସ୍ୱାଦିଷ୍ଟ ବି ଲାଗିବ।



••••• ଖବର •••••

## ରାଷ୍ଟ୍ରପତି ଭବନରେ ପ୍ରଦର୍ଶିତ ହେଲା ଫିଲ୍ମ 'ଶ୍ରୀ ଜଗନ୍ନାଥଙ୍କ ନବକଳେବର'



ରାଷ୍ଟ୍ରପତି ଭବନରୁ ଓଡ଼ିଆ ସିନେମା 'ଶ୍ରୀ ଜଗନ୍ନାଥଙ୍କ ନବକଳେବର'ର ସମସ୍ତ କର୍ମକର୍ତ୍ତାଙ୍କୁ ଥିଲା ନିମନ୍ତ୍ରଣ। ନିମନ୍ତ୍ରଣ ପାଇ ଦିଲ୍ଲୀ ଯାଇ ରାଷ୍ଟ୍ରପତିଙ୍କ ଭବନରେ ଦ୍ରୌପଦୀ ରାଷ୍ଟ୍ରପତି ମୁର୍ମୁଙ୍କ ଉପସ୍ଥିତିରେ ସିନେମାର ସମସ୍ତ କର୍ମକର୍ତ୍ତା, ପ୍ରଦର୍ଶିତ ନବକଳେବର ସିନେମାକୁ ଦେଖିଛନ୍ତି। ଶ୍ରୀ ଜଗନ୍ନାଥଙ୍କ ଉପରେ ଆଧାରିତ ସିନେମା ନବକଳେବର, ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ, ଚଳଚ୍ଚିତ୍ର ଉପଦେଷ୍ଟା ବିଭୁପ୍ରସାଦ ମହାପାତ୍ର, ରାଜ୍ୟସଭା ସାଂସଦ ମୁନା ଖାଁଙ୍କ ସହ ସିନେମାର ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲ, ପ୍ରଯୋଜକ ଦିଲ୍ଲୀପ ଜେନା, କାର୍ଯ୍ୟକାରୀ ପ୍ରଯୋଜକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସିନେମାଟି ରାଷ୍ଟ୍ରପତି ଭବନରେ ପ୍ରଦର୍ଶିତ ବେଳେ ସିନେମାର ମୁଖ୍ୟ କଳାକାର ସିଦ୍ଧାନ୍ତ ମହାପାତ୍ର , ଜ୍ୟୋତିରଞ୍ଜନ ନାୟକ, ଶ୍ରୀତମ ଦାସ, ଶିବାନି ସଙ୍ଗୀତା, ପିଙ୍କି ପ୍ରଧାନ, ଅଂଶୁମାନ ଓ ଶଙ୍କର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫଙ୍ଗଲ୍ ଇନଫେକ୍ସନ୍ ପାଇଁ ଭଲ ଲେମ୍ବୁ ମଞ୍ଜି



ଆମେ ସାଧାରଣତଃ ଲେମ୍ବୁ ଓ କମଳା ଖାଇବା ବେଳେ ଏହାର ମଞ୍ଜିକୁ ବାହାର କରି ଫିଙ୍ଗି ଦେଇଥାଉ। ହେଲେ ଆପଣ ଜାଣିଛନ୍ତି କି ଲେମ୍ବୁ ଓ କମଳା ମଞ୍ଜିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଏହି ମଞ୍ଜିକୁ ଖାଇଲେ ଆପଣ ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟାରୁ ମୁକ୍ତି ପାଇପାରିବେ। ତା' ହେଲେ ଆସନ୍ତୁ ଜାଣିବା ଲେମ୍ବୁ ମଞ୍ଜିରେ କ'ଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି।

୧. ଅଧିକାଂଶ ସମୟରେ ଆପଣ ମୁଣ୍ଡ ବିନ୍ଧାକୁ ଶୀଘ୍ର ଠିକ୍ କରିବା ପାଇଁ ଏସ୍ପିରିନ୍ ଖାଇଥା'ନ୍ତି। ଲେମ୍ବୁ ମଞ୍ଜିରେ ପ୍ରଚୁର ମାତ୍ରାରେ ସେଲିସିଲିକ ଏସିଡ୍ ରହିଛି, ଯାହା ଏସ୍ପିରିନର ଏକ ଅଂଶୟ।ତେଣୁ ମୁଣ୍ଡ ବିନ୍ଧା ସମୟରେ ଲେମ୍ବୁ ମଞ୍ଜି ଖାଇଲେ ଉପଶମ ମିଳିଥାଏ।

୨. ଲେମ୍ବୁ ମଞ୍ଜିରେ ଆଂଟି-ବ୍ୟାକ୍ଟେରିଆଲ୍ ଗୁଣ ରହିଛି, ଯାହା ଆପଣଙ୍କ ମୁହଁରେ ହେଉଥିବା ବ୍ରଣକୁ ଭଲ କରିବା ପାଇଁ ସାହାଯ୍ୟ କରିଥାଏ। ତେଣୁ ବ୍ରଣ ଭଲ କରିବା ପାଇଁ ଲେମ୍ବୁ ମଞ୍ଜିର ତେଲକୁ ବ୍ୟବହାର କରନ୍ତୁ। ଯଦି ନିୟମିତ ଭାବରେ ଲେମ୍ବୁ ମଞ୍ଜିକୁ ମୁହଁରେ ବ୍ୟବହାର କରିବେ, ତେବେ କିଛିଦିନ ମଧ୍ୟରେ ଆପଣଙ୍କ ବ୍ରଣ ଓ ଦାଗ ଭଲ ହୋଇଯିବ।

୩. ଆହୁରି ମଧ୍ୟ ଲେମ୍ବୁ ମଞ୍ଜିରେ ଭିଟାମିନ୍ ସି ରହିଛି, ଯାହା ତ୍ୱଚାକୁ ସୁସ୍ଥ ରଖି ଉଜ୍ଜ୍ୱଳ କରିଥାଏ। ତ୍ୱଚାରେ ପ୍ରତିଦିନ ଲେମ୍ବୁ ମଞ୍ଜି ବ୍ୟବହାର କଲେ, ଆପଣଙ୍କ ତ୍ୱଚା ମଶ୍ଚୋରାଇଜ୍ ରହିଥାଏ।

୪. ସାଧାରଣତଃ ହାତ ଓ ପାଦ ଆଙ୍ଗୁଳିରେ ଫଙ୍ଗଲ୍ ଇନ୍ଫେକସନ୍ ଅଧିକ ହୋଇଥାଏ। ସେହି ସ୍ଥାନରେ ଲେମ୍ବୁ ମଞ୍ଜିର ତେଲ ଲଗାଇଲେ, ଇନ୍ଫେକ୍ସନ୍ ଭଲ ହୋଇଥାଏ। ଏହା ସହିତ ତ୍ୱଚାରେ ହେଉଥିବା ଆଲର୍ଜି ମଧ୍ୟ ଦୂର ହୋଇଥାଏ। ତେଣୁ ଫଙ୍ଗଲ୍ ଇନଫେକସନ୍ରୁ ରକ୍ଷା ପାଇବା ପାଇଁ ଆପଣ ଲେମ୍ବୁ ମଞ୍ଜିକୁ ବ୍ୟବହାର କରିପାରିବେ।

## ଗାଜର ଜୁସ୍ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକର



ଗାଜର ଜୁସ ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର। ଗାଜରରେ ବିଟା-କ୍ୟାରୋଟିନ ନାମକ ଔଷଧୀୟ ତତ୍ତ୍ୱ ରହିଛି ଯାହା କ୍ୟାନସରକୁ ନିୟନ୍ତ୍ରଣ କରିଥାଏ। ଗାଜର ଜୁସ ସେବନ ଦ୍ୱାରା ପାଚନ ତନ୍ତ୍ର ମଜବୁତ ହୋଇଥାଏ। ବୟସ ବଢ଼ିବା ସହ ଶରୀର ଦୁର୍ବଳ ହୋଇଥାଏ। ଗାଜର ଜୁସ ସେବନ ଦ୍ୱାରା ଏହି ଦୁର୍ବଳତା ଦୂର ହୋଇଥାଏ। ଗାଜର ଜୁସ ଗର୍ଭବତୀ ମହିଳାଙ୍କ ପାଇଁ ମଧ୍ୟ ଲାଭଦାୟକ। ଏହାର ଆହୁରି ଅନେକ ଫାଇଦା ରହିଛି।

ଗାଜର ଜୁସ ସେବନ ଦ୍ୱାରା ଶରୀରରେ ରକ୍ତ ମାତ୍ରା ବୃଦ୍ଧି ପାଇଥାଏ। ଦୃଷ୍ଟି ଶକ୍ତି ପାଇଁ ଗାଜର ବହୁତ ଲାଭଦାୟକ। ଗାଜର ସେବନ ଦ୍ୱାରା ଆଖି ସମସ୍ୟା ଦୂର ହୋଇଥାଏ। ଗାଜର ଜୁସରେ ବିଟା-କ୍ୟାରୋଟିନ ଭରପୁର ମାତ୍ରାରେ ରହିଛି। ଏକ ରିସର୍ଚ୍ଚରୁ ଜଣାପଡିଛି ବିଟା-କ୍ୟାରୋଟିନ ଅକ୍ସିଡେଟିଭ ଷ୍ଟ୍ରେସ କମ କରିବାରେ ସାହାଯ୍ୟ କରିଥାଏ। ଏହା ଗ୍ଲୁଟାଥିୟୋନ ମେଟାବୋଲିଜିମରେ ସୁଧାର ଆଣିଥାଏ।

ଗାଜରରେ ପ୍ରଚୁର ମାତ୍ରାରେ ଭିଟାମିନ-ଏ ରହିଛି। ନିୟମିତ ଗୋଟିଏ ଗ୍ଲାସ ଗାଜର ଜୁସ ସେବନ କଲେ ତ୍ୱଚା ସୁନ୍ଦର ଓ ଚିକ୍କଣ ହୋଇଥାଏ ଏବଂ ମୁହଁ ଉଜ୍ଜ୍ୱଳ ଦିଶିଥାଏ।

ଗାଜର ଜୁସ ସେବନ ଦ୍ୱାରା କ୍ୟାନସର ବିପଦ କମ ଥାଏ। ଗାଜରରେ ଏଣ୍ଟି-କ୍ୟାନସର ଗୁଣ ରହିଛି କ୍ୟାନସରରୁ ରକ୍ଷା କରିଥାଏ। ଏହାସହ ଗାଜର ଜୁସ ଗର୍ଭବତୀ ମହିଳାଙ୍କ ପାଇଁ ମଧ୍ୟ ବହୁତ ଲାଭଦାୟକ।

ଗାଜର ଜୁସ ହୃଦୟ ସମ୍ବନ୍ଧୀୟ ରୋଗ କମ କରିବାରେ ସାହାଯ୍ୟ କରିଥାଏ। ଗାଜର ଜୁସ ସେବନ କଲେ ରକ୍ତ ସଞ୍ଚାଳନ ମଧ୍ୟ ଭଲ ଭାବେ ହୋଇଥାଏ।

## ମନ୍ଦିର ଦର୍ଶନ ଓ ତୀର୍ଥଯାତ୍ରାର ସୁଫଳି ଜିନିଷ



ଆଧୁନିକ ଯୁଗରେ ମଣିଷ ନିଜ କାମ ଏବଂ ସମସ୍ୟା ଜଞ୍ଜାଳ ଭିତରେ ଏତେ ଘାଣ୍ଟି ହୋଇଯାଇଛି ଯେ ମନ୍ଦିର ଏବଂ ତୀର୍ଥ ଯାତ୍ରାକୁ ଯିବା ତ' ଦୂରର କଥା ସେ ସମ୍ପର୍କରେ ଭାବିବା ପାଇଁ ମଧ୍ୟ ସମୟ ପାଉନାହିଁ । ସାଧାରଣତଃ ଲୋକମାନେ ତୀର୍ଥ ଯାତ୍ରାକୁ ଦାନ-ପୁଣ୍ୟ, ପାପରୁ ମୁକ୍ତି ଆଦି ପାଇଁ ଗ୍ରହଣ କରିଥାନ୍ତି । କିନ୍ତୁ ବାସ୍ତବରେ ମନ୍ଦିର ଏବଂ ତୀର୍ଥ ଯାତ୍ରାକୁ ଯିବା ଦ୍ୱାରା ଅନ୍ୟ କେତେକ ଫାଇଦା ମଧ୍ୟ ମିଳିଥାଏ । ତୀର୍ଥ ଆଧାରିତ ଗ୍ରନ୍ଥରେ ଉଲ୍ଲେଖ ରହିଛି ନିୟମିତ ତୀର୍ଥ କରିବା ଏବଂ ମନ୍ଦିରକୁ ଯିବା ଦ୍ୱାରା ୪ଟି ବିଶେଷ ଲାଭ ମିଳିଥାଏ ।

ପ୍ରଥମତଃ ମନ୍ଦିର ଏବଂ ତୀର୍ଥ ସ୍ଥାନକୁ ଦୈବୀ ଶକ୍ତିର କେନ୍ଦ୍ର ବୋଲି ଗ୍ରହଣ କରାଯାଇଥାଏ । ଏଠାରେ ଥିବା ବିଶେଷ ଐଶ୍ୱରିକ ଶକ୍ତି ଅନ୍ୟ କୌଣସି ଠାରେ ଦେଖିବାକୁ ମିଳିନଥାଏ । ଏହି କାରଣରୁ ମନ୍ଦିର କିମ୍ବା ତୀର୍ଥ ସ୍ଥାନକୁ ଯାଇ ମନୁଷ୍ୟର ମନ ଶାନ୍ତ ଏବଂ ଶକ୍ତିମାନ ହୋଇଥାଏ । ନିୟମିତ ମନ୍ଦିର ଯାଉଥିବା ଲୋକର ମନରେ ସର୍ବଦା ସକାରାତ୍ମକ ଚିନ୍ତାଧାରା ପୂରି ରହିଥାଏ । ସେ ନିଜ କାମରେ ସମ୍ପୂର୍ଣ୍ଣ ଭାବେ ମନୋନିବେଶ କରିଥାଏ ଏବଂ ସମ୍ପୂର୍ଣ୍ଣ ଶକ୍ତି ବିନିଯୋଗ କରି ଜୀବନର ଆନନ୍ଦ ଉପଭୋଗ କରିଥାଏ । ଦ୍ୱିତୀୟତଃ ସ୍ୱାସ୍ଥ୍ୟ ଲାଭ ଦୃଷ୍ଟିରୁ ମଧ୍ୟ ତୀର୍ଥ ଯାତ୍ରା ଗୁରୁତ୍ୱପୂର୍ଣ୍ଣ । କେତେକ ସ୍ଥାନକୁ ଛାଡ଼ିଦେଲେ ମନ୍ଦିର ଏବଂ ତୀର୍ଥସ୍ଥଳୀ ଥିବା ସ୍ଥାନର ବାତାବରଣ ସମ୍ପୂର୍ଣ୍ଣ ସ୍ୱଚ୍ଛ ହୋଇଥାଏ । ଏଠାକାର ପବିତ୍ର ବାତାବରଣ ମାନସିକତା ଉପରେ ପ୍ରଭାବ ପକାଇଥାଏ । ଚାଲି ଚାଲି ତୀର୍ଥ କରିବାକୁ ଗଲେ ଶାରୀରିକ ଶ୍ରମ ମଧ୍ୟ ହୋଇଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟତା କରିଥାଏ। ମାନସିକ ଶାନ୍ତି ମିଳୁଥିବାରୁ ମନୁଷ୍ୟ ମାନସିକ ଭାବେ ମଧ୍ୟ ସୁସ୍ଥ ରୁହେ । ମନ୍ଦିରର ଶିଢ଼ି ଚଢ଼ିବା, ଭଜନ-କୀର୍ତ୍ତନ କରିବା ସମୟରେ ତାଳି ବଜାଇବା ଦ୍ୱାରା ପାଦ ଏବଂ ହାତରେ ସ୍ୱତନ୍ତ୍ର ଚାପ ପଡ଼ିଥାଏ । ଯାହା ଆକ୍ୟୁପ୍ରେସର ଭଳି କାମ କରିଥାଏ ଏବଂ ରୋଗ ଦୂର କରିବାରେ ସହାୟକ ହୁଏ । ତୃତୀୟତଃ ତୀର୍ଥ ଯାତ୍ରା ଦ୍ୱାରା ଜ୍ଞାନ ମଧ୍ୟ ବୃଦ୍ଧି ହୁଏ । ନୂଆ ସ୍ଥାନକୁ ଯାତ୍ରା କରିବା ଦ୍ୱାର ବ୍ୟକ୍ତି ନୂଆ ନୂଆ ତଥ୍ୟ ସମ୍ପର୍କରେ ଅବଗତ ହୋଇପାରିଥାଏ । ତୀର୍ଥ ଯାତ୍ରା ଫଳରେ ମନୁଷ୍ୟର ଆଧାତ୍ମିକ, ଭୌଗଳିକ ଏବଂ ଐତିହାସିକ ଜ୍ଞାନ ବଢ଼େ । ଯାତ୍ରା ସମୟରେ ଅନେକ ସ୍ଥାନର ଇତିହାସ ଏବଂ ମହତ୍ୱ ଜାଣିବାକୁ ମିଳିଥାଏ । ଏଥିସହିତ ଉକ୍ତ ସ୍ଥାନର କଳା, ସଂସ୍କୃତି, ପରମ୍ପରା ଆଦି ସମ୍ପର୍କରେ ମଧ୍ୟ ଜ୍ଞାନ ପ୍ରାପ୍ତ ହୋଇଥାଏ । ମଣିଷ ନୂଆ ନୂଆ ଅଭିଜ୍ଞତା ଅର୍ଜନ କରିଥାଏ, ଯାହା ଜୀବନରେ ଆଗକୁ ବଢ଼ିବା ଲାଗି ମନୁଷ୍ୟକୁ ପ୍ରେରଣା ଯୋଗାଏ । ଚତୁର୍ଥତଃ ତୀର୍ଥ ଯାତ୍ରା ଫଳରେ ମନୁଷ୍ୟ ନିଜ ଘର-ପରିବାର ବ୍ୟତୀତ ଅନ୍ୟ ଲୋକଙ୍କ ସମ୍ପର୍କରେ ମଧ୍ୟ ଆସିଥାଏ । ଯାହାଦ୍ୱାରା ଜ୍ଞାନ ଏବଂ ପରିଚୟ ବୃଦ୍ଧି ପାଇଥାଏ ।

## ଆର୍ଥିକ ସଙ୍କଟ ଦୂରେଇବାକୁ ହେଲେ ଅଣଦେଖା କରନ୍ତୁନି ଏହିସବୁ ନିୟମ

ଜୀବନରେ ବାସ୍ତୁଶାସ୍ତ୍ରର ଅନେକ ମହତ୍ତ୍ୱ ରହିଛି। ବାସ୍ତୁଶାସ୍ତ୍ର ଜୀବନଶୈଳୀ ଉପରେ ବିଭିନ୍ନ ପ୍ରଭାବ ପକାଇଥାଏ। ବାସ୍ତୁଶାସ୍ତ୍ର ଅନେକ ସମସ୍ୟା ସମାଧାନ କରିଥାଏ। ସେଥିପାଇଁ ଲୋକେ ଘର ତିଆରି କରିବା ପୂର୍ବରୁ ବାସ୍ତୁଶାସ୍ତ୍ରର ସବୁ ଦିଗ ପ୍ରତି ଦୃଷ୍ଟି ନେଇ ଘର ତିଆରି କରିଥାନ୍ତି। ବାସ୍ତୁ ନିୟମ ଅନୁସରଣ କରି ଜୀବନକୁ ସୁଖମୟ କରାଯାଇପାରିବ। ବାସ୍ତୁଶାସ୍ତ୍ରରେ ଏମିତି କିଛି ନିୟମ ରହିଛି ଯାହାକୁ ଅଣଦେଖା କରିବା ଦ୍ୱାରା ଜୀବନ ଉପରେ ତାର ନକାରାତ୍ମକ ପ୍ରଭାବ ପଡିଥାଏ। ନକାରାତ୍ମକ ପ୍ରଭାବ ଅନେକ ସମସ୍ୟା ସୃଷ୍ଟି କରିପାରେ। ବାସ୍ତୁଶାସ୍ତ୍ରର ଏହି ସରଳ ନିୟମ ପାଳନ କରିବା ଦ୍ୱାରା ଜୀବନରେ ସକାରାତ୍ମକ ପ୍ରଭାବ ପଡିବ। ବାସ୍ତୁଶାସ୍ତ୍ରରେ ଏମିତି ବି କିଛି ନିୟମ ରହିଛି ଯାହାକୁ ଅଣଦେଖା କଲେ ଆର୍ଥିକ ସଙ୍କଟ ମଧ୍ୟ ଦେଖାଦେଇପାରେ।



ଜାଣନ୍ତୁ ବାସ୍ତୁଶାସ୍ତ୍ରର ସରଳ ନିୟମ :

୧. ଘର ସର୍ବଦା ସଫାସୁତୁରା ଓ ସ୍ୱଚ୍ଛ ରଖିବା ଉଚିତ।

୨. ଘରେ ଯେଉଁ ସ୍ଥାନରେ ଟ୍ରେଜେରି ଅଛି ବା ଧନ ରଖନ୍ତି ସେଠାରେ ବୁଢିଆଣୀ ଜାଲ ରହିବାକୁ ଦିଅନ୍ତୁନି, ସର୍ବଦା ସଫା ରଖନ୍ତୁ।

୩. ଟଙ୍କା ରଖୁଥିବା ଆଲମିରା ବା ଟ୍ରେଜେରି ଏହିଭଳି ରଖନ୍ତୁ ଯେପରି ତାହା ଉତ୍ତର ଦିଗ ଆଡକୁ ଖୋଲୁଥିବ।

୪. ଯେଉଁ ଆଲମିରାରେ ଆପଣ ଟଙ୍କା, ଗହଣା ଆଦି ରଖୁଛନ୍ତି ତାହା କେବେ ବି ଦକ୍ଷିଣ ଦିଗ ଆଡକୁ ଖୋଲିବା ଉଚିତ ନୁହେଁ, ତାର ମୁହଁ ଉତ୍ତର ଆଡକୁ ରହିବା ଉଚିତ।

୫. ଘରେ ଅଯଥା ପାଣି ନଷ୍ଟ କରନ୍ତୁନି, ଘରେ ନଳରୁ ପାଣି ଝରିବା ଶୁଭ ନୁହେଁ, ଘରେ ଅଯଥା ନଳରୁ ପାଣି ଝରୁଥିଲେ ଟଙ୍କା ରହେନାହିଁ ଏବଂ ଆର୍ଥିକ ସଙ୍କଟ ଦେଖାଦିଏ ବୋଲି କୁହାଯାଏ।

୬. ଖାଇବା ବେଳେ ମନେ ରଖିବେ, ଭୋଜନ ଥାଳିକୁ କୌଣସି ପିଢା କିମ୍ବା ଆସନରେ ସମ୍ମାନର ସହ ରଖିବା ଉଚିତ, ଅନ୍ନକୁ ସର୍ବଦା ସମ୍ମାନ ଦେବା ଉଚିତ।

୭. ଖାଇବା ପରେ ଭୋଜନ ଥାଳିରେ କେବେ ବି ହାତ ଧୁଅନ୍ତୁ ନାହିଁ। ରାତିରେ ଘରେ ଅଇଁଠା ବାସନ ପକାଇ ରଖନ୍ତୁ ନାହିଁ, ବାସନ ସଫା କରି ଶୋଇବା ଉଚିତ।

୮. ଘରର ରୋଷେଇ ଘର ସବୁବେଳେ ଆଗ୍ନେୟ କୋଣରେ ରହିବା ଉଚିତ।

୯. ଟଏଲେଟ, ଗାଧୁଆ ଘର, ରୋଷେଇ ଘର ଗୋଟିଏ ସିଧାରେ ନିର୍ମାଣ କରିବା ଉଚିତ ନୁହେଁ।

୧୦. ଘରର ରୋଷେଇ ଘର ଓ ଟଏଲେଟ କବାଟ କେବେ ବି ସମ୍ନାସାମ୍ନି ରଖିବା ଉଚିତ ନୁହେଁ।

# ପରିବର୍ତ୍ତିତ ଶକ୍ତି ନୀତି କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ




**ଭୁବନେଶ୍ୱର, ୧୯।୭ (ମହାଭାରତ):** ଭୁବନେଶ୍ୱରର ମେଫେୟାରରେ ଓଡ଼ିଶା ଶକ୍ତି ପରିବର୍ତ୍ତନ ନୀତି ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସରକାରଙ୍କ ବିଭିନ୍ନ ବିଭାଗ, ଶିଳ୍ପ ଏବଂ ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନର ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ଏକାଠି ହୋଇଥିଲେ। ଏହି କର୍ମଶାଳା ଏକ ସ୍ଥାୟୀ, କମ୍ କାର୍ବନ ଭବିଷ୍ୟତ ପ୍ରତି ଓଡ଼ିଶାର ପ୍ରତିବଦ୍ଧକୁ ସୁନିଶ୍ଚିତ କରିଛି। ଏହି କର୍ମଶାଳାକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦଘାଟନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ଜାତୀୟ ଶକ୍ତି ପରିବର୍ତ୍ତନରେ ଓଡ଼ିଶା ନେତୃତ୍ୱ ନେଉଛି। ଶକ୍ତି ପରିବର୍ତ୍ତନ ନୀତି ଆପଣେଇବାରେ ଓଡ଼ିଶା ପ୍ରଥମ ରାଜ୍ୟ ଅଟେ। ଏହି ନୀତି ଏକ ରଣନୈତିକ ରୋଡମ୍ୟାପ୍ ଅଟେ ଯାହା ନବସୃଜନ ଓ ପ୍ରଗତିକୁ ଆଗେଇ ନେବା ପାଇଁ ଡିଜାଇନ୍ କରାଯାଇଛି।

ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ କହିଲେ ଯେ, ଓଡ଼ିଶା ଶକ୍ତି ପରିବର୍ତ୍ତନ ନୀତିର ଡ୍ରାଫ୍ଟ ଏକ ଭବିଷ୍ୟତମୁଖୀ ଢାଞ୍ଚା ଯାହା ନବୀକରଣୀୟ ଶକ୍ତି, ଶକ୍ତି ଦକ୍ଷତା ଏବଂ ସବୁଜ ନିଯୁକ୍ତିକୁ ସମନ୍ୱିତ କରିଥାଏ। ଡ ସତ୍ୟପ୍ରିୟ ରଥ, ଗ୍ରୀଡକୋ ପରିଚାଳନା ନିର୍ଦ୍ଦେଶକ, ଶକ୍ତି ପରିବର୍ତ୍ତନରେ ଗ୍ରୀଡକୋର କେନ୍ଦ୍ରୀୟ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଡ଼ିବିର ଆଞ୍ଚଳିକ ନିର୍ଦ୍ଦେଶକ ସୁଜାତା ଗୁପ୍ତା, ଓଡ଼ିଶାର ଦୃଷ୍ଟିକୋଣ ପ୍ରତି ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ। ଏଡ଼ିବି ବିଭିନ୍ନ ଦେଶରେ ବିଭିନ୍ନ ଶକ୍ତି ପରିବର୍ତ୍ତନ ପଦକ୍ଷେପକୁ ସମର୍ଥନ କରିଛି ଏବଂ ଓଡ଼ିଶାକୁ ସମାନ ସମର୍ଥନ ଦେବାକୁ ଆଗ୍ରହୀ ବୋଲି ମତବ୍ୟକ୍ତ କରିଥିଲେ। ଶକ୍ତି ସଷ୍ଟେନେବଲ୍ ଏନର୍ଜି ଫାଉଣ୍ଡେସନ୍ର କାର୍ଯ୍ୟକ୍ରମ ମୁଖ୍ୟ ବୈରିଗଞ୍ଜନ୍, ଓଡ଼ିଶାର ସକ୍ରିୟ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ପିଡବ୍ଲୁସି ର ପାର୍ଟନର ଶ୍ରୀ ପଦମ୍ ପ୍ରକାଶ, ତଥ୍ୟ-ଚାଳିତ ଯୋଜନାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପିଡବ୍ଲ୍ୟୁସି ଏକ ବ୍ୟାପକ ଉପସ୍ଥାପନା ପ୍ରଦାନ କରିଥିଲା ଯେଉଁଥିରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ବ୍ୟବସ୍ଥିତ, ଫଳାଫଳ-ମୁଖୀ ହସ୍ତକ୍ଷେପ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅଧିବେଶନ ପରେ ଅଂଶୀଦାରମାନଙ୍କ ମଧ୍ୟରେ ଏକ ଆକର୍ଷଣୀୟ ପାରସ୍ପରିକ ଆଲୋଚନା ହୋଇଥିଲା। ବିତ୍ତପରାମର୍ଶ ଦାତା ତଥା ଅତିରିକ୍ତ ଶାସନ ସଚିବ ଡ ଦେବୀଦତ୍ତ ତ୍ରିପାଠି ଧନ୍ୟବାଦ ଅର୍ପଣ କରିଥିଲେ।

# ଫାର୍ମାସିସ୍ଟ ମାନଙ୍କ ତାଲିମ କାର୍ଯ୍ୟକ୍ରମ




**ଭୁବନେଶ୍ୱର, ୧୯।୭ (ମହାଭାରତ):** ଶ୍ରମ ବିଭାଗ, ଓଡ଼ିଶା ଦ୍ୱାରା ରାଜ୍ୟ ଶ୍ରମ ସଂସ୍ଥାନ ଆନୁକୂଲ୍ୟରେ ଓ କର୍ମଚାରୀ ରାଜ୍ୟ ବୀମା ଯୋଜନା (ଇଏସଆଇ) ନିର୍ଦ୍ଦେଶାଳୟ ସହଯୋଗିତାରେ ଫାର୍ମାସିସ୍ଟ ମାନଙ୍କ ନିମନ୍ତେ ଏକ ଦୁଇ ଦିବସୀୟ ତାଲିମ କାର୍ଯ୍ୟକ୍ରମ ରାଜ୍ୟ ଶ୍ରମ ସଂସ୍ଥାନର ସମ୍ମିଳନୀ ପ୍ରକୋଷ୍ଠରେ ଉଦଘାଟିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମକୁ ଶ୍ରମ ବିଭାଗ ର ସ୍ୱତନ୍ତ୍ର ଶାସନ ସଚିବ ତଥା ନିର୍ଦ୍ଦେଶିକା, କର୍ମଚାରୀ ରାଜ୍ୟ ବୀମା ଯୋଜନା, ଓଡ଼ିଶା ମଧୁମିତା ନାୟକ ଉଦଘାଟନ କରିଥିଲେ। ଉଦଘାଟନ ଉତ୍ସବରେ ଅତିଥି ମାନେ ଫାର୍ମାସିସ୍ଟମାନଙ୍କୁ ସେମାନଙ୍କର କାର୍ଯ୍ୟଶୈଳୀ ଓ ଦକ୍ଷତା ବିକାଶ ପାଇଁ ଏହି କର୍ମଶାଳାର ଲାଭ ନେବାକୁ କହିଥିଲେ। ମୁଖ୍ୟ ଅତିଥି ତଥା ନିର୍ଦ୍ଦେଶିକା, କର୍ମଚାରୀ ରାଜ୍ୟ ବୀମା ଯୋଜନା, ଓଡ଼ିଶା ଫାର୍ମାସିସ୍ଟମାନଙ୍କୁ ରୋଗୀ ମାନଙ୍କ ପ୍ରତି ସମବେଦନଶୀଳ ଓ କର୍ତ୍ତବ୍ୟ ପରାୟଣ ହେବାକୁ ଅନୁରୋଧ କରିଥିଲେ। ଶେଷରେ ଡା ଶ୍ୱେତାଲିନ ଆସେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୨୫ ଜଣ ଫାର୍ମାସିସ୍ଟ ଯୋଗଦାନ କରିଛନ୍ତି।

# କେନ୍ଦୁଝର ମେଡିକାଲରେ ପ୍ରଥମ ଅସ୍ଥିଶଲ୍ୟ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୧୭।୭ (ସ୍ୱାଧିକାର ନ୍ୟୁଜ):** କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ସେଣ୍ଟରରେ ପ୍ରଥମ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି।



୧୦ ବର୍ଷର ବାଳକ କ୍ଷିରୋଦ ଜାମୁଡ଼ାଙ୍କୁ ନୂଆ ଜୀବନ ମିଳିଛି। ଚଳିତ ମାସ ୧୪ ତାରିଖ ସନ୍ଧ୍ୟାରେ କ୍ଷିରୋଦ ଏକ ସଡ଼କ ଦୁର୍ଘଟଣାରେ ଗମ୍ଭୀର ଭାବେ ଆହତ ହୋଇଥିଲେ। କ୍ଷିରୋଦଙ୍କୁ ପ୍ରଥମେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଗଲାପରେ କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେନ୍ଦ୍ରକୁ ଉନ୍ନତର ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା। ଟ୍ରମା କେନ୍ଦ୍ରରେ ପରୀକ୍ଷା ନିରୀକ୍ଷା ପରେ ଚିକିତ୍ସକମାନେ ତାଙ୍କ ଦେହରେ ହିମୋଗ୍ଲୋବିନ ମାତ୍ରା କମ ଥିବାର ଲକ୍ଷ୍ୟ କରିଥିଲେ। ତେଣୁ, ବିଶେଷଜ୍ଞ ଡାକ୍ତରମାନେ ତାଙ୍କୁ ଆବଶ୍ୟକୀୟ ଆଶୁ ଚିକିତ୍ସା ଦେଇଥିଲେ। ତାଙ୍କ ଶରୀରର ଗୁରୁତ୍ୱପୂର୍ଣ୍ଣ ମାନକ ଗୁଡିକ ଅସ୍ତ୍ରୋପଚାର ସ୍ଥିତିକୁ ଆସିଲା ପରେ ଅର୍ଥୋପେଡିକ ଅସ୍ତ୍ରୋପଚାର ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଏଥିପାଇଁ ଅର୍ଥୋପେଡିକ ପ୍ରଫେସର ଅଶୋକ କୁମାର ନାୟକ, ଆନେସ୍ଥେସିଆ ପ୍ରଫେସର ଦେବାଶିଷ ସ୍ୱାଇଁ, ଡାକ୍ତର ଅନନ୍ତ ନାରାୟଣ ପାତ୍ର ଓ ଅଧକ୍ଷ ପ୍ରଫେସର ମହେନ୍ଦ୍ର କୁମାର ନାୟକଙ୍କୁ ନେଇ ଏକ ବିଶେଷଜ୍ଞ ଟିମ ଗଠନ କରାଯାଇଥିଲା। ସଫଳ ଅସ୍ତ୍ରୋପଚାର ପରେ ଏବେ କ୍ଷିରୋଦଙ୍କୁ ଟ୍ରମା କେୟାର ଆଇସିୟୁରେ ୨୪ ଘଣ୍ଟିଆ ନିରୀକ୍ଷଣ ପାଇଁ ରଖାଯାଇଛି। ବିଶେଷଜ୍ଞ ଟିମ କ୍ଷିରୋଦଙ୍କର ଅସ୍ତ୍ରୋପଚାର ପରବର୍ତ୍ତୀ ସ୍ଥିତି ନେଇ ଆତ୍ମସନ୍ତୋଷ ବ୍ୟକ୍ତ କରିବା ସହ ସେ ସେ ଶୀଘ୍ର ଆରୋଗ୍ୟ ଲାଭ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

# ରେଳ ଟିକେଟ୍ ଯାଞ୍ଚରେ ରେକର୍ଡ ଅଭିବୃଦ୍ଧି

**ଭୁବନେଶ୍ୱର, ୧୯।୭ (ମହାଭାରତ):** ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସ (ଏପ୍ରିଲ-ଜୁନ୍) ସମୟରେ ଟିକେଟ ଯାଞ୍ଚରାଜସ୍ୱରେ ଏକ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛି। ଏହି ଅଭିବୃଦ୍ଧି ଭଡ଼ା ପାଳନ ସୁନିଶ୍ଚିତ କରିବା ଏବଂ ବୈଧ ଟିକେଟ ସହିତ ଯାତ୍ରା କରିବାର ଗୁରୁତ୍ୱ ବିଷୟରେ ଜନସଚେତନତା ବୃଦ୍ଧି କରିବାରେ ରେଳମଣ୍ଡଳର ବର୍ଦ୍ଧିତ ପ୍ରୟାସକୁ ପ୍ରତିଫଳିତ କରୁଅଛି।

୨୦୨୪-୨୫ ଆର୍ଥିକ ବର୍ଷର ଏପ୍ରିଲ-ଜୁନ ମଧ୍ୟରେ ୧.୭୬ ଲକ୍ଷ ଯାତ୍ରୀଙ୍କ ଠାରୁ ଉପଯୁକ୍ତ କିମ୍ବା ବୈଧ ଟିକେଟ ନଥିବା ବାବଦରେ ପ୍ରାୟ "୮.୭୮ କୋଟି ଆଦାୟ କରାଯାଇଥିଲା ବେଳେ ୨୦୨୫-୨୬ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଉପଯୁକ୍ତ କିମ୍ବା ବୈଧ ଟିକେଟ ବିନାଯାତ୍ରା କରୁଥିବା ମୋଟ ପ୍ରାୟ ୧.୯୨ ଲକ୍ଷଯାତ୍ରୀଙ୍କ ଠାରୁ ଟିକେଟ ଯାଞ୍ଚସମୟରେ ଅନିୟମିତତା ବାବଦରେ ପ୍ରାୟ "୧୦.୭୬ କୋଟି ଜରିମାନା ଏବଂ ଶୁଳ୍କଆଦାୟ କରାଯାଇଅଛି। ଏହା ଗତବର୍ଷର ସମାନ ସମୟ ତୁଳନାରେ ଦଣ୍ଡିତ ଯାତ୍ରୀଙ୍କ ସଂଖ୍ୟା ପ୍ରାୟ ୧୦% ଏବଂ ରାଜସ୍ୱ ଆଦାୟ କ୍ଷେତ୍ରରେ ୨୨% ବୃଦ୍ଧିକୁ ପ୍ରତିଫଳିତ କରୁଅଛି। ସଚେତନତା ଏବଂ ବ୍ୟାପକ ଟିକେଟ




ଯାଞ୍ଚଅଭିଯାନ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ପରିସୀମା ମଧ୍ୟରେ ବ୍ୟାପକ ଟିକେଟ ଯାଞ୍ଚକାର୍ଯ୍ୟ ସହ ଯାତ୍ରୀ ସଚେତନତା ଅଭିଯାନ ଆରମ୍ଭ ହେବା ଫଳରେ ଅନୁପାଳନ ଏବଂ ରାଜସ୍ୱ ବୃଦ୍ଧି ପାଇଛି। ନିୟମିତ ଘୋଷଣା, ସାମାଜିକ ଗଣମାଧ୍ୟମ ଏବଂ ଷ୍ଟେସନ ସ୍ତରୀୟ ଅଭିଯାନ ମାଧ୍ୟମରେ ଯାତ୍ରୀମାନଙ୍କୁ ବୈଧ ଟିକେଟ ସହିତ ଯାତ୍ରା କରିବାର ଗୁରୁତ୍ୱ ଏବଂ ଉଲ୍ଲଂଘନ ପାଇଁ ଦଣ୍ଡ ବିଷୟରେ ସଚେତନତା କରାଯାଇଥିଲା। ସୁଗମ ଏବଂ ପ୍ରଭାବଶାଳୀ ଯାଞ୍ଚ ସୁନିଶ୍ଚିତ କରିବା ପାଇଁ ରେଳ ସୁରକ୍ଷାବଳ (ଆରପିଏଫ) ସହିତ ସମନ୍ୱୟରେ କାର୍ଯ୍ୟ କରି ପ୍ରମୁଖ ଷ୍ଟେସନ ଏବଂ ଅନବୋର୍ଡ ଟ୍ରେନ ଗୁଡ଼ିକରେ ସ୍ୱତନ୍ତ୍ର ଦଳ ନିୟୋଜିତ କରାଯାଇଥିଲା। ଏହି ପ୍ରୟାସ ଗୁଡ଼ିକ ଟିକେଟ ବିହୀନ ଯାତ୍ରାରେ ଏକ ଦୃଶ୍ୟମାନ ହ୍ରାସ ଆଣିଛି ଏବଂ ସାମଗ୍ରିକ ଯାତ୍ରୀ ଅଭିଜ୍ଞତାକୁ ବୃଦ୍ଧିକରିଛି। ଖୋର୍ଦ୍ଧାରୋଡ ରେଳମଣ୍ଡଳ ସ୍ୱଚ୍ଛତା ବଜାୟ ରଖିବା, ଯାତ୍ରୀ ସେବାରେ ଉନ୍ନତି ଆଣିବା ଏବଂ ଦାୟିତ୍ୱପୂର୍ଣ୍ଣ ଯାତ୍ରାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ । ସମସ୍ତ ଯାତ୍ରୀଙ୍କୁ ଅସୁବିଧା ଏଡାଇବା ଏବଂ ଅଧିକ ଦକ୍ଷ ରେଳବ୍ୟବସ୍ଥାରେ ଯୋଗଦାନ ଦେବା ପାଇଁ ବୈଧ ଯାତ୍ରା କର୍ତ୍ତୃପକ୍ଷଙ୍କ ଅଧିକାର ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି।

# ସୋଆ ବିଶ୍ୱବିଦ୍ୟାଳୟ : ସମାଜ ସେବା କରିବା ଲକ୍ଷ୍ୟ

**ଭୁବନେଶ୍ୱର, ୧୯।୭ (ମହାଭାରତ):** ଗୁଣବତା ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ଗବେଷଣାକୁ ଅଗ୍ରାଧିକାର ଓ ସର୍ବାଧିକ ଗୁରୁତ୍ୱ ଦେଉଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ୧୮ ବର୍ଷ ପୂରଣ କରି ୧୯ରେ ପାଦ ଥାପିଥିବା ବେଳେ ଭବିଷ୍ୟତରେ ଦେଶର ଆଗଧାଡ଼ିର ଶିକ୍ଷାନୁଷ୍ଠାନ ତାଲିକାରେ ନିଜକୁ ସାମିଲ କରିବାର ଲକ୍ଷ୍ୟ ରଖିଛି।

ନ୍ୟାସ୍ନାଲ୍ ଇନ୍ଷ୍ଟିଚ୍ୟୁସ୍ନାଲ୍ ର୍ୟାଙ୍କିଙ୍ଗ ଫ୍ରେମୱାର୍କ ର୍ୟାଙ୍କିଙ୍ଗସ ୨୦୨୪ରେ ସୋଆ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟରେ ୧୪ ତମ ସ୍ଥାନ ହାସଲ କରିଥିବା ବେଳେ ୟୁଜିସି ପକ୍ଷରୁ କ୍ୟାଟେଗୋରୀ ୱାନ୍ର ମାନ୍ୟତା ପାଇଥିବା କହିଛନ୍ତି ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ। ଶୁକ୍ରବାର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହା କହିଛନ୍ତି ପ୍ରଫେସର ନନ୍ଦ। ସୋଆ ୨୦୦୭ ମସିହା ଜୁଲାଇ ୧୭ ତାରିଖରେ ୟୁଜିସି ଆକ୍ଟ ୧୯୫୬ର ଧାରା ୩ ଅନୁଯାୟୀ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଡିମ୍ଡ ଟୁ ବି ୟୁନିଭର୍ସିଟିର ମାନ୍ୟତା ପାଇଥିଲା।




ଏକ ନମ୍ର ପ୍ରୟାସରୁ ନିଜର ଯାତ୍ରା ଆରମ୍ଭ କରିଥିବା ସୋଆ ଦୀର୍ଘ ପଥ ଅତିକ୍ରମ କରିସାରିଥିବା ବେଳେ ଗବେଷଣାକୁ ଅଧିକ ମହତ୍ୱ ଦେଉଥିବା ସରକାରୀ ଅନୁଦାନ ସହାୟତାରେ ବର୍ତ୍ତମାନ ଏହି ବିଶ୍ୱବିଦ୍ୟାଳୟର ୧୧୫ ଟି ଗବେଷଣା ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ପ୍ରଫେସର ନନ୍ଦ ପ୍ରକାଶ କରିବା ସହ ଏହାର ୧୮ଟି ବହୁବିଧ ଗବେଷଣା କେନ୍ଦ୍ର ଓ ୬୦ଟି ଲାବୋରେଟୋରୀ କାର୍ଯ୍ୟକ୍ଷମ ଥିବା କହିଛନ୍ତି। ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ଦେବାଶିଷ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ୧୮ ବର୍ଷ ପରେ ସୋଆ ବର୍ତ୍ତମାନ କେଉଁ ବିଷୟବସ୍ତୁ ଉପରେ ଅଧିକ ଗୁରୁତ୍ୱ ଦେବ ସେ ନେଇ ଆତ୍ମଚିନ୍ତନ କରିବାର ସମୟ ଆସିଛି। ସେ କହିଥିଲେ ଯେ ସୋଆ ଏଭଳି ଏକ ପ୍ରକଳ୍ପ ସମ୍ପର୍କରେ ଚିନ୍ତା କରିବା ଉଚିତ୍ ଯେଉଁଥିରେ ସ୍ୱାସ୍ଥ୍ୟ ବିଜ୍ଞାନ, ଇନିୟରିଂ ଏବଂ ଜୈବ ବିଜ୍ଞାନ କ୍ଷେତ୍ରରେ ଗବେଷଣା କରୁଥିବା ଗବେଷକମାନେ ମିଳିତ ସହଭାଗିତାରେ କାର୍ଯ୍ୟ କରି ଏକ ଡାଟାବେସ୍ ପ୍ରସ୍ତୁତ କରିବେ ଯେଉଁଥିରେ କି ବହୁବିଧ ସହଭାଗିତାର ଆବଶ୍ୟକତା ରହିଥିବ। ଏହି କାର୍ଯ୍ୟ ଆନ୍ତର୍ଜାତିକ ସ୍ତରରେ କରିବା ଆବଶ୍ୟକ ଯେପରି କି ସାରା ଦେଶ ସୋଆର ଏହି କାର୍ଯ୍ୟକୁ ଅନୁଶୀଳନ କରିବ ବୋଲି ସେ କହିଛନ୍ତି। ଡକ୍ଟର ଦାସ କହିଥିଲେ ଯେ ଗବେଷକମାନେ ଏଭଳି ପ୍ରକଳ୍ପରେ କାର୍ଯ୍ୟ କରିବା ଉଚିତ୍ ଯାହାକି ସମାଜର ବିଭିନ୍ନ ହିତ ନିମନ୍ତେ ଉପଯୋଗୀ ହୋଇପାରିବ। ସମାଜକୁ ନିଜର ଅବଦାନ ଦେବା ନିମନ୍ତେ ସବୁ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିବା ସୋଆର ଲକ୍ଷ୍ୟ ରହିଛି ବୋଲି ପ୍ରଫେସର ନନ୍ଦ କହିଥିଲେ। ଜଟିଳ ଏବଂ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଥିବା ରୋଗୀଙ୍କ ଚିକିତ୍ସା ନିମନ୍ତେ ସୋଆର ଗବେଷକମାନେ ସାଧାରଣ ଓ ସୁଲଭ ମୂଲ୍ୟରେ ଫାର୍ମାସ୍ୟୁଟିକାଲ୍ ଫର୍ମୁଲେସନ୍ ଉଦ୍ଭାବନ କରିପାରିଛନ୍ତି। ଏହି ସଂକ୍ରାନ୍ତରେ ନିକଟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧିନସ୍ଥ ନ୍ୟାସନାଲ ରିସର୍ଚ୍ଚ ଡେଭେଲପମେଂଟ କର୍ପୋରେସନ୍ ସହିତ ଏକ ଟେକ୍ନୋଲୋଜି ଲାଇସେନ୍ସ ବୁଝାମଣା ସ୍ୱାକ୍ଷରିତ ହୋଇଛି।

# ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ

**ଭୁବନେଶ୍ୱର, ୧୯।୭ (ମହାଭାରତ):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସ୍ନାତକୋତ୍ତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ଆରମ୍ଭ ହୋଇଥିବା ପାଞ୍ଚ ଦିନିଆ ପ୍ରଶିକ୍ଷଣ ଉଦଯାପିତ ହୋଇଯାଇଛି। ଏହି ଅବସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍. ଆୟାର, ଅବସରପ୍ରାପ୍ତ ଶିକ୍ଷା ବିଭାଗର ପ୍ରଫେସର ଡ଼. ବିମଳ ଚରଣ ସ୍ୱାଇଁ, ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳୀ , ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ଉପ ନିର୍ଦ୍ଦେଶିକା ଶ୍ରୀମତୀ ସିଏଚ୍. ବିଜୟ ଲକ୍ଷ୍ମୀ ଏବଂ ଡ଼. ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପାଞ୍ଚ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୨୫ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ଓ ଏହି ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଅନେକ ବିଷୟ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ବିଶେଷ କରି ସେମାନଙ୍କ ବ୍ୟକ୍ତିଗତ ବିକାଶ ଦିଗରେ ଅଧିକ ପ୍ରାଧାନ୍ୟ ଦିଆଯାଇଥିଲା। ଶିକ୍ଷକମାନେ ପ୍ରଶିକ୍ଷିତ ହେଲେ ସେମାନେ ଆଗାମୀ ପିଢ଼ିକୁ ସଠିକ୍ ଢଙ୍ଗରେ ଗଢ଼ି ପାରିବେ। ଏହି ଅବସରରେ ନିର୍ଦ୍ଦେଶକ ଶ୍ରୀ ଆୟାର୍ ଯୋଗ ଦେଇ କହିଛନ୍ତି, ଏହି ପାଞ୍ଚ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ହିଁ ସେମାନଙ୍କ ଶିକ୍ଷକତା ଯାତ୍ରାର ଶୁଭାରମ୍ଭ ହୋଇଛି। ଏହିଠାରୁ ବାହାରିବା ପରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କ ଚରିତ୍ର ଗଠନ କରିବେ ଓ ସମାଜରେ ଏକ ପରିବର୍ତ୍ତନ ଆଣିବେ ବୋଲି ମତ ପ୍ରକାଶ କରିଛନ୍ତି ନିର୍ଦ୍ଦେଶକ ଶ୍ରୀ ଆୟାର।

ସେହିପରି ପ୍ରଫେସର ଶ୍ରୀ ସ୍ୱାଇଁ ଶ୍ରେଣୀଗୃହରେ ଶିକ୍ଷକମାନେ କିପରି ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିବେ ତଥା ଘରଚ - ୨୦୨୦ ଉପରେ କାର୍ଯ୍ୟ କରିବେ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ସ୍ୱାଇଁଙ୍କ ମତରେ ଶିକ୍ଷା ବ୍ୟବସ୍ଥା ଚାରୋଟି ସ୍ତମ୍ଭକୁ ନେଇ ଗଠିତ, ଯଥା- ଜ୍ଞାନ ଆହରଣ ଇଛା, ଜ୍ଞାନକୁ କାର୍ଯ୍ୟରେ ଲଗାଇବା, ଭଲ ମଣିଷ ହେବା ଏବଂ ମିଳିମିଶି ରହିବା।

ତେବେ, କାର୍ଯ୍ୟକ୍ରମକୁ ପିଜିଟି ଶିକ୍ଷୟିତ୍ରୀ ଶୁନୁଲତା ଘଡ଼ାଇ ପରିଚାଳନା କରିଥିବା ବେଳେ ପିଜିଟି ଶିକ୍ଷକ ଶ୍ରୀ ଦିବ୍ୟସିଂହ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହ ପ୍ରଶିକ୍ଷଣକୁ ଆହୁରି କିପରି କ୍ରୀୟାଶିଳ ଏବଂ ଉନ୍ନତ କରାଯାଇପାରିବ ସେ ନେଇ ପ୍ରଶିକ୍ଷାର୍ଥୀମାନେ ମତ ପୋଷଣ କରିଥିଲେ।

# କଂଗ୍ରେସ ଭବନରେ ଖୋଲିବ ମହିଳା ଅଭିଯୋଗ ପ୍ରକୋଷ୍ଠ



**ଭୁବନେଶ୍ୱର, ୧୯।୭ (ମହାଭାରତ):** ରାଜ୍ୟରେ ମହିଳାଙ୍କ ଉପରେ ବଢ଼ି ଚାଲିଥିବା ଅତ୍ୟାଚାରର ନିରାକରଣ ପାଇଁ କଂଗ୍ରେସ ଦଳ ପକ୍ଷରୁ ରାଜ୍ୟ କଂଗ୍ରେସ ଭବନରେ ଏକ ମହିଳା ଅଭିଯୋଗ ପ୍ରକୋଷ୍ଠ ଖୋଲାଯିବ ଏବଂ ଏକ ସ୍ୱତନ୍ତ୍ର ମହିଳା ସୁରକ୍ଷା ଆପ୍ ମଧ୍ୟ ଖୋଲାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୁଚନା ଦେଇଛନ୍ତି। ପିସିସି ସଭାପତି କହିଛନ୍ତି ଯେ, ଆସନ୍ତା ୨୪ ତାରିଖ ଦିନ ରାଜ୍ୟ ସାରା ଏଫ୍‌କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରାଯିବ। ସେ କହିଛନ୍ତି, ରାଜ୍ୟରେ ଅସୁବିଧାରେ ଥିବା ମହିଳାମାନେ ଏହି ଆପରେ ଅଭିଯୋଗ କରି ପାରିବେ। ମହିଳାଙ୍କ ଅସୁବିଧା କଂଗ୍ରେସ ସମାଧାନ କରିବ। ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ଶ୍ରାଦ୍ଧ ଦିବସ ଥିବାରୁ ଏହି କାର୍ଯ୍ୟକ୍ରମ ହାତକୁ ନେଇଛି କଂଗ୍ରେସ। କଂଗ୍ରେସ ସହ ସାମିଲ ହେବେ ୮ ବାମ ପନ୍ଥୀ ଦଳ। ରାଜ୍ୟରେ ଗତ କିଛି ଦିନରେ ହତ୍ୟା, ଆତ୍ମହତ୍ୟାର ଶିକାର ହୋଇଥିବା ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏହା ପାଳିତ ହେବ। କଲେଜ୍ ଓ ୟୁନିଭରସିଟିରେ ଦୁଇ ମିନିଟ ପାଇଁ ନିରବ ପ୍ରାର୍ଥନା ସହ ଏହି ଦିବସ ପାଳନ ପାଇଁ କଂଗ୍ରେସ ନିବେଦନ କରୁଛି। ସର୍ବଦଳୀୟ ବୈଠକରେ ଏହା ନିଷ୍ପତ୍ତି ହୋଇଛି।

# ୪ରୁ 'ନବ ନିର୍ମାଣ କୃଷକ ସଙ୍ଗଠନ'ର ପଦଯାତ୍ରା

**ଭୁବନେଶ୍ୱର, ୧୯।୭ (ମହାଭାରତ):** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ମାମଲା ନେଇ ରାଜ୍ୟସାରା ଚର୍ଚ୍ଚା ହେଉଛିୟ ଏହି ମାମଲାକୁ ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଛି। ଛାତ୍ରୀ ମୃତ୍ୟୁ ନେଇ ଗତ ୧୬ ତାରିଖ ଦିନ ବିଜୁ ଜନତା ଦଳ (ବିଜେଡି) ଉଭୟ ଭୁବନେଶ୍ୱର ଓ ବାଲେଶ୍ୱରରେ ପ୍ରଦର୍ଶନ କରିଥିଲାୟ ସେହିପରି କଂଗ୍ରେସ ପକ୍ଷରୁ ଜୁଲାଇ ୧୭ ତାରିଖ (ଗୁରୁବାର) ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହି ଆନ୍ଦୋଳନ ଆଗକୁ ବାଢ଼ବା ପାଇଁ ନବ ନିର୍ମାଣ କୃଷକ ସଂଗଠନ ଅଣ୍ଟା ଭିଡ଼ିଛି।

ନବ ନିର୍ମାଣ କୃଷକ ସଂଗଠନ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛିୟ ଆସନ୍ତା ୪ ଅଗଷ୍ଟରୁ ୧୮ ଅଗଷ୍ଟ ପର୍ଯ୍ୟନ୍ତ ବାଲେଶ୍ୱରରୁ ଭୁବନେଶ୍ୱର ଯାଏଁ ନବ ନିର୍ମାଣ ଛାତ୍ର ସଂଗଠନର ପଦଯାତ୍ରା ଓ ସତ୍ୟାଗ୍ରହ ହେବ ବୋଲି କହିଛି। ନବ ନିର୍ମାଣ କୃଷକ ସଂଗଠନର ପଦଯାତ୍ରା ନେଇ ଅକ୍ଷୟ କୁମାର ଗଣମାଧ୍ୟମକୁ କହିଛନ୍ତି ଯେ, ବାଲେଶ୍ୱର ଛାତ୍ରୀ କେବଳ ଜଣେ ସାଧାରଣ ଛାତ୍ରୀ ନଥିଲେ, ବରଂ ତାଙ୍କ ଆତ୍ମାହୁତି ଜଣେ ବିପ୍ଳବୀ ଝିଅ ତଥା ଝାଂସୀ ରାଣୀର ପରିଚୟ ଦେଇଛିୟ ତାଙ୍କ ମୃତ୍ୟୁ ସମସ୍ତଙ୍କ ପାଇଁ ଦୁଃଖ ଆଣି ଦେଇଛି। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବ୍ୟବସ୍ଥା ପରିବର୍ତ୍ତନ କରିବାର ଏକ ନୂଆ ମାର୍ଗ ଖୋଜିବାର ଆବଶ୍ୟକତା ରହିଛି। ତେଣୁ ଆଗାମୀ ୪ ଅଗଷ୍ଟରୁ ବାଲେଶ୍ୱରରୁ ଏକ ପଦଯାତ୍ରା ବାହାରି ଆଗାମୀ ଅଗଷ୍ଟ ୧୮ ତାରିଖରେ ଭୁବନେଶ୍ୱର ପହଞ୍ଚି ଏକ ବିଶାଳ ଛାତ୍ର ସମାବେଶ ଅନୁଷ୍ଠିତ ହେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନ କରି ସଂଗଠନ କହିଛି ଯେ ନୈତିକତା ଦୃଷ୍ଟିରୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଇସ୍ତଫା ଦିଅନ୍ତୁ।

# ଓଡ଼ିଶା ଗସ୍ତରେ ଆସାମ ବିଧାନସଭାର ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି

**ଭୁବନେଶ୍ୱର,୧୯।୭ (ମହାଭାରତ):** ଆସାମ ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟିର ସଦସ୍ୟମାନେ ଓଡ଼ିଶା ଗସ୍ତରେ ଆସି ବୁଧବାର ବାଚସ୍ପତି ସୁରମା ପାଢ଼ୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ରାମେନ୍ଦ୍ର ନାରାୟଣ କାଲିଟାଙ୍କ ଅଧ୍ୟକ୍ଷତାରେ ଆସିଥିବା ଏହି ପ୍ରତିନିଧି ମଣ୍ଡଳୀ ଓଡ଼ିଶା ବିଧାନସଭାର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହେବା ସହ ରାଜ୍ୟ ବିଧାନସଭାର ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟିର ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ଏବଂ ସଦସ୍ୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପଦ୍ମଚରଣ ହାଇବ୍ରୁରୁ, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଅଖିଳ ଚନ୍ଦ୍ର ନାଏକ, ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ମଙ୍ଗୁ ଖିଲ ପ୍ରମୁଖଙ୍କ ସହ କମିଟିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉଭୟ ରାଜ୍ୟରେ ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି ଗ୍ରହଣ କରିଥିବା ଉଲ୍ଲେଖନୀୟ କାର୍ଯ୍ୟକୁ ଆପଣାଇବା ପାଇଁ ସଦସ୍ୟମାନେ ସହମତି ପ୍ରକାଶ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଓଡ଼ିଶା ବିଧାନସଭାରେ ୪ଟି ଆର୍ଥିକ କମିଟି, ଆକାଉଂଟ କମିଟି, ଏଷ୍ଟିମେଟ୍ କମିଟି, ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ କମିଟି ସମେତ ୧୦ଟି ସ୍ଥାୟୀ କମିଟି, ୧୨ଟି ହାଉସ୍ କମିଟି, ୫ଟି ଆଇନ ଅନୁଯାୟୀ ଗଠିତ କମିଟି ଓ ଆମେନେଟିଜ୍ କମିଟି ସମେତ ଆଡ୍-ହକ୍ କମିଟି ସକ୍ରିୟ ଭାବେ କାର୍ଯ୍ୟ କରୁଛି । ଏହି ବୈଠକ ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅନ୍ୟାୟର ଜ୍ୱଳନ୍ତ ଉଦାହରଣ

୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ମାମଲା ସଂଖ୍ୟା ଅଧିକ ରହିବା ସ୍ୱାଭାବିକ। ଦ୍ୱିତୀୟରେ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ। ଗୋଟିଏ ଗୋଟିଏ ମାମଲାର ତଦନ୍ତ ବର୍ଷ ବର୍ଷ ଧରି ଚାଲୁଛି। ହେଲେ ଦୋଷୀଙ୍କ ବିରୋଧରେ ଚାର୍ଜସିଟ୍ ପ୍ରସ୍ତୁତ ହୋଇପାରୁନାହିଁ। ତଦନ୍ତକାରୀ ଅଧିକାରୀ ବଦଳି ହୋଇ ଚାଲିଯାଉଛନ୍ତି, ଅବସର ନେଇଗଲେ ମଧ୍ୟ ତଦନ୍ତ ସରୁନାହିଁ। ଆଉ ଅନେକ କ୍ଷେତ୍ରରେ ଅଭିଯୁକ୍ତଙ୍କ ବିୟୋଗ ହୋଇଗଲେ ମଧ୍ୟ ମାମଲା ସରୁନାହିଁ। ଏହାକୁ କହନ୍ତି ବିଡ଼ମ୍ବିତ ନ୍ୟାୟ। ନିକଟରେ ଉତ୍ତରପ୍ରଦେଶର ଏକ କୋର୍ଟ ଏକ ଗଣହତ୍ୟା ମାମଲାରେ ୩ଜଣଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ୪୪ ବର୍ଷ ପରେ ଏହି ମାମଲାର ରାୟ ପ୍ରକାଶ ପାଇଛି। ୧୯୮୧ରେ ଏହି ଗଣହତ୍ୟା ଘଟିଥିଲା। ଏଥିରେ ସମ୍ପୃକ୍ତ ୧୪ଜଣ ଅଭିଯୁକ୍ତ ସ୍ୱାଭାବିକ ମୃତ୍ୟୁ ବରଣ କରି ସାରିଲେଣି। ଅବଶିଷ୍ଟ ୩ଜଣ ବାର୍ଦ୍ଧକ୍ୟରେ ଉପନୀତ । ସେମାନଙ୍କୁ ଫାଶୀ ଦେବାର ମାନେ କିଛି ନାହିଁ। ଉପରକୋର୍ଟରେ ସେମାନେ ଖସି ଯାଇପାରନ୍ତି। ହାଇକୋର୍ଟ ପରେ ସୁପ୍ରିମକୋର୍ଟ ରହିଛି। ସମ୍ଭବତଃ ଫାଶୀ ଦଣ୍ଡାଦେଶ କାର୍ଯ୍ୟକାରୀ ହେବାକୁ ଆଉ ୧୦ ବର୍ଷ ଲାଗିଯାଇପାରେ। ଏହାକୁ କହନ୍ତି ବିଡ଼ମ୍ବିତ ନ୍ୟାୟ। ଏଭଳି ଏକ ମାମଲା ହେଲା ୧୯୮୪ର ଶିଖ ବିରୋଧୀ ଦଙ୍ଗା। ଏଥିରେ ଜଣେ ପ୍ରମୁଖ ଅଭିଯୁକ୍ତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜଗଦୀଶ ଟାଇଟଲରଙ୍କ ବିରୋଧରେ ଚାର୍ଜସିଟ୍ ପ୍ରସ୍ତୁତ ଲାଗି ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ବିରୋଧରେ ଅଭିଯୋଗର ଯଥେଷ୍ଟ ସାକ୍ଷ୍ୟ ପ୍ରମାଣ ରହିଛି ବୋଲି କୋର୍ଟ କହିଛନ୍ତି। ଏହି ଘଟଣାକୁ ୪୦ ବର୍ଷ ବିତିଗଲାଣି। ତଥାପି ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡ ବିଧାନ ହୋଇନପାରିବା ଦୁର୍ଭାଗ୍ୟଜନକ। ୧୯୮୪ରେ ଅପରେସନ ବ୍ଲୁ-ଷ୍ଟାରର ପ୍ରତିଶୋଧ ନେବାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଅଙ୍ଗରକ୍ଷୀ ଗୁଳି କରି ହତ୍ୟା କରିଥିଲେ। ସେ ଥିଲେ ଜଣେ ଶିଖ ଧର୍ମାବଲମ୍ବୀ। ତେଣୁ ଇନ୍ଦିରାଙ୍କ ହତ୍ୟା ପରେ ଦିଲ୍ଲୀରେ ଆରମ୍ଭ ହୋଇଥିଲା ଶିଖ ବିରୋଧୀ ଦଙ୍ଗା। ଶହ ଶହ ଶିଖ ଧର୍ମାବଲମ୍ବୀଙ୍କୁ ହତ୍ୟା କରାଯାଇଥିଲା। ଏଥିରେ କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ହତ୍ୟା, ହିଂସା ଏବଂ ଦଙ୍ଗା ଲାଗି ଉସୁକାଇବା, ଧର୍ମପୀଠ ଉପରେ ଆକ୍ରମଣ, ନିଆଁ ଲଗାଇବା, ଲୁଟ ଏବଂ ଉତ୍ତେଜନା ସୃଷ୍ଟିକାରୀ ଭାଷଣ ଦେବା ଅଭିଯୋଗ ଆସିଛି। ଦିଲ୍ଲୀର ଗୋଟିଏ ଗୁରୁଦ୍ୱାରା ଉପରେ କିଛି ଲୋକ ଆକ୍ରମଣ କରି ତିନିଜଣଙ୍କୁ ହତ୍ୟା କରିଥିଲେ। ହତ୍ୟାକାରୀମାନେ ଜଗଦୀଶ ଟାଇଟଲରଙ୍କ ନେତୃତ୍ୱରେ ଆସିଥିଲେ, ତାଙ୍କ ଇଙ୍ଗିତ ଏବଂ ନିର୍ଦ୍ଦେଶରେ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲେ। ନିରୀହ ଲୋକଙ୍କୁ ହତ୍ୟା କରିଥିଲେ। ହାତରେ ସେମାନେ ତଲୱାର, ଲୁହାରଡ଼, ବାଡ଼ି, ପେଟ୍ରୋଲ ଆଦି ଧରି ସେମାନେ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲେ। ଏଭଳି ଅନେକ ଘଟଣା ଘଟିଛି ଯେଉଁଥିରେ କଂଗ୍ରେସ କର୍ମୀମାନେ ସାମିଲ ଥିଲେ। ଏମାନଙ୍କର ନେତା ଥିଲେ ଜଗଦୀଶ ଟାଇଟଲର। ଆଉ ଜଣେ ନେତା ସଜ୍ଜନ କୁମାରଙ୍କ ବିରୋଧରେ ମଧ୍ୟ ଏଭଳି ଅଭିଯୋଗ ଆସିଥିଲା। ୪୦ ବର୍ଷ ଭିତରେ ଅନେକ ଅଭିଯୁକ୍ତ ମରିହଜି ଗଲେଣି। ଅନେକ ମୃତକଙ୍କ ପରିବାରରେ ତାଙ୍କ ଉତ୍ତରାଧିକାରୀମାନେ ମଧ୍ୟ ମରିଗଲେଣି। ଅନେକ ନ୍ୟାୟ ପାଇଁ ଅପେକ୍ଷା କରି କରି ହତାଶ ହୋଇଗଲେଣି। ମାମଲାର ୪୦ ବର୍ଷ ପରେ ବି ଯଦି ନ୍ୟାୟିକ ପ୍ରକ୍ରିୟା ଶେଷ ହୋଇପାରିଲାନି, ତେବେ ଏହାକୁ ନ୍ୟାୟ ବୋଲି କୁହାଯାଇପାରିବ ନାହିଁ। ଏହାକୁ ଅନ୍ୟାୟର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରିବ।

# ସୁପର ଫୁଡର ପୁଷ୍ଟିଶସ୍ୟ


॥ ବିପିନ ବିହାରୀ ରାଉତ ॥



“ ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା।


ଓଡ଼ିଶାରେ ଉତ୍ପାଦିତ ମାଣ୍ଡିଆ ସଂପ୍ରତି ବିଶ୍ୱ ଦରବାରରେ ପହଞ୍ଚି ଏହାର ଆଦୃତି ଓ ଲୋକପ୍ରିୟତାକୁ ବଢ଼ାଇଛି। ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ଓଡ଼ିଶା ମିଲେଟ। ଏହାକୁ ଦୃଷ୍ଟିରେ ରଖି ଆଜି ଓ ଆସନ୍ତାକାଲି ଦୁଇଦିନ ତିନିଶହରୁ ଅଧିକ ବିଦେଶୀ ପ୍ରତିନିଧିଙ୍କୁ ନେଇ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବା ମିଲେଟ ସମ୍ମିଳନୀ ଆୟୋଜନ ହେଉଛି। ଯେଉଁଥିରେ ୧୮ଟି ଫୁଡଷ୍ଟଲ, ୭୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ ଓ ୧୩ଟି ଷ୍ଟଲରେ ଚାଷରେ ବ୍ୟବହାର କରୁଥିବା ବିଭିନ୍ନ ମେସିନ ପ୍ରଦର୍ଶିତ କରାଯିବାର କାର୍ଯ୍ୟକ୍ରମ ରହିଛି। କେବଳ ସେତିକି ନୁହେଁ ଆଗାମୀ ଦଶ ବର୍ଷକୁ ଦୃଷ୍ଟିରେ ରଖି ମାଣ୍ଡିଆ ଚାଷକୁ ଏକ ଲୋକପ୍ରିୟ ଓ ବିଧିବଦ୍ଧ ଭାବେ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇ ବୈଜ୍ଞାନିକ ପ୍ରଣାଳୀରେ ଉତ୍ପାଦନ ବୃଦ୍ଧି ସହ ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକରୁ ମାଣ୍ଡିଆ ଚାଷର ଶ୍ରେଷ୍ଠ ଉପାୟ ବିଷୟରେ ଜାଣିବା, ହୋଟେଲ ଓ ରେଷ୍ଟୁରାଣ୍ଟରେ ମିଲେଟ ଖାଦ୍ୟର ବିଭିନ୍ନ ପ୍ରସ୍ତୁତିକୁ ପ୍ରୋତ୍ସାହନ, ସର୍ବୋପରି ମାଣ୍ଡିଆକୁ କିଭଳି ଉତ୍ତମ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରି ମୂଲ୍ୟଯୁକ୍ତ କରାଯାଇପାରିବ ସେ ନେଇ ସବିଶେଷ ଆଲୋଚନାର କାର୍ଯ୍ୟକ୍ରମ ରହିଛି।

ସର୍ବମୋଟ ୩୨ କର୍ମଶାଳାରେ ୧୯୮ ଜଣ ଖ୍ୟାତିସମ୍ପନ୍ନ ପ୍ୟାନେଲିଷ୍ଟ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ମିଲେଟର ଜୟଯାତ୍ରାରେ ମାଆ ମାନଙ୍କ ଦକ୍ଷତା ଓ ସେମାନଙ୍କର ସଶକ୍ତିକରଣର ବ୍ୟାପକ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ ହେବ। ସେହିପରି ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲପମେଣ୍ଟ, ଦକ୍ଷିଣପୂର୍ବ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଆଫ୍ରିକୀୟ ଦେଶ ସହ ୟୁରୋପୀୟ ଦେଶର କୃଷି ପରାମର୍ଶଦାତାଙ୍କ ସମେତ ବିଭିନ୍ନ ଦୂତାବାସର ପ୍ରତିନିଧି ଓ ବିଭିନ୍ନ ରାଜ୍ୟର କୃଷି ସଚିବମାନେ ଯୋଗଦାନ କରି ଏଥିରେ ସାମିଲ ହେବେ।

ଚଳିତ ନଭେମ୍ବରରେ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମିଲେଟର ବହୁଳ ବ୍ୟବହାର, ମିଲେଟ ଚାଷର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ସହଭାଗୀ ସଂସ୍ଥାର ସହଯୋଗରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ୨୦୨୨ ମସିହାରୁ ନଭେମ୍ବର ୧୦ ତାରିଖକୁ ୨୦୨୨କୁ ମାଣ୍ଡିଆ ଦିବସ ଭାବେ ଘୋଷଣା କରିଥିଲେ। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜରାଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାର ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା, ଆଇସିଡିଏସ, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ଇତ୍ୟାଦିରେ ମିଲେଟ ଖାଦ୍ୟର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସହ ବାଜରାଭିତ୍ତିକ ଉତ୍ପାଦର ବଜାର ଓ ରପ୍ତାନିକୁ ସୁଗମ କରିବାକୁ ଗୁରୁତ୍ୱ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ଗୁରୁତ୍ୱ ଦିଆଯାଇଛି।

ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା। ସେହିଭଳି କୃଷି ଏବଂ ମିଶନ ଶକ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦନଗୁଡ଼ିକର ଉତ୍ତମ ବଜାର ସୁବିଧା ସମ୍ପର୍କରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ମିଲେଟଭିତ୍ତିକ ଉତ୍ପାଦର ମୂଲ୍ୟଯୁକ୍ତ ବ୍ୟବହାର ସହ ପ୍ରମୁଖ ସହର ଏବଂ ଜିଲ୍ଲା ସଦର ମହକୁମାରେ ମିଲେଟ ଶକ୍ତି କାଫେ/ଆଉଟଲେଟ ଖୋଲାଯାଇଛି। ବ୍ଲକ ସହର ଭିତରେ ଥିବା ମିଲେଟ ଟିଫିନ ସେଣ୍ଟରରେ ଜଳଖିଆ ଦିଆଯାଉଛି। ଏହାର ବ୍ୟାପକତା ଉପରେ ଗୁରୁତ୍ୱ ଏବଂ ଓଡ଼ିଶା ମିଲେଟ ମିଶନର ସଫଳତା ସମ୍ପର୍କରେ ସମ୍ମିଳନୀରେ ସବିଶେଷ ଆଲୋଚନା ହେବ।

ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ମ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ୍ୟ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖି ଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟସ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୭ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି।

୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକ ମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ୍ୟ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟସ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରସାୟନିକ ସାରା ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ୍ୟ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟସ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟସ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁନଥିଲେ କିମ୍ବା ଏହାର ଆଦର ନଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ପାଲଟିଛି।

ଗତ ଜି-୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ଏହା ବିନା ଜଳସେଚନ ଓ ବିନା କୀଟାଣୁ ନାଶକ ବା ରାସାୟନିକ ସାର ପ୍ରୟୋଗରେ ଧାନ ଓ ଗହମ ଠାରୁ କମ ଖର୍ଚ୍ଚରେ ଚାଷ କରାଯାଇ ପାରିବ। ଭବିଷ୍ୟତରେ ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ଏହା ହେବ ସେଗୁଡ଼ିକର ଉପାଦେୟ ବିକଳ୍ପ। ଏହା ଓଡ଼ିଶାର କୃଷି ଓ ଚାଷୀଭାଇ ତଥା ମହିଳା ସ୍ୱୟଂ ସହାୟକ ସଂଗଠନ ପାଇଁ ସେମାନଙ୍କର ବୃତ୍ତିଗତ କର୍ମକ୍ଷେତ୍ର ପାଇଁ ବଡ଼ ଆର୍ଥିକ ଅବଲମ୍ବନର ଉତ୍ସ। ଦିନକୁ ଦିନ ଏହାର ଗ୍ରହଣୀୟତା ଓ ଚାହିଦା ବଢୁଥିବାବେଳେ ଲୋକମାନଙ୍କ ମଧ୍ୟରେ ମଧ୍ୟ ଆଗ୍ରହ ବଢୁଛି। ଲୋକମାନଙ୍କ ଭିତରେ ଦିନକୁ ଦିନ ଏହାର ଆଗ୍ରହ ଯେଉଁପରି ବଢୁଛି ଓ ମାଣ୍ଡିଆ ବିଭିନ୍ନ ପ୍ରସ୍ତୁତିରେ ଖାଦ୍ୟ ପସରା ବଜାରରେ ଉପଲବ୍ଧ ହେଉଛି ଏଥିରୁ ମାଣ୍ଡିଆର ଲୋକପ୍ରିୟତା ପ୍ରମାଣିତ ହେଉଛି। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ପାଇଁ ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରବୃତ୍ତ ଲାଭ ହେଉଛି।


ଉପନିର୍ଦ୍ଦେଶକ, ଓରମାସ, ଭୁବନେଶ୍ୱର, ଦୂରଭାଷ : ୯୪୩୭୬୬୬୪୫୩,


# ନିଶ୍ୱାସରେ ବିଷ : ଘାତକ ପବନ


॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥


ଆପଣ କେବେ ଶୀତୁଆ ସକାଳୁ ପଦ ଭ୍ରମଣରେ ଯାଉଛନ୍ତି କି ? ଥଣ୍ଡା ତ ପଡ଼ିଲାଣି କିନ୍ତୁ ପବନରେ ଆପଣ ବିଷାକ୍ତ ଧୂଳିକଣା ବା କାକର ଭିଜା ଧୂଆଁର ଆଚ୍ଛାଦାନ ଆପଣଙ୍କୁ ଅସ୍ତବ୍ୟସ୍ତ କରୁଛି କି? ଏହାର ଉତ୍ତର ଆପଣ ନିଜେ ବୁଝି ପାରୁଥିବେ। ଗତ ଦୀପାବଳୀରେ ସୁପ୍ରିମକୋର୍ଟଙ୍କ ଅର୍ଡ଼ରକୁ ଦେଖି ସରକାରୀ ନିର୍ଦ୍ଦେଶ ଥିଲା ରାତି ଦଶଟା ଭିତରେ ବାଣଫୁଟା ସରିବ ହେଲେ ଗଳି କନ୍ଦିରୁ ଜାତୀୟ ରାଜପଥ, ନିଜଘର ଛାତ ଉପରୁ ଆଉ ନଈକୂଳ ବା ବିଚ ଯିଏ ଯେଉଁଠି ପାଇଲା ଭେଳିକି ଭଳି ବାଣ ଫୁଟାଇଲା। ପ୍ରଶାସନ ସବୁ ଦେଖିଲା କିନ୍ତୁ ଚୁପ ରହିଲା। ଏବେ ଚାରିଆଡ଼କୁ ଟିକେ ନିଜେ ଦେଖନ୍ତୁ ଆପଣଙ୍କ ଚର୍ତୁପାର୍ଶ୍ୱରେ ବାରୁଦିଆ ଗନ୍ଧ। ଆପଣଙ୍କ ଶ୍ୱାସ ପ୍ରଶ୍ୱାସକୁ ଅଣନିଶ୍ୱାସୀ କରିବା ସହ ଆଖି, ନାକ ପୋଡ଼ି ଯିବା ଭଳି ଅନୁଭୂତ ହେଉଛି।

କାଶ, ଛିଙ୍କ ତ ଆରମ୍ଭ ହୋଇଗଲାଣି। ଦୀପାବଳି ବାଣଫୁଟାର ଏହା ହେଉଛି ପରବର୍ତ୍ତୀ ପ୍ରତିକ୍ରିୟା। ଅଚାନକ ଓଡ଼ିଶାର ଅନେକ ସହରାଞ୍ଚଳ ବିଶେଷକରି ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ହୁ ହୁ ହୋଇ ବାୟୁ ପ୍ରଦୂଷଣର ଯେଉଁପରି ଉଦବେଗଜନକ ସ୍ତର ବଢ଼ିଛି ତାହା ଅତ୍ୟନ୍ତ ବିପଜ୍ଜନକ। ସବୁ କଟକଣା, ସଚେତନତା ଓ ବାଣ ସତ୍ତ୍ୱେ ନିର୍ଧୁମ ବାଣଫୁଟାର ବିଷମ ପରିଣତିର ବିଷଫଳ ଆମେ ଏବେ ଭୋଗୁଛୁ ଓ ପରବର୍ତ୍ତୀ ସମୟରେ ଏହା ଆହୁରି ବିପଜ୍ଜନକ ମଧ୍ୟ ହୋଇପାରେ।

ଭୁବନେଶ୍ୱରରେ ହାରାହାରି ଏୟାର କ୍ୱାଲିଟ ଇଣ୍ଡେକ୍ସ ୪୦୦ ପାଖାପାଖିରେ ପହଞ୍ଚି ଗଲାଣି। ସେହିପରି କଟକର ବାୟୁମଣ୍ଡଳର ଗୁଣାତ୍ମକ ସୂଚକ ୨୩୮ରେ ମଧ୍ୟ ପହଞ୍ଚିଛି। ଦେଶର ଜନଗହଳିପୂର୍ଣ୍ଣ ସହରରେ ଗଛ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବାବେଳେ କଂକ୍ରିଟ ଜଙ୍ଗଲର ପରିମାଣ ବଢ଼ିବାରେ ଲାଗିଛି। ବାୟୁର ଏକ୍ୟୁଆଇ ମାତ୍ରା ୫୦ରୁ ୧୦୦ ମଧ୍ୟରେ ରହିଲେ ତାହା ସତର୍କ ସୂଚନା ଦେଇଥାଏ ଓ ୧୦୦ରୁ ୧୫୦ ମଧ୍ୟରେ ରହିଲେ ଏହା ଅସ୍ୱାସ୍ଥ୍ୟକର ଭାବେ ପରିଗଣିତ ହୋଇଥାଏ।

ସଂପ୍ରତି ସମ୍ବେଦନଶୀଳ ବର୍ଗ କୁହାଯାଉଥିବା ଶିଶୁ, ବୃଦ୍ଧବୃଦ୍ଧା, ରୋଗୀ ବିଶେଷକରି ଶ୍ୱାସରୋଗୀଙ୍କ ପାଇଁ ଏହି ବାୟୁ ପ୍ରଦୂଷଣ ଅତ୍ୟନ୍ତ ବିପଜ୍ଜନକ। ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟଙ୍କ କଟକଣାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ନିଷେଧାଦେଶ ଜାରି କରିଥିଲେ। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ଅନୁଷ୍ଠାନର ଶହେ ମିଟର ପରିସୀମା ମଧ୍ୟରେ ବାଣ ନଫୁଟାଇବା, ଖୋଲା ସ୍ଥାନରେ ସବୁଜ ବାଣ ଫୁଟାଇବା, କେମିକାଲ ବାଣ ଉତ୍ପାଦନ ଓ ବିକ୍ରି ନକରିବା, ୧୨୫ ଡେସିବିଲ ସ୍ତରରୁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ହୋଇଥିଲା।

କେବଳ ସେତିକି ନୁହେଁ ଏହି ନିୟମ ଉଲ୍ଲଂଘନ ହେଲେ ଓଡ଼ିଶା ଆତସବାଜୀ ଓ ଡାକବାଜୀ ଯନ୍ତ୍ର ପ୍ରବିଧାନ ଆଇନ ୧୯୫୮ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ୨୦୦୦ ଅନୁଯାୟୀ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ହେଲେ ବିନା ଭୟରେ ଲୋକେ ପ୍ରଦୂଷଣ ସୃଷ୍ଟିକାରୀ ବାଣ ଫୁଟାଇଲେ ଓ ସଚେତନ କଟକଣା ସତ୍ତ୍ୱେ ଲୋକମାନଙ୍କ ଭିତରେ ସାମାନ୍ୟ ସଚେତନତା ଜାଗ୍ରତ ହେଲାନାହିଁ। ଏହାର ପରିଣତି ସ୍ୱରୂପ ବାୟୁମଣ୍ଡଳରେ ବିଷାକ୍ତ କଣିକା ଭର୍ତ୍ତି ହୋଇଯାଇଥିବାବେଳେ ଧୂଳି ଓ ଧୂଆଁ ମିଶା ପବନ ଏବେ ବି ବୋହୁଛି। ବିଷାକ୍ତ ପରିବେଶ ପାଇଁ ଲୋକମାନେ ଶ୍ୱାସକ୍ରିୟା ସମ୍ପାଦନ କରିବାରେ ସମସ୍ୟା ଭୋଗୁଛନ୍ତି ତେବେ ଏସବୁ ସତ୍ତ୍ୱେ ଲୋକମାନଙ୍କ ଭିତରେ ସଚେତନତା ନ ବଢ଼ିବା ଏକ ଆଶ୍ଚର୍ଯ୍ୟର ପ୍ରସଙ୍ଗ। ସତେ ଯେପରି ପରିବେଶକୁ ବିଷାକ୍ତ କରିବା ପାଇଁ ଆମ ପରି ସଚେତନ ନାଗରିକମାନେ ନିଜକୁ ପ୍ରସ୍ତୁତ କରିଛନ୍ତି।

ବାଣ ପ୍ରସ୍ତୁତିରେ କେତେ ବିଷାକ୍ତ ଓ ଭୟାନକ ଜୈବ ପଦାର୍ଥ ତଥା କ୍ଷତିକାରକ ପ୍ରସ୍ତୁତି ପଦାର୍ଥ ରହିଛି ତାହା ଯେ କେହି ଜାଣିଲେ ଆଶ୍ଚର୍ଯ୍ୟ ଚକିତ ହେବ। ବାଣ ତିଆରିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ ବ୍ୟବହାର ହେଉଛି। ବାଣ ପୋଡାରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ ଯାହାକି କାର୍ବନ ଡାଇଅକ୍ସାଇଡ଼, ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ। ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ।

ରକ୍ତଚାପର ଏହି ଆକସ୍ମିକ ବଢ଼ିଯିବା ମାତ୍ରା ଜଣକୁ ଅସ୍ୱାଭାବିକ ଓ ଏକ ପ୍ରକାର ବିଚଳିତ କରିପକାଏ। କେତେକ କ୍ଷେତ୍ରରେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ।

# “ନିମୋନିଆକୁ ରୋକିବା ପାଇଁ ସଂଗ୍ରାମକୁ ଚମ୍ପିଆନ କରିବା’


॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥


ଶୀତର ପ୍ରକୋପ ବଢ଼ିଲାଣି। ପାର୍ବଣ ଭିତରେ ବିଶେଷକରି ପିଲାମାନେ ଆଗ୍ରହ ରଖୁଥିବା ବାଣଫୁଟା ପରିବେଶକୁ ଦିନକୁ ଦିନ ଉଦବେଗଜନକ ଭାବେ ପ୍ରଦୂଷିତ କରୁଛି। ନୂଆଦିଲ୍ଲୀରେ ଯେଉଁ ଭାବେ ପ୍ରଦୂଷଣର ଉତ୍କଟତା ଆମେମାନେ ଦେଖୁଛୁ ଏହା ସମସ୍ତଙ୍କ ପାଇଁ ଏକ ବିରାଟ ବନ ଆହ୍ୱାନ। ଶିଶୁ ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରଦୂଷଣ ସେମାନଙ୍କ ଯନ୍ତ୍ରଣାକୁ ଆହୁରି ଦ୍ୱିଗୁଣିତ କରିଦେଇଥାଏ। ନିମୋନିଆର ଆଲୋଚନା କରୁଥିବାବେଳେ ଏହାସହ ପ୍ରଦୂଷଣର କେଉଁପରି ଭାବରେ ସମ୍ପର୍କ ରହିଛି ତାହା ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ନିମୋନିଆ ଏପରି ଏକ ଶ୍ୱାସ ସମ୍ପର୍କିତ ରୋଗ ଏହା ପିଲାମାନଙ୍କ ଶ୍ୱାସପ୍ରଶ୍ୱାସକୁ ଜଟିଳ କରି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ କେତେକ କ୍ଷେତ୍ରରେ ଗୁରୁତର ମ୍ଭ କରିଦେଇଥାଏ। ଏବେ ଶୀତ ବଢ଼ିବା ସହ ଦିନକୁ ଦିନ ପ୍ରଦୂଷଣ ଓ ଏଥିରେ ଧୂଳିକଣା, କାକର ଓ ଧୂଆଁ ମିଶି ଯାଉଥିବାରୁ ଏହା ପିଲାମାନଙ୍କ ପାଇଁ ବିଶେଷକରି ନବଜାତକଙ୍କ କ୍ଷେତ୍ରରେ ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିଦିଏ। ସମ୍ପ୍ରତି ନିମୋନିଆ ରୋଗ ବା ଫୁସଫୁସ୍ ପ୍ରଦାହ ଭୟଙ୍କର ଭାବରେ ଶିଶୁମାନଙ୍କ ପାଇଁ ବିପଦଜନକ ହୋଇପଡ଼ିଲାଣି । ଦେଖାଯାଉଛି ଆବଶ୍ୟକତା ଠାରୁ କମ୍ ଓଜନର ଶିଶୁଟି ନିମୋନିଆରେ ଆକ୍ରାନ୍ତ ହୋଇପଡୁଛି । ତେବେ ନିମୋନିଆର ମୁଖ୍ୟ କାରଣ ହେଉଛି ପୁଷ୍ଟିହୀନତା, କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏର ଅଭାବ, ବାୟୁପ୍ରଦୂଶଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ପିଲାଟି ପାଇଁ ଘାତକ ହୋଇପାରେ । ସେହିପରି ପରିବାରର ଅନ୍ୟକୌଣସି ପିଲାର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ପିଲାମାନଙ୍କୁ ନିମୋନିଆର କାରଣ ହୋଇଥାଏ । ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର । ପ୍ରଥମଟି ହେଉଛି ବ୍ରୋଙ୍କୋ ନିମୋନିଆ, ଦ୍ୱିତୀୟଟି ହେଉଛି ଲୋବାର ନିମୋନିଆ ଏବଂ ତୃତୀୟଟି ହେଉଛି ଇଣ୍ଟରସ୍ଟିସିଆଲ ନିମୋନିଆ । ସ୍ୱଭାବିକ ଭାବରେ ନିମୋନିଆକୁ ଧରିବା ବଡ଼ କଷ୍ଟକର କାର୍ଯ୍ୟ । ପ୍ରାରମ୍ଭରେ ଶିଶୁଟି ସାମାନ୍ୟ କାଶ ବା ଛିଙ୍କ ପରେ ପରେ ଜ୍ୱରର ତାପମାତ୍ରା ବୃଦ୍ଧି ହେଲେ ଏହା ନିମୋନିଆର ଲକ୍ଷଣ । ମନେରଖନ୍ତୁ ନିମୋନିଆ ହେବାମାତ୍ରେ ଶିଶୁଟିର ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ । ଏହି ସମୟରେ ପିଲାଟି ଜୋର୍‌ରେ ନିଶ୍ୱାସ ନେଇଥାଏ । ଏ କ୍ଷେତ୍ରରେ କାଳବିଳମ୍ବ ନକରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ । ବେଳେ ବେଳେ କିଛି କ୍ଷେତ୍ରରେ ଦେଖାଯାଏ ଏହି ସମୟରେ ପିଲାଟିର ପେଟରେ ଯନ୍ତ୍ରଣା ହୋଇଥାଏ, ବାତମାରିଲା ପରି ଛଟପଟ ହୁଏ ଏବଂ କିଛି କ୍ଷେତ୍ରରେ ପିଲାଟିର ଶରୀର ନୀଳ ମ୍ଭ ପଡ଼ିଆସେ । ଚିକିତ୍ସାଶାସ୍ତ୍ର ଅନୁଯାୟୀ ପିଲାଟିର ଫୁସ୍‌ଫୁସ୍ ସଂକ୍ରମଣ ହେଲାମାତ୍ରେ ସ୍ୱାଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ । ପରବର୍ତ୍ତୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ । ସମ୍ପ୍ରତି ଦେଖାଯାଉଛି ନିମୋକୋକ୍ସ, ହିମୋଫିଲ୍ସ, କ୍ଲେବସିଲା, ଇ.କୋଲି ଇତ୍ୟାଦି ଶିଶୁର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି । ସମ୍ପ୍ରତି ଚିକିତ୍ସା ବିଜ୍ଞାନ ଯଥେଷ୍ଟ ଅଗ୍ରଗତି କରିଥିବାରୁ ରାଜ୍ୟସରକାର ଶିଶୁ ବିଭାଗ ପ୍ରତି ଯତ୍ନବାନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାରୁ ପିଲାମାନଙ୍କ ପାଇଁ ଆଉ ନିମୋନିଆ ଗୁରୁତର ହୋଇ ରହିନାହିଁ । ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସହାରା ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ । ଏହାକୁ ଚିହ୍ନଟ କରିବା ପାଇଁ ସ୍କେଟିକ୍ ସ୍କ୍ରିନ, ଛାତି ଏକ୍ସରେ ପଦ୍ଧତି ମ୍ଭ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ । ତେବେ ପାକସ୍ଥଳୀ ଶୋଷଣରେ ଫୁସଫୁସରେ ଅଧିକ ଶ୍ୱେତରକ୍ତ କଣିକା ଥିବାର ପରୀକ୍ଷାରୁ ଜଣାପଡ଼ିଲେ ଶିଶୁଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ । ଶିଶୁଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପିଲାଟିକୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ । ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉପଯୁକ୍ତ ପରିବେଶରେ ରଖାଯାଇଥାଏ । ପିଲାଟିକୁ ପାଟିବାଟେ କୌଣସି ଖାଦ୍ୟ ନଦିଆଯାଇ ସାଲାଇନ୍ ମ୍ଭାରେ ଖାଦ୍ୟ ପ୍ରଦାନ କରାଯାଇଥାଏ । ସମ୍ପ୍ରତି ପିଲାମାନଙ୍କ ପାଇଁ ସୂଚିତ ହେଉଥିବା ଟୀକାକରଣ ସୂଚୀ ଅନୁଯାୟୀ ପିଲାଙ୍କ ନିର୍ଦ୍ଦିଷ୍ଟ ବୟସ ଅନୁପାତରେ ଟୀକା ପ୍ରଦାନ କରାଗଲେ ଏହା ନିମୋନିଆ ପାଇଁ ନିଶ୍ଚିତ ଭାବରେ ପ୍ରତିବନ୍ଧକ ହୋଇପାରିବ । ଘର ପରିବେଶକୁ ସର୍ବ ପ୍ରଥମେ ଦୃଷ୍ଟି ଦିଅନ୍ତୁ କାରଣ ପିଲାମାନଙ୍କ କେବଳ ନିମୋନିଆ କ୍ଷେତ୍ରରେ ନୁହେଁ ସେମାନଙ୍କର ଅନ୍ୟାନ୍ୟ ରୋଗ ପାଇଁ ଘରର ଧୂଳି, ଧୂଆଁ ଓ ଏକ ପ୍ରକାର ଦୂଷିତ ପରିବେଶ ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଜଟିଳ କରିଦିଏ। ପିଲାମାନେ ରହୁଥିବା ରୁମରେ ଯେପରି ମୁକ୍ତ ପବନ ଓ ସୂର୍ଯ୍ୟାଲୋକ ପଡୁଥିବା ସେ ଦିଗକୁ ଦେଖନ୍ତୁ। ପିଲାମାନଙ୍କୁ ସୁଷମ ଖାଦ୍ୟ ଓ ସମ୍ଭବ ହେଲେ ‘ଟାପାଣି ପିଇବା ପାଇଁ ଦିଅନ୍ତୁ। ଫଳ, ସବୁଜ ପନିପରିବା, ଶାଗ ଏହାକୁ ପିଲାମାନଙ୍କ ଖାଦ୍ୟ ତାଲିକାରେ ରଖନ୍ତୁ। ତେବେ ପିଲାଙ୍କ ପାଇଁ ଏକ ଭଲ ସ୍ୱାସ୍ଥ୍ୟ ରୁଟିନଟି ତିଆରି କରନ୍ତୁ ଓ ସେମାନଙ୍କୁ ପିଲାବେଳୁ ହିଁ ଆଧ୍ୟାତ୍ମିକ ରାସ୍ତାରେ ଯିବା ପାଇଁ ରାସ୍ତା ଦେଖାନ୍ତୁ। ପିଲାମାନଙ୍କର ଯେକୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ପାଇଁ ସରକାରୀ ବ୍ୟବସ୍ଥିତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ କିମ୍ବା ଶିଶୁଭବନର ସହାୟତା ନିଅନ୍ତୁ। କେବଳ ନିମୋନିଆ ନୁହେଁ ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ପିଲାମାନଙ୍କୁ ଗୁଣିଟୁଣି ବା ତୁଟୁକା ତୁଟୁକି ଚିକିତ୍ସାକୁ ଗୁରୁତ୍ୱ ନଦେଇ କେବଳ ସରକାରୀ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ସୁଯୋଗ ନିଅନ୍ତୁ। କୌଣସି ପରିସ୍ଥିତିରେ ଅଭିଭାବକମାନେ ଭୟଭୀତ ନହୋଇ ଶିଶୁ ବିଶେଷଜ୍ଞଙ୍କ ମତ ଲୋଡ଼ିବା ବାଞ୍ଛନୀୟ ।


ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ‘ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର







## ବିଦ୍ୟୁତ ତାର ଆଘାତରେ ଅଙ୍ଗନୱାଡି କର୍ମୀ ଗୁରୁତର

ଜୁନାଗଡ଼,ମହାଭାରତ,କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ବୋଦେଲ ଗ୍ରାମର ଅଙ୍ଗନୱାଡି କର୍ମୀ ନଦୀକୁ ଗାଧୋଇବାକୁ ଯାଉଥିବା ବେଳେ ଓହଳି ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବୋଦେଲ ଗ୍ରାମର ଅଙ୍ଗନୱାଡି କର୍ମୀ ପଦ୍ମାସିନି ଶବର ଆଜି ନିକଟସ୍ଥ ହାତୀ ନଦୀକୁ ଗାଧୋଇବାକୁ ଯାଉଥଲେ । ଭୀଷଣ ବର୍ଷା ହେଉଥିବାରୁ ଛତା ଧରି କି ଯାଉଥିବା ବେଳେ ହାତୀନଦୀ ତିରେ ଓହଳି ଥିବା ବିଦ୍ୟୁତ ତାର ପଦ୍ମାସିନିଙ୍କ ଛତାରେ ଲାଗିଥିଲା । ଫଳରେ ଗୁରୁତର ଆହତ ହୋଇ ତଳେ ପଡି ଯାଇଥିଲେ ।ପରେ ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ପଦ୍ମାସିନିଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଜୁନାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ବିଦ୍ୟୁତ ବିଭାଗର ଖାମଖିଆଳି ମନୋଭାବ ଯୋଗୁଁ ଆଜି ଜଣ ମହିଳାଙ୍କ ଅକାଳ ରେ ମୃତ୍ୟୁ ହୋଇଥାନ୍ତା । ତେଣୁ ତୁରନ୍ତ ବିଦ୍ୟୁତ ବିଭାଗ ଓହଳି ଥିବା ତାର କୁ ଠିକ ସେ ରଖିବା ଓ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ପଦ୍ମାସିନି ଶବରଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବୀ ହୋଇଛି ।

## ହିନ୍ଦୋଳରେ ଦ୍ରୁତଗତିରେ ଚାଲୁଛି ଲକ୍ଷ୍ମୀବସ,ଛାତ୍ରଛାତ୍ରୀଙ୍କ ଜୀବନ ବିପଦରେ

ହିନ୍ଦୋଳ(ମହାଭାରତ)ପ୍ରତ୍ୟେକ ଅଞ୍ଚଳ ସହ ସଦର ମହକୁମାକୁ ଯୋଡିବା ପାଇଁ ଗରିବ ଜନସାଧାରଣ ଓ ମହିଳାମାନଙ୍କ ଗମନାଗମନ ସୁବିଧା ପାଇଁ ପୂର୍ବ ସରକାର ଏକ ଐତିହାସିକ ପଦକ୍ଷେପ ସ୍ବରୂପ ସୁଦୂରପ୍ରସାରି ଲକ୍ଷ୍ମୀ ବସ ଚଳାଚଳ ଆରମ୍ଭ କରିଥିଲେ। ତେବେ ଜନସାଧାରଣ ଏଥିରେ ବହୁଳ ମାତ୍ରାରେ ଉପକୃତ ହେଉଛନ୍ତି। ମାତ୍ର ଏହି ଲକ୍ଷ୍ମୀବସ ଗୁଡିକରେ ଅନଭିଜ୍ଞ କମ ବୟସର ଚାଳକମାନେ ବସ ଗୁଡିକୁ ଦ୍ରୁତ ଗତିରେ ଚଳାଇବାସହ ଅନ୍ୟ ଗାଡି ମୋଟର, ପଥଚାରି,ପ୍ରତିଦିନ ସକାଳୁ ସନ୍ଧ୍ୟା ଯାଏ ସ୍କୁଲ, ଟିଉସନ ଯାଉଥିବା ଶହଶହ କୋମଳ ଛାତ୍ରଛାତ୍ରୀ ମାନଙ୍କ ଦେହରେ ଲଗାଇ ସାଇଡ ମାରିବା ସହ ଘସିହୋଇ ନେଉଛନ୍ତି ଫଳରେ ହଜାର ହଜାର ପଥଚାରି ଓ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଜୀବନ ବିପଦପୂର୍ଣ୍ଣ ଅଛି ଏବଂ କେତେବେଳେ ଯେ କିଛି ଅଘଟଣ ଘଟିବ କହି ହେବନି ବୋଲି ବହୁ ଜନସାଧାରଣ ଆଲୋଚନା କରୁଛନ୍ତି। ଏପରିକି ହିନ୍ଦୋଳ ଟାଉନରେ ଶହଶହ ଛାତ୍ରଛାତ୍ରୀ ସକାଳେ ସନ୍ଧ୍ୟାରେ ଟ୍ୟୁସନ ଯିବାସହ ସ୍କୁଲ ଯିବାଆସିବା କରୁଛନ୍ତି ଏବଂ ଭୟଭୀତ ଛାତ୍ରଛାତ୍ରୀ ମାନେ ପ୍ରତିଦିନ ଘରେ ଆସି ଅଭିଯୋଗ କରୁଛନ୍ତି ଲକ୍ଷ୍ମୀ ବସ ଦ୍ରୁତଗତିରେ ଆମ ଆଡକୁ ମାଡିଆସି ସାଇଡମାରି ଯାଉଛି ଫଳରେ ସମ୍ଭାବ୍ୟ ବିପଦ ଆଶଙ୍କାରେ ରହିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ ମାନେୟ କିଛିଦିନ ତଳେ ଏହିପରି ବେପାରବା। ଦ୍ରୁତଗତି ଲକ୍ଷ୍ମୀବସ ଢେଙ୍କାନାଳ ଭୁବନ ଅଂଚଳରେ ଦୁର୍ଘଟଣା ଘଟାଇ ଜୀବନ ହାନି ଘଟଣା ଜନସାଧାରଣଙ୍କ ମନରୁ ଲିଭି ନାହିଁ।ଫଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାସହ ଏହା କେତେବେଳେ ଯେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ କହିହେବନି ବୋଲି ବୁଦ୍ଧିଜୀବୀ, ଅଭିଭାବକ ଓ ଜନସାଧାରଣ ଆଲୋଚନା କରୁଛନ୍ତି।ଲକ୍ଷ୍ମୀବସର ଦ୍ରୁତ ଗତିରେ ଗାଡିଚାଳନା ଉପରେ ଅଙ୍କୁଶ ଲଗାଇବା ସହ ଅଭିଜ୍ଞ ଚାଳକ ନିଯୁକ୍ତି, ସଡ଼କ ସୁରକ୍ଷା ନିୟମ ମାନି ଚଳାଇବା ସହ ଗାଡିଗୁଡିକ ଯାତାୟତ ସମୟରେ ସତର୍କତା ଅବଲମ୍ବନ ପାଇଁ ତୁରନ୍ତ ପଦକ୍ଷେପ ନେବାପାଇଁ ହିନ୍ଦୋଳ ପ୍ରଶାସନ ଓ ପୋଲିସ ପ୍ରଶାସନଙ୍କୁ ଜନସାଧାରଣ ଦୃଢ଼ ଦାବି କରିଛନ୍ତି।

## ଚୋରୀ ଘଟଣାରେ ଜଣେ ଚୋର ଗ୍ରାମ ବାସୀଙ୍କ ହାତରେ ଧରାପଡି ଛେଚା ଖାଇ ଚିକିତ୍ସାଧିନ ଅବସ୍ଥାରେ ମୃତ



କୁନ୍ଦୁରା(ମହାଭାରତ )- କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ରାଣୀଗୁଡା ଗ୍ରାମ ପଞ୍ଚାୟତ ଆଟିଗାଁ ରେ ଘଟି ଯାଇଛି ଏକ ଅଭାବନିୟ ଘଟଣା। ଏହି ଘଟଣା କୁନ୍ଦୁରା ବ୍ଲକ ଓ କୋଟପାଡ଼ ବ୍ଲକ ରେ ଚହଳ ସୃଷ୍ଟି କରିଛି । ସୂଚନା ମୁତାବକ ଆଟିଗାଁ ଗ୍ରାମର ବ୍ୟବସାୟୀ ସତେନ୍ଦ୍ର ଗୁପ୍ତାଙ୍କ ଘରେ ରାତି ପ୍ରାୟ ୨ ଟା ବେଳେ ୫ ଜଣ ଚୋର ଦୁବୃ□ ଚାରି କରିବା ଉଦେଶ୍ୟରେ ଯାଇଥିଲେ ।ବ୍ୟବସାୟଙ୍କ ଘର କବାଟ ତାଡ଼ି ଘରେ ପଶି ପରିବାର ଲୋକଙ୍କୁ ଖଣ୍ଡା ଦେଖିଇ ଭୟଭୀତ କରିଥିଲେ । ଆଉ ଏକ ଲକ୍ଷ ଟଙ୍କା, ସୁନା ଚେନ ନେବା ପରେ ବ୍ୟବସାୟୀଙ୍କ ସହ ହାତାହାତି ପରିସ୍ଥିତି ଉପୁଜିଥିଲା । ଖବର ପାଇ ଗାଁ ଲୋକେ ପହଂଚି ଥିଲେ । ଚାରି ଜଣ ଚୋର ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଜଣେ ଚୋର ଧରାପୋଡ଼ିଲା । ଚୋରକୁ ଉତ୍ତମ ମାଧମ ଚେଚ୍ଛା ଦେବା ପରେ କୁନ୍ଦୁରା ପୋଲିସ କୁ ଜିମା ଦେଇଥିଲେ। ପୋଲିସ ଅଭିଯୁକ୍ତ ଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦରେ ଭର୍ତ୍ତି କରିଥିଲେ। ଏଠାରେ ଚିକିତ୍ସାଧିନ ଅବସ୍ଥାରେ ଚୋର ଙ୍କ ମୃତ୍ୟୁ ଘଟିଛି । ମୃତକ ବରିଗୁମ୍ମା ଥାନା ଅନ୍ତର୍ଗତ କମରା ଗାଁ ର ଭାରତ ଗଣ୍ଡା । ଏହି ଘଟଣା ରେ କୋରାପୁଟ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରୁଥିବା ବେଳେ ଘଟଣା ସ୍ଥଳରେ ଜୟପୁର ଏସଡିପିଇଓ ରହି ତଦନ୍ତ କରୁଛନ୍ତି ।

## ଖଣିରେ ଅସୁରକ୍ଷିତ ଶ୍ରମିକ, ଦୁର୍ଘଟଣାକୁ ଚପାଇବା ପାଇଁ ଉଦ୍ୟମ

ଯୋଡ଼ା, (ମହାଭାରତ) ଯୋଡ଼ା ଖଣି ମଣ୍ଡଳରେ ଏବେ ଦିନକୁ ଦିନ କିଛି ନା କିଛି ଦୃଘଟଣା ହେବାରେ ଲାଗିଛି । ଏହିସବୁ ସାମ୍ନା ରେ ରଖି ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସର ରିଷ୍ଠ ନେତା ରାଜ୍ୟ ଆଦିବାସୀ ସେଲ ତାଥା ପୁର୍ବତନ କେନ୍ଦୁଝର ସାଂସଦ ଯସବନ୍ତ ନାରାୟଣ ସିଂ ଲାଗୁରୀ ଏହି ଲୁହାପଥର ଖଣିରେ କାର୍ଯ୍ୟରତ ଜଣେ ଲୋଡର ଅପରେଟର ଙ୍କ ମୃତ୍ୟୁ ଘଟଣାକୁ ନେଇ ଶନିବାର ଯୋଡ଼ା ଠାରେ ଗଣମାଧମ ଆଗରେ ଅଭିଯୋଗ କରିଛନ୍ତି ଯେ, ଯୋଡ଼ା ଖଣି ଅଞ୍ଚଳରେ ଅଧିକାଂଶ ଖଣି ଗୁଡିକରେ ଶ୍ରମିକ ମାନେ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଛନ୍ତି। ଦୁର୍ଘଟଣା ଘଟିଲେ ଖଣି କତୃପକ୍ଷ ଦୁର୍ଘଟଣାର ଭିନ୍ନ ରୂପ ଦେଇ ଅସଲ ଘଟଣାକୁ ଚପାଇ ଦେଉଛନ୍ତି। ନିକଟରେ ପୂର୍ବ ଯୋଡ଼ା ଲୌହ ପଥର ଖଣିରେ ଏକ ଲୋଡର ମେସିନ ଓଲଟିବା ।ଯୋଗୁଁ ରାଜେଶ କୁମାର ନାୟକ ନାମକ ଶ୍ରମିକ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମାତ୍ର କମ୍ପାନୀ କତୃପକ୍ଷ ରାଜେଶକୁ ଗୁରୁତର ଦର୍ଶାଇ ଜାମସେଦପୁର ଟାଟା ମେନ୍ ହସ୍ପିଟାଲକୁ ନେଇ ୮ ଦିନ ପରେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ । ଖଣି କାର୍ଯ୍ୟ ବନ୍ଦ ହେବା ଭୟରେ ଘଟଣା ଦିନ ଶ୍ରମିକଙ୍କୁ ଗୁରୁତର ଦର୍ଶାଇଥିବା ସେ ଅଭିଯୋଗ କରିବା ସହିତ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି।

## ବଜାର ରେ ମଦ୍ୟପାନ ଓ ବିକ୍ରି କଲେ ନିଆଯିବ କାର୍ଯ୍ୟାନୁଷ୍ଠାନ

ଅସ୍ତରଙ୍ଗ ( ମହାଭାରତ): ସରକାର ଙ୍କ ରାଜସ୍ୱ ପାଣ୍ଠି ବର୍ତ୍ତମାନ ଅବକାରୀ ବିଭାଗ ର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳ ରେ କିଛି ମଦ ମାଫିଆ ସରକାର ଙ୍କ ଗାଇଡ଼ ଲାଇନ ରୁ ବାହାରି ଚୋରା ମଦ ବ୍ୟବସାୟ ରେ ମାତିଛନ୍ତି, ଦିନ ଦ୍ୱି ପ୍ରହର ରେ ମଦ ଦୋକାନ ରୁ ପେଟି ପେଟି ମଦ କିଛି ବ୍ୟକ୍ତି ମାନେ ଗାଡି ରେ ନେଇ ଗ୍ରାମାଞ୍ଚଳ ରେ ବିକ୍ରି କରୁଛନ୍ତି, ଯାହାକୁ ନେଇ ଅସ୍ତରଙ୍ଗ ଅଞ୍ଚଳ ରେ ବିଭିନ୍ନ ସମୟରେ ଏହି ଘଟଣା କୁ କେନ୍ଦ୍ର କରି ଅନେକ ଅଘଟଣ ଘଟିଛି ମାତ୍ର ଅସ୍ତରଙ୍ଗ ପୋଲିସ ତରଫରୁ କୌଣସି ଦୃଢ଼ ପଦକ୍ଷେପ ଏହା ଉପରେ ନିଆଯାଉନାହିଁ, ଗ୍ରାମାଞ୍ଚଳ ରେ ଅନେକ ଚୋରା ମଦ ଦୋକାନ ରେ ଏଭଳି ବ୍ୟବସାୟ ହେଉଛି ଯାହାକୁ ନେଇ ଉକ୍ତ ଅ□ଳ ରେ ନିଶାଗ୍ରସ୍ତ ଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି, ଯାହା ସାଧାରଣ ଲୋକ ଜୀବନ ଶୈଳୀ କୁ ପ୍ରଭାବିତ କରିଛି କିନ୍ତୁ ଏବେ ପ୍ରଶାସନ ନୁହେଁ ବରଂ ବଜାର କମିଟି ନେଇଛି ନିଷ୍ପତି, ଏହିଭଳି ଏକ ନିଷ୍ପତି କୁ ନେଇ ବଜାର ରେ ପ୍ରତ୍ୟେକ ଦୋକାନ ଓ ଅନ୍ୟ ସ୍ଥାନରେ ମରାଯାଇଛି ପୋଷ୍ଟର, ଏହି ସଚେତନତା ବାର୍ତ୍ତା ଆସିଛି ପୋଟଳ ଛକ ଲକ୍ଷ୍ମୀ ବଜାର ଅଞ୍ଚଳ ରୁ, ପୋଷ୍ଟର ରେ ଲେଖା ଯାଇଛି ବଜାର ରେ କୌଣସି ସ୍ଥାନରେ ମଦ ବିକ୍ରି କି ମଦ୍ୟପାନ ସମ୍ପୂର୍ଣ୍ଣ ନିଷେଧ ଅନ୍ୟଥା ବିହୀତ କାର୍ଯ୍ୟାନୁଷ୍ଠାନ, ଅସ୍ତରଙ୍ଗ ଅଞ୍ଚଳ ରେ ପୋଟଳ ବଜାର ଏକ ଛୋଟ ମାର୍କେଟ ରେ ଚୋରା ମଦ ବ୍ୟବସାୟୀ ଓ ମଦ୍ୟପ ଙ୍କ ପାଇଁ ଯେତେବେଳେ ଲୋକ ଏକତ୍ରିତ ହେଉଛନ୍ତି ସେହି ପରିସ୍ଥିତି ରେ ଅସ୍ତରଙ୍ଗ ମୁଖ୍ୟ ବଜାର ରେ କଣ ପାଇଁ ନୁହେଁ ବୋଲି ସାଧାରଣ ରେ ପ୍ରଶ୍ନବାଚୀ କରିଛି । ସୂଚନା ମୁତାବକ ଅସ୍ତରଙ୍ଗ ବଜାର ରେ ୩ ଗୋଟି ପଞ୍ଜିକୃତ ମଦ ଦୋକାନ ଓ ବଜାର ହାଟ ଗଳି ରେ ୧ ଗୋଟି ଦେଶୀ ଦୋକାନ ସ୍ୱୀକୃତି ପାଇଛି ମାତ୍ର ଦିନ ତମାମ ଏହି ସ୍ଥାନରେ ବେଆଇନ ଉଠା ଦୋକାନୀ ରେ ଗଣ୍ଡଖେଣୀ ଦୋକାନ ପୁଳେ ପୁଳେ ରହିଛି ଯେଉଁ କାରଣ ରୁ ମଦ୍ୟପ ଙ୍କ ସଂଖ୍ୟା ରାସ୍ତା ଘାଟ ରେ ଏଭଳି ବୃଦ୍ଧି ହେଉଛି ସ୍କୁଲ, କଲେଜ, ବଜାର, ହସ୍ପିଟାଲ, ଥାନା, ତହସିଲ ବ୍ଲକ କିମ୍ବା ଅନ୍ୟ ସାଧାରଣ ଯାତ୍ରୀ ଙ୍କ ପାଇଁ ସବୁବେଳେ ସମସ୍ୟା ସୃଷ୍ଟି ହେଉଛି, ଆଜି ନିମାପଡା ବଳଙ୍ଗା ଅଞ୍ଚଳ ରେ ଯେପରି ଜଣେ ଛାତ୍ରୀ ଙ୍କ ସହ ୩ ଦୁର୍ବୁର୍ତ୍ତ ଜଘନ୍ୟ କାଣ୍ଡ ଘଟାଇଛନ୍ତି ସେଥିପାଇଁ ଏହି ମଦ୍ୟପ ଙ୍କ ଆଜ୍ଞା ଦେଇ ରାସ୍ତା ଅତିକ୍ରମ କରୁଥିବା କଲେଜ ବିଦ୍ୟାଳୟ ଛାତ୍ରୀ ମାନେ ସମ୍ପୂର୍ଣ୍ଣ ଭୟଭୀତ ହେଇ ଯାଇଛନ୍ତି, ମୋଟାମୋଟି ଭାବେ କହିବାକୁ ଗଲେ ପୋଟଳ ବଜାର ରେ ବାର୍ତ୍ତା ଅସ୍ତରଙ୍ଗ ମୁଖ୍ୟ ବଜାର ରେ କରାଗଲେ ଅସ୍ତରଙ୍ଗ ବଜାର କୁ ମଦ୍ୟପ ମୁକ୍ତ କରାଯାଇପାରିବ, ଏଥିପାଇଁ ପୋଲିସ ପ୍ରଶାସନ ସହିତ ଜନସାଧାରଣ ଙ୍କୁ ସଚେତନତା ହେବାକୁ ବିଭିନ୍ନ ମହଲ ରେ ଅନୁରୋଧ କରାଯାଇଛି ।

## ବିବାହ ର ପ୍ରତିଶୃତି ଦେଇ ଶାରୀରିକ ସମ୍ପର୍କ ପରେ ଧୋକା

ଖଡ଼ିଆଲ:(ମହାଭାରତ) ନାରୀ ର ସରଳତା ର ଫାଇଦା ନେଇ ଅନେକ ସମୟ ରେ ଅନେକ କପଟୀ ପୁରୁଷ ପ୍ରଲୋଭନ ଦେଖାଇ ତାଙ୍କ ମିଛ ପ୍ରେମ ରେ ବାନ୍ଧି ଛଳନା କରି ଶୋଷଣ କରିବା ଓ ଜଣେ ଝିଅର ଇଜ୍ଜତ ସହ ଖେଳଖେଳି ଶେଷ ରେ ଧୋକା ଦେଉଥିବା ଭଳି ଏକ ଅଭିଯୋଗ ସାମ୍ନା କୁ ଆସୁଛି। ଠିକ୍ ଏଭଳି ଏକ ଅଭିଯୋଗ ଆସିଛି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅଧିନସ୍ଥ ବାରେଶବାହାଲି ନୂଆପଡ଼ା ଗ୍ରାମରୁ । ଜୈନେକ ଯୁବତୀ ସହ ଦୀର୍ଘ ଦିନ ଛଳନାର ପ୍ରେମ ଖେଳ ଖେଳି ଯୁବତୀ ସହ ଅନୈତିକ ସମ୍ପର୍କ ରଖି ଗର୍ଭବତୀ କରି ପରେ ଗର୍ଭନଷ୍ଟ କରି ଫେରାର ହୋଇଯାଇଥିବା ଅଭିଯୋଗ ସାମ୍ନା କୁ ଆସିଛି । ଏହାକୁ ନେଇ ଖଡ଼ିଆଳ ଥାନା ରେ ଅଭିଯୋଗ ହୋଇଥିଲେ ହେଁ ଖଡ଼ିଆଳ ପୋଲିସ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଉନଥିବା ପୀଡ଼ିତା ଯୁବତୀ ଙ୍କ ସହ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ବାରେଶବାହାଲି ନୂଆପଡ଼ା ଗାଁ ର ଜୈନେକ ୨୫ ବର୍ଷୀୟ ଯୁବତୀ ତାଙ୍କ ନିଜ ଗ୍ରାମର ଶଶି ଭୋଇ ନାମକ ଯୁବକ ଙ୍କ ସହ ଛୋଟ ବେଳୁ ପାଠ ପଢୁଥିଲେ । ପାଠ ପଢୁଥିବା ସମୟ ରୁ ହିଁ ଉଭୟେ ଉଭୟ ଙ୍କୁ ଭଲ ପାଇ ବସିଥିଲେ । କାଳକ୍ରମେ ଉଭୟ ଙ୍କ ମଧ୍ୟରେ ସମ୍ପର୍କ ଅତି ନିବିଡ଼ ରୁ ଅତି ନିବିଡ ହେବାକୁ ଲାଗିଲା । ହେଲେ ଭଲ ପାଇବା ରେ ଯୁବକ ଜଣକ ଛଳନା କରୁଛି ଏ କଥା ଯୁବତୀ ଜଣକ ଜାଣିବା ପୂର୍ବରୁ ସବୁ କିଛି ସମର୍ପିତ କରି ସାରିଥିଲେ । ଏମିତିକି ଯୁବକ ର ମିଛ ପ୍ରେମ ରେ ଯୁବତୀ ନିଜକୁ ସମର୍ପଣ କରିଦେଇଥିଲେ ଯ ଯୁବକ ଜଣକ ବାରମ୍ବାର ବିବାହ ର ଆସା ଦେଇ ଯୁବତୀ ସହ ଶାରୀରିକ ସଂପର୍କ ରଖିଥିଲେ । ଶେଷ ରେ ଝିଅ ଦୁଇ ମାସ ର ଗର୍ଭବତୀ ହୋଇଥିଲେ ।ଯ ଲୋକ ଲଜ୍ଜା ରୁ ବଞ୍ଚିବା ପାଇଁ ଯୁବକ ଯୁବତୀ ଙ୍କୁ ପ୍ରବର୍ତ୍ତାଇ ଗର୍ଭନଷ୍ଟ କରିବା ପାଇଁ ଔଷଧ ଆଣି ଦେଇଥିଲେ । ଶେଷ ରେ ଗର୍ଭନଷ୍ଟ ହୋଇ ଯାଇଥିଲା । ଏହି ଘଟଣା ପରେ ଯୁବକ ଜଣକ ଯୁବତୀ ଠାରୁ ଦୂରେଇ ଯିବା ପାଇଁ ଚେଷ୍ଟା କରି ଫେରାର ହୋଇ ଯାଇଥିଲା । ଯୁବତୀ ଜଣକ କିଛି ଉପାୟ ନ ପାଇ ଶଶି ଭୋଇ ନାମକ ଯୁବକ ଙ୍କ ଘର କୁ ଯାଇ ସବୁ କଥା କହିଥିଲେ।। ଉଭୟ ଯୁବକ ଯୁବତୀ ଗୋଟିଏ ଜାତି ସମ୍ପ୍ରଦାୟ ର ହୋଇଥିବା ରୁ ସାମାଜିକ ସ୍ତର ରେ ମଧ ସଭା ର ଆୟୋଜିତ ହୋଇ ସମସ୍ୟା ର ସମାଧାନ ବାଟ ବାହାର କରାଯାଇଥିଲା ।ହେଲେ ଯୁବକ ଫେରାର ଥିବା ରୁ ତାହା ମଧ ସମ୍ଭବ ହୋଇପାରିଥିଲା । ଖଡିଆଳ ଥାନା ବାରେଶବାହାଲୀ ନୂଆପଡ଼ା ର ଜୈନେକ ଯୁବତୀ କୁ ସେହି ଗାଁ ର ଶଶି ଭୋଇ ନାମକ ଯୁବକ ପ୍ରେମ କରି ବିବାହ ର ପ୍ରତିଶୃତି ଦେଇ ଶାରୀରିକ ସଂପର୍କ ରଖି ଗର୍ଭବତୀ କରି ଗର୍ଭନଷ୍ଟ କରିଥିବା ଅଭିଯୋଗ ଘଟଣା ରେ ସାମାଜିକ ସ୍ତର ରେ ସମାଧାନ ର ବାଟ ନପାଇ ପୀଡ଼ିତା ଯୁବତୀ ଓ ତାଙ୍କ ପରିବାର ଲୋକେ ଖଡ଼ିଆଳ ଥାନା ର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗର ଦୀର୍ଘ ଦିନ ବିତି ଯାଇଥିଲେ ହେଁ ଖଡ଼ିଆଳ ପୋଲିସ କୌଣସି ପଦକ୍ଷେପ ନେଉନଥିବା ରୁ ପୀଡ଼ିତା ପରିବାର ନୂଆପଡ଼ା ଏସପି ଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଅନ୍ୟପଟେ ପୀଡ଼ିତା ଯୁବତୀ ଙ୍କ ସହ ଗ୍ରାମବାସୀ ଯୁବତୀ ଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରୁଛନ୍ତି । ଏ ବିଷୟରେ ନୂଆପଡା ଆରକ୍ଷୀ ଅଧିକ୍ଷକ ଙ୍କ ମତାମତ ନେବାରୁ ପୋଲିସ ଅଭିଯୁକ୍ତ ଙ୍କୁ ଧରିବା ର ପ୍ରୟାସ ଜାରି ରଖିଛି ଅତି ଶୀଘ୍ର ଅଭିଯୁକ୍ତ କୁ ଗିରଫ କରାଯିବ ବୋଲି ନୂଆପଡ଼ା ଏସପି ରାଘବେନ୍ଦ୍ର ଗୁଣ୍ଡାଲା ରେଡ୍ଡୀ ପ୍ରତିଶ୍ରୁତି ଦେଇଛନ୍ତି । ଭଲ ପାଇ ବିବାହର ପ୍ରତିଶୃତି ଦେଇ ଯୁବତୀ ସହ ଶାରୀରିକ ସଂପର୍କ ରଖି ଯୁବତୀ ଙ୍କୁ ପ୍ରତାରଣା ଘଟଣା ବର୍ତ୍ତମାନ ନୀତି ଦିନିଆ ଭଳି ଲାଗୁଥିବା ବେଳେ ଅନେକ ସ୍ଥାନ ରେ ଏଥିରେ ପୀଡ଼ିତା ନ୍ୟାୟ ପାଇବା ରୁ ବଞ୍ଚିତ ହେଉଛନ୍ତି । ଖଡ଼ିଆଳ ଥାନା ବାରେଶବାହାଲୀ ଘଟଣା ରେ ପୀଡ଼ିତା ଯୁବତୀ ଙ୍କୁ କେବେ ନ୍ୟାୟ ମିଳୁଛି ସେ ଉପରେ ଜନସାଧାରଣ ଙ୍କ ନଜର ।

## ଦଶପଲ୍ଲା ଏନ ଏ ସୀ ରେ ସ୍ୱଚ୍ଛତା ପକ୍ଷ ପାଳନ ବେକାର

ଦଶପଲ୍ଲା,(ମହାଭାରତ): କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ସ୍ୱଚ୍ଛତା ପକ୍ଷ କୁ ଗୁରୁତ୍ୱ ଦେଇ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏବଂ ସେ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପରିବେଶ ସ୍ୱଚ୍ଛ ରଖିବାକୁ ହେଲେ ସମସ୍ତ ଙ୍କ ସହଯୋଗ ରହିବା ଦରକାର। ଅନେକ ସମୟରେ ବିଭନ୍ନ ଡ୍ରେନେଜ ରେ ପାଣି ଜମି ରହିବା, ରାସ୍ତା କଡରେ ଅଳିଆ ଜମିବା ଯାଞ୍ଚ ଫଳରେ ଡେଙ୍ଗୁ ମ୍ୟାଲେରିଆ ହେବା, ଅଳିଆ ବିଭିନ୍ନ ସ୍ଥାନରେ ପଡି ରହିବା ଯାଞ୍ଚଦ୍ୱାରା ଦୁର୍ଗନ୍ଧ ବାହାରି ପରିବେଶ ପ୍ରଦୂଷିତ ହେବା ଓ ବିଭିନ୍ନ ରୋଗ ସୃଷ୍ଟିର କାରଣ ସାଜିବା ଦେଖାଯାଇଥାଏ। ତେବେ ସରକାର ସ୍ୱଚ୍ଛତା ପାଇଁ ଅନେକ ଦୃଢ଼ ପଦକ୍ଷେପ ମାନ ବିଗତ ଦିନରେ ନେଇଛନ୍ତି। ବର୍ତମାନ ମଧ୍ୟ ବିଭିନ୍ନ କାର୍ଯ୍ୟପ୍ୟା ମାନ ଗ୍ରହଣ କରୁଛନ୍ତି ।କମ୍ପୋଷ୍ଟ କରି ସେଥିରେ ଅଳିଆ ଆବର୍ଜନା ପକାଇ ଜୈବିକ ସାର ପ୍ରସ୍ତୁତି ଆଦି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଯୋଜନା ହାତକୁ ନେଇଛନ୍ତି। ତେବେ ଏ ପରିପ୍ରେକ୍ଷୀରେ ଦଶପଲ୍ଲା ଏନ ଏ ସୀ ଅନ୍ତର୍ଗତ ୮ନମ୍ବର ୱାର୍ଡ ଅନ୍ଧାରକୋଟ ଠାରେ ଦଶପଲ୍ଲା ଗଣିଆ ମୁଖ୍ୟ ରାସ୍ତାର ପାର୍ଶ୍ୱରେ ଅଳିଆ ଆବର୍ଜନା ପଡିବା ଲାଗି ପରିବେଶ ନଷ୍ଟ ହେଉଛି। ଏହାକୁ କୌଣସି କମ୍ପୋଷ୍ଟ ର ସୁବିଧା କେବେ ହେବ ତାହା ଦେଖିବାକୁ ବାକି ରହିଲା।

## ବଜାର ରୁ ମା’ ନିଖୋଜ, ଖୋଜୁଛନ୍ତି ୨ କୋମଳ ଶିଶୁ କନ୍ୟା

କାକଟପୁର(ମହାଭାରତ): କାକଟପୁର ବ୍ଲକ ସୁହାଣପୁର ଗ୍ରାମ ବାଣୁଆ ସାହି ଗ୍ରାମ ରେ ଘଟିଛି ଏକ ହୃଦୟବିଦାରକ ଘଟଣା, ଯାହାକୁ ନେଇ ସମ୍ପୂର୍ଣ୍ଣ ଅଞ୍ଚଳ ରେ ଏକ ଦୁଃଖଦାୟକ ପରିସ୍ଥିତି ସୃଷ୍ଟି ହୋଇଛି, ୨ ଟି କୋମଳମତି ଶିଶୁକନ୍ୟା ପ୍ରତ୍ୟେକ ଦିନ ହାତରେ ଗୋଟେ ମହିଳା ଙ୍କ ଫୋଟୋ ନେଇ ସାଇ ପଡିଶା ଘରେ ଖୋଜୁଛନ୍ତି, ସେ ଆଉ କେହି ନୁହନ୍ତି ବରଂ ସେଇ ଶିଶୁକନ୍ୟା ଦୋୟ ଙ୍କ ଜନ୍ମଦାତ୍ରୀ ମା’ ପୂଜାରାଣୀ ପ୍ରଧାନ, ସୂଚନା ମୁତାବକ ସୁହାଣପୁର ଗ୍ରାମ ରେ ପୀତବାସ ଘଡେଇ ଙ୍କ ସାନ ପୁଅ ଦେବବ୍ରତ ଘଡେଇ ସେହି ଗ୍ରାମ ରେ ବଳରାମ ପ୍ରଧାନ ଙ୍କ ଝିଅ ପୂଜା ଙ୍କୁ ୬ ବର୍ଷ ହେବ ପ୍ରେମ ବିବାହ କରିଥିଲେ, ୨ ଜଣ ଙ୍କ ଦାମ୍ପତ୍ୟ ଜୀବନ ରେ ବେଳେବେଳେ ଝଡଝଞ୍ଜା ଆସେ ମାତ୍ର ତାହା ଆପୋଷ ବୁଝାମଣା ରେ ସମାଧାନ ହୁଏ ଯାହା ପୂଜା ଙ୍କ ଶଶୁର ଓ ଶାଶୁ ମତାମତ ଦେଇଛନ୍ତି। ଗତମାସ ୧୪ ତାରିଖ ରେ ଉଭୟ ଦମ୍ପତି କାକଟପୁର ବଜାର କୁ କୌଣସି ବ୍ୟକ୍ତିଗତ କାର୍ଯ୍ୟ ରେ ଆସିଥିଲେ ମାତ୍ର ସ୍ୱାମୀ ପାନ କିଣିବାକୁ ଯାଇ ଫେରିଲା ବେଳକୁ ଘଟଣା ସ୍ଥଳରେ ତାଙ୍କ ସ୍ତ୍ରୀ ପୂଜା ନିଖୋଜ ଅଛନ୍ତି, ସ୍ୱାମୀ ଦେବବ୍ରତ ଘଡେଇ ଜୈନକ ଜଣେ ବ୍ୟକ୍ତି ଙ୍କ ଉପରକୁ ସନ୍ଦେହ କରି ସ୍ତ୍ରୀ ଙ୍କ ନିଖୋଜ ଉପରେ କାକଟପୁର ଥାନା ରେ ଏତଲା କରିଛନ୍ତି। ମାତ୍ର ଘଟଣା ରେ ଏକ ମାସ ପୂରିଯାଇଛି ଦେବବ୍ରତ ସେହି ଗ୍ରାମ ରେ ନିଜ ଶଶୁର ଘର, ବନ୍ଧୁ ବାନ୍ଧବ ଏବଂ ବିଭିନ୍ନ ସ୍ଥାନ ଖୋଜାଖୋଜି କରି ଥକି ଯାଇଛନ୍ତି କିନ୍ତୁ ସ୍ତ୍ରୀ ରେ ସନ୍ଧାନ ପାଇନାହାନ୍ତି, ଦେବବ୍ରତ ଜଣେ ଡ୍ରାଇଭର ଅଟନ୍ତି, କିନ୍ତୁ ବର୍ତ୍ତମାନ ପରିସ୍ଥିତି ରେ ସେ ନିଜ ଶିଶୁ କନ୍ୟା ୨ ଙ୍କର ଲାଳନ ପାଳନ ସହିତ ଘରେ ୨ ବୃଦ୍ଧ ବାପା ମା ଙ୍କ ସେବା ରେ ରହି ରୋଜଗାର କ୍ଷେତ୍ର କୁ ଯାଇପାରୁନାହାନ୍ତି,ଗୋଟେ ମାନସିକ ଦୁଶ୍ଚିନ୍ତା ଭିତରେ ଗଣମାଧ୍ୟମ ର ସାହାଯ୍ୟ ମାଗିଛନ୍ତ। ଆଉ ଗଣମାଧ୍ୟମ ସାମ୍ନା ରେ ନିଜ ଧର୍ମପତ୍ନୀ ଙ୍କୁ ନିବେଦନ କରିଛନ୍ତି। କୋମଳମତି ଶିଶୁ ମାନଙ୍କ ଦାୟିତ୍ୱ ଆଉ ତାଙ୍କ ମାତୃତ୍ୱ ଫେରାଇ ଦେବାକୁ, ଯଦିଓ କେହି ସହୃଦୟ ବ୍ୟକ୍ତି ଏହି ଘଟଣା ସମ୍ପର୍କ ରେ ପୂଜାରାଣୀ ଙ୍କ ସନ୍ଧାନ ପାଇବେ ତାହେଲେ ୭୩୨୭୯୨୬୧୮୪ ନମ୍ବର ରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି ।

## ମନସା ଚାରିଟେବୁଲ୍ ଟ୍ରଷ୍ଟ: ରକ୍ତଦାନ ଶିବିର ସାଧାରଣରେ ପ୍ରଶଂସିତ

ପାରାଦୀପ(ମହାଭାରତ) ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମନସା ଚାରିଟେବୁଲ ଟ୍ରଷ୍ଟ ଗର୍ବର ସହିତ ପାରାଦୀପ କଲେଜରେ ଆୟୋଜିତ ହୋଇଥିବା ରକ୍ତଦାନ ଶିବିରର ସଫଳତାର ସହ ଶେଷହୋଇଛି ।ଏହି ଶିବିରରେ ଶତାଧିକ ରକ୍ତ ଦାତା ଏହି ଜୀବନ ରକ୍ଷାକାରୀ କାର୍ଯ୍ୟରେ ଯୋଗଦାନ ଦେବାକୁ ଆଗେଇ ଆସିଥିଲେ ।ପାରାଦୀପ ବନ୍ଦରର ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। କେନ୍ଦ୍ରୀୟ ରେଡକ୍ରସ୍ ରକ୍ତଭଣ୍ଡାର, କଟକ ସହିତ ମିଳିତ ଭାବରେ ଆୟୋଜିତ ଏହି ଶିବିରର ଲକ୍ଷ୍ୟ ଏହି ଅଞ୍ଚଳରେ ରକ୍ତର ଚିରସ୍ଥାୟୀ ଆବଶ୍ୟକତାକୁ ପୂରଣ କରିବା ଏବଂ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତି ପାଇଁ ସୁସ୍ଥ ସାଇତି ରଖିବା ।ଶ୍ରୀ ରାଉତ ମାନସା ଚାରିଟେବୁଲ ଟ୍ରଷ୍ଟର ପ୍ରୟାସକୁ ପ୍ରଶଂସା କରି କହିଥିଲେ, ରକ୍ତଦାନ ଏକ ନିଃସ୍ୱାର୍ଥପର କାର୍ଯ୍ୟ ଯାହା ସିଧାସଳଖ ଜୀବନକୁ ପ୍ରଭାବିତ କରେ। ଏପରି ଗୁରୁତ୍ୱପୂର୍ଣ୍ଣ ଶିବିର ଆୟୋଜନ କରିବାରେ ମାନସା ଚାରିଟେବୁଲ ଟ୍ରଷ୍ଟର ସମର୍ପଣ ପ୍ରଶଂସନୀୟ ଏବଂ ଆମ ସମାଜ କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ।ଦିନସାରା, ଯୋଗ୍ୟ ଡାକ୍ତର ଏବଂ ଚିକିତ୍ସା ବୃତ୍ତିଗତଙ୍କ ଏକ ଦଳ ଦାନ ପ୍ରକ୍ରିୟାକୁ ସତର୍କତାର ସହ ତଦାରଖ କରିଥିଲେ, ସମସ୍ତ ଦାତାଙ୍କ ସୁରକ୍ଷା ଏବଂ ଆରାମ ସୁନିଶ୍ଚିତ କରିଥିଲେ। ଦାନ ପୂର୍ବରୁ ସମସ୍ତ ସମ୍ଭାବ୍ୟ ଦାତାଙ୍କୁ ରକ୍ତଚାପ, ହିମୋଗ୍ଲୋବିନ ସ୍ତର ଏବଂ ଓଜନ ଯାଞ୍ଚ ସମେତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଦାତାଙ୍କ ଦାନଶୀଳତାକୁ ସ୍ୱୀକାର କରିବା ଏବଂ ପ୍ରଶଂସା ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ପାରାଦୀପର ଲୋକଙ୍କ ଉତ୍ସାହୀ ଅଂଶଗ୍ରହଣରେ ଆମେ ଅତ୍ୟନ୍ତ ବିନମ୍ର,




ମାନସା ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ଶ୍ରୀ ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି। ଆଜିର ଜନସମାଗମ ଆମ ସମ୍ପ୍ରଦାୟ ମଧ୍ୟରେ ବୃଦ୍ଧି ପାଉଥିବା ମାନବିକତା ଏବଂ ସାମୂହିକ ଦାୟିତ୍ୱର ଦୃଢ଼ ମନୋଭାବକୁ ପ୍ରଦର୍ଶନ କରେ। ଏଠାରେ ସଂଗୃହୀତ ପ୍ରତ୍ୟେକ ୟୁନିଟ୍ ରକ୍ତ ଜୀବନ ରକ୍ଷା କରିବାର ସମ୍ଭାବନା ରଖେ, ଏବଂ ଏହି ମହାନ ପ୍ରୟାସରେ ଆମ ସହିତ ଯୋଗ ଦେଇଥିବା ପ୍ରତ୍ୟେକଙ୍କ ପ୍ରତି ଆମେ କୃତଜ୍ଞ ।ଶିବିରେ ସଫଳତାର ସହିତ ୯୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି, ଯାହା ପାରାଦୀପ ଏବଂ ଆଖପାଖର ବିଭିନ୍ନ ଚିକିତ୍ସା ସୁବିଧାରେ ଆବଶ୍ୟକ ରୋଗୀଙ୍କୁ ସହାୟତା କରିବାରେ ସହାୟକ ହେବ। ମାନସା ଚାରିଟେବୁଲ ଟ୍ରଷ୍ଟ ସମସ୍ତ ସ୍ୱେଚ୍ଛାସେବୀ, ଚିକିତ୍ସା କର୍ମଚାରୀ ଏବଂ ସହାୟକ ସଂଗଠନଗୁଡ଼ିକୁ ହୃଦୟରୁ କୃତଜ୍ଞତା ଜଣାଉଛି ଯେଉଁମାନେ ଏହି ଶିବିରକୁ ସଫଳ କରିଥିଲେ ।ମାନସା ଚାରିଟେବୁଲ ଟ୍ରଷ୍ଟ ବିଭିନ୍ନ ମାନବିକ ପଦକ୍ଷେପ ମାଧ୍ୟମରେ ସମାଜର ସେବା କରିବାକୁ ପ୍ରତିବଦ୍ଧ ଏବଂ ଭବିଷ୍ୟତରେ ଏପରି ଅଧିକ ଜୀବନ ରକ୍ଷାକାରୀ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅପେକ୍ଷା କରିଛି।

## ମାନ୍ୟବର ଗ୍ରାମ୍ୟଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକଙ୍କ କଳାହାଣ୍ଡି ଗସ୍ତ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା, ବିଭିନ୍ନ ପ୍ରକଳ୍ପର ଉଦଘାଟନ




କଳାହାଣ୍ଡି/ମହାଭାରତ: ଭବାନିପାଟଣା : ତା. ୧୯.୦୭.୧୦୨୫ - ମାନ୍ୟବର ଗ୍ରାମ୍ୟଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକ ଦୁଇ ଦିନିଆ କଳାହାଣ୍ଡି ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ ସହିତ କଳାହାଣ୍ଡି ଜିଲ୍ଲାପରିଷଦ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାରେ ସରକାରଙ୍କର ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ଗମନାଗମନ, ପାନୀୟଜଳ, ଗ୍ରମ୍ୟାଉନ୍ନୟନ,ପୂର୍ତ୍ତ, ଅବକାରୀ, ଜଳସେଚନ, କୃଷି, କୃଷି ଉଦ୍ୟାନ, ସମାଜକଲ୍ୟାଣ, ସମନ୍ୱିତ ଶିଶୁ ବିକାଶ, ମତ୍ସ, ଶ୍ରମ, ନିୟୋଜନ, ବେଶାମରିକ ଯୋଗାଣ, ଜଙ୍ଗଲ ଓ ପରିବେଶ ଇତ୍ୟାଦି ବିଭାଗର ଉତ୍ତୟନ ମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସଂପୃକ୍ତ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ ଯ ନୂଆ ସରକାର ହେଉଛନ୍ତି ଲୋକଙ୍କ ସରକାର ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ବିଶେଷକରି ଗରିବ ଲୋକଙ୍କ କଲ୍ୟାଣ ପାଇଁ ସରକାରଙ୍କ ଦ୍ୱାରା ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ସମସ୍ତ ଯୋଜନା, କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ସହିତ ନିଷ୍ଠାପର ଭାବରେ ସେବା ମନୋଭାବ ନେଇ ସଂପୃକ୍ତ ବିଭାଗୀୟ ସମସ୍ତ ଅଧିକାରୀ ନିଜ ନିଜର ଦାୟିତ୍ୱ ତୁଲାଇବା ପାଇଁ ମନ୍ତ୍ରୀ ଶ୍ରୀ ନାଏକ ପରାମର୍ଶ ଦେଇଥିଲେ ଯ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ ମାନ୍ୟବର ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇ ସମୀକ୍ଷା ବୈଠକର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସମୀକ୍ଷା ବୈଠକରେ ବିଧାୟକ ଧର୍ମଗଡ ସୁଧିର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲାପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଡି.ଏଫ୍.ଓ. ଦକ୍ଷିଣ କଲାଇ ବାନାନ୍ ଆର୍., ଡି.ଏଫ୍.ଓ. ଉତ୍ତର ରମେଶ କୁମାର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଭବାନିପାଟଣା ପ୍ରଭାତ କୁମାର ପରିଡ଼ା, ଭାରପ୍ରାପ୍ତ ଉପଜିଲ୍ଲାପାଳ ଧର୍ମଗଡ ଅଜୟ କୁମାର ତିର୍କୀ, ସାଂସଦ କଳାହାଣ୍ଡି ଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ଭା.ଜ.ପା. ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦାର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ମାନ୍ୟବର ମନ୍ତ୍ରୀଙ୍କ ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଭବାନିପାଟଣା ବ୍ଲକ ନିକଟସ୍ଥ ସ୍ୱୟଂ ସହାୟକ ଗୋଷ୍ଠୀ ରିଟେଲ ମାର୍ଟ ଦୁଆରସନି ମାର୍କେଟ କମ୍ପ୍ଲେକ୍ସ, କିକିଆ ଭେଜିପଦର ଆର୍.ପି.ଡବ୍ଲ.ଏସ୍., କେରୋକୁଡ଼ା ଗ୍ରାମ୍ୟ ହାଟ ର ମାନ୍ୟବର ମନ୍ତ୍ରୀଙ୍କ ମନ୍ତ୍ରୀଙ୍କ କରକମଳରେ ଶୁଭ ଉଦଘାଟନ କରଯାଇଥିଲା । ଏହାପରେ ମନ୍ତ୍ରୀ ଶ୍ରୀ ନାଏକ ରେଣ୍ଡୋ ମାଝୀ ମେଡିକାଲ କଲେଜ ପରିଦର୍ଶନରେ ଯାଇ ସେଠାରେ ଅନୁଷ୍ଠିତ ଉନ୍ନତି ମୂଳକ ପ୍ରକଳ୍ପର ଲୋକାର୍ପଣ ଓ ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ୧୧୭ ଗୋଟି ଉନ୍ନତି ମୂଳକ ପ୍ରକଳ୍ପର ଲୋକାର୍ପଣ ଓ ୪୦ ଗୋଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ନାଏକ ସମବେତ ଜନସାଧାରଣଙ୍କୁ ଉଦବୋଧନ ଦେଇ କଳାହାଣ୍ଡି ଜିଲ୍ଲାର ଉନ୍ନତି ଓ ବିକାଶ ପାଇଁ ସରକାରଙ୍କର ପ୍ରଚେଷ୍ଟା ଓ ଜନକଲ୍ୟାକାରି ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ମାନ୍ୟବର ମନ୍ତ୍ରୀଙ୍କ କରକମଳରେ ଜିଲ୍ଲାର ଉନ୍ନତି ଓ ବିକାଶ ପାଇଁ ୨୩୯.୯୫ କୋଟି ଉନ୍ନତି ମୂଳକ ପ୍ରକଳ୍ପର ଲୋକାର୍ପଣ ଓ ନୂତନ ପ୍ରକଳ୍ପର ଭି□ପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ଧର୍ମଗଡ ସୁଧିର ରଞ୍ଜନ ପାଟଯୋଷୀ, ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ,(ପ୍ରବେଶ ନ) ଅନୀମେସ ପ୍ରଧାନ,ସାଂସଦ କଳାହାଣ୍ଡି ଙ୍କ ପ୍ରତିନିଧି ଜୟସଙ୍କର ନାଏକ, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦାର, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ଜନସେବା କେନ୍ଦ୍ରର ୧୬ ତମ ବାର୍ଷିକ ଉତ୍ସବ ପାଳିତ

ବାଲିଗୁଡା (ମହାଭାରତ): ଭାରତ ବର୍ଷର ସବୁ ପଞ୍ଚାୟତ ରେ ଜନସେବା କେନ୍ଦ୍ର ସ୍ଥାପିତ ହୋଇଥିଲା। ଦେଶର ଜନସାଧାରଣଙ୍କୁ ହାତ ପାହାନ୍ତାରେ ସମସ୍ତ ସେବା ଯୋଗେଇ ଦେବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଏହି ସେବା ଆରମ୍ଭ କରାଯାଇଥିଲା। ବ୍ୟାଙ୍କ ସେବା ଠାରୁ ଆରମ୍ଭ କରି ଆବେଦନ, ପଞ୍ଜିକରଣ ଓ ଅନ୍ୟାନ୍ୟ ସେବା ଗୁଡିକ ମଧ ଘର ପାଖରେ ହିଁ ଜନସାଧାରଣ ପାଇପାରିଥିଲେ।ଡିଜିଟାଲ ଯୁଗର ଡିଜିଟାଲ ସେବା ଜନସାଧାରଣଙ୍କ ପାଇଁ ବେସ ସହାୟକ ସାବ୍ୟସ୍ତ ହେଲାୟ ଏହି ସେବା ଆଜି ୧୬ ବର୍ଷରେ ପଦାର୍ପଣ କରିଥିବା ବେଳେ ଦେଶର ସମସ୍ତ ସିଏସସି ଜନସେବା କେନ୍ଦ୍ର ଗୁଡିକରେ ୧୬ ତମ ଜନସେବା କେନ୍ଦ୍ର ଦିବସ ପାଳିତ ହେଉଛି।କନ୍ଧମାଳ ଜିଲ୍ଲା ସିଏସସି ମ୍ୟାନେଜେର ବିନାୟକ ସାବତଙ୍କ ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି କ୍ରମରେ କନ୍ଧମାଳ ଜିଲ୍ଲା ସବୁ ବ୍ଲକରେ ଥିବା ସମସ୍ତ ଜନସେବା କେନ୍ଦ୍ର (ସି ଏସ ସି)ତରଫରୁ ୧୬ ତମ ବାର୍ଷିକ ଉତ୍ସବ ବେସ ଧୁମଧାମରେ ପାଳିତ ହୋଇଯାଇଛି । ଭିଏଲଇ ମାନେ ଜନସାଧାରଣଙ୍କୁ ଅନବରତ ବିଭିନ୍ନ ସେବା ଯୋଗାଇ ଆସୁଛନ୍ତି ।ଆୟୋଜିତ ଉକ୍ତ ବାର୍ଷିକ ଉତ୍ସବ କନ୍ଧମାଳ ଜିଲ୍ଲା ର ବାର ଗୋଟି ବ୍ଲକ ଠାରେ ସେବା କେନ୍ଦ୍ର (ସି ଏସ ସି ) ପାଳିତ ହୋଇଯାଇଛି ଓ ପ୍ରତି ପଞ୍ଚାୟତ ର ଭିଏଲି ମାନେ ଉପସ୍ଥିତ ରହି ପରସ୍ପରକୁ ମିଠା ଖୁଆଇ ବାର୍ଷିକ ଉତ୍ସବର ଶୁଭେଚ୍ଛା ଜଣେଇଛନ୍ତି ।

## ବ୍ରହ୍ମପୁର ସାଂସଦଙ୍କୁ ଦୋଳ ବନ୍ଧ କମିଟିର ସ୍ମାରକପତ୍ର ପ୍ରଦାନ ଓ ଆଲୋଚନା

ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ ପାଣିଗ୍ରାହୀଙ୍କ ଗଜପତି ଜିଲ୍ଲା ଗସ୍ତ ଅବସରରେ ପାରଳାଖେମୁଣ୍ଡି ସର୍କିଟ ହାଉସ ଠାରେ ସ୍ଥାନୀୟ ଦୋଳ ବନ୍ଧ ଉନ୍ନୟନ କମିଟିର ସଭାପତି ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ କମିଟିର କର୍ମକର୍ତ୍ତାମାନେ ଯାଇ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏକ ସ୍ମାରକପତ୍ର ଦେବା ସହିତ ଦୋଳବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ପାରଳା ପୌର ପରିଷଦ ଆଶାନୁରୂପ କାମ କରୁ ନ ଥିବା ସହିତ ସହରର ଅନ୍ୟ ଚାରୋଟି ବନ୍ଧ ପାଇଁ ଆସୁଥିବା କୋଟି କୋଟି ଟଙ୍କା କିଭଳି ପାଣିରେ ପଡୁଛି ତାକୁ ପ୍ରକାଶ କରିଥିଲେ ।ପୋଖରୀ ଗୁଡିକ ରେ ଜଳ ସଂରକ୍ଷଣ ହୋଇରହିଲେ ଜନସାଧାରଣ ବା ଅଞ୍ଚଳବାସୀଙ୍କ ସ୍ନାନ କାମରେ ଆସିବା ସହିତ ବିଭିନ୍ନ ପର୍ବପର୍ବାଣୀରେ ପୋଖରୀରେ ଭୂମିକାର ମହ□ ଥିବା କଥା କହିଥିଲେ ।ମାନ୍ୟବର ସାଂସଦ ଏଥିପ୍ରତି ଦୃଷ୍ଟି ଦେବି ବୋଲି କହିଥିଲେ ଆଲୋଚନା ବେଳେ ରାଜେନ୍ଦ୍ର ବେହେରା ମଙ୍ଗଳା ପଟ୍ଟନାୟକ,ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିନୋଦ ଚନ୍ଦ୍ର ଜେନା ଲିଖିତ ଆକାରରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ମମତା ଗୃହରେ ଚାଲିଛି ଅଙ୍ଗନବାଡ଼ି କ୍ଲାସ



ରାଇରଙ୍ଗପୁର,(ମହାଭାରତ): ୨୦୧୦ ମସିହାରେ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଅନ୍ତର୍ଗତ ଲୁହାକାନୀ ପଞ୍ଚାୟତର ଲୁହାକାନୀ ମୁସଲିମ ସାହି ପାଇଁ ଏକ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପିତ ହୋଇଅଛି। କିନ୍ତୁ ଦୁଃଖର ବିଷୟ ୧୫ ବର୍ଷ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ଏହି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ କୌଣସି ଏକ ସ୍ୱତନ୍ତ୍ର ଗୃହ ନିର୍ମାଣ ହୋଇ ପାରି ନାହିଁ। ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ନିଯୁକ୍ତି ପାଇଥିବା ଦିଦି ରେଣୁବାଳା ହେମ୍ବ୍ରମ ବହୁ ଘାତ ପ୍ରତିଘାତ ସହି କେତେ ବେଳେ ନିଜ ଘର ବାରଣ୍ଡାରେ ତ କେତେବେଳେ ଗଛ ମୂଳରେ ତ କେତେବେଳେ ସ୍କୁଲ ବାରଣ୍ଡାରେ ପିଲା ମାନଙ୍କୁ ନେଇ ଶିକ୍ଷା ଦାନ କରି ଆସୁଛନ୍ତି।ତେବେ ଚଳିତ ବର୍ଷର ଲଗାଣ ବର୍ଷା ଯୋଗୁଁ ଏବେ ମମତା ଗୃହରେ ଛୋଟ ଛୋଟ ପିଲାମାନଙ୍କୁ ନେଇ କ୍ଲାସ କରୁଥିବା ନଜରକୁ ଆସିଛି।ଯୋଉଥିରେ କି ଏକ ଛୋଟ ରୁମ୍ ଭିତରେ ଅଙ୍ଗନବାଡ଼ି ପିଲା ୨୩ ଜଣ,୩ ମାସରୁ ୬ ମାସର ୨୬ ଜଣ କୁନି କୁନି ପିଲା,୭ ଜଣ ଗର୍ଭବତୀ ମହିଳା ଓ ୩ ଜଣ ପ୍ରସୂତି ମହିଳାଙ୍କୁ ନେଇ ଅଙ୍ଗନବାଡ଼ି କର୍ମୀ ରେଣୁବାଳା ବହୁ ଅସୁବିଧାର ସମ୍ମୁଖୀନ ହୋଇ ନିଜର କାର୍ଯ୍ୟ କରୁଛନ୍ତି।ଏ ବାବଦରେ ପ୍ରଶାସନ କୁ ଜଣାଇବା ପରେ ଆଜକୁ ୧୫ ବର୍ଷ ପରେ ମଧ ଏକ ଅଙ୍ଗନବାଡ଼ି ଗୃହ ନିର୍ମାଣ ହୋଇ ନ ପାରିବା ବହୁତ ଲଜ୍ଜାର ବିଷୟ। ଶେଷରେ ଏହି ନେଇ ଅଙ୍ଗନବାଡ଼ି କର୍ମୀ ଆମ ପ୍ରତିନିଧିଙ୍କ ଦ୍ୱାରା ପୁଣି ଥରେ ପ୍ରଶାସନିକୁ ଅନୁରୋଧ କରିଛନ୍ତି ଯେ ଶୀଘ୍ର ଏକ ଅଙ୍ଗନବାଡ଼ି ଗୃହ ନିର୍ମାଣ କରିଦେଲେ ପିଲାମାନେ ଭଲ ଭାବରେ ବସି ଶିକ୍ଷା ଗ୍ରହଣ କରିପାରିବେ।

## ଦୁର୍ଗା ପୂଜା ଉପଲକ୍ଷେ ନାଟକ ପୁସ୍ତକ ପୂଜା

ବାଲିପାଟଣା ( ମହାଭାରତ): ବାଲିପାଟଣା ସାର୍ଜନିନ ଦୁର୍ଗା ପୂଜା କମିଟି ଓ ବୁଦ୍ଧନାଥ ବ୍ୟବସାୟୀ ସଙ୍ଘ ଏବଂ ମହାବୀର ସାଂସ୍କୃତିକ ପରିଷଦ ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ଦଶହରା ଉପଲକ୍ଷେ ନାଟକ ବହି ପୂଜା ଅନୁଷ୍ଠିତ ହୋଇ ଯାଇଛି । ଶିଶୁ ଅନନ୍ତ କଲେଜ ସ୍ଥିତ ବାଟ ମହାବୀର ମନ୍ଦିର ରେ ବହି ପୂଜା ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା , ଖ୍ୟାତି ସମ୍ପନ୍ନ ନାଟ୍ୟ ନିର୍ଦ୍ଦେଶକ ଭଗବାନ ପଣ୍ଡା ଏବଂ ସହ ନିର୍ଦ୍ଦେଶକ ଦୀପକ ପ୍ରଧାନ ଉପସ୍ଥିତି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାବୀର ସାଂସ୍କୃତିକ ପରିଷଦ ସଭାପତି କ୍ଷୀରୋଦ ଜେନା , ଉପଦେଷ୍ଟା କାଶୀନାଥ ସାହୁ , ଅଜୟ ହୋତା , ଅକ୍ଷୟ ସହୁ , ଜୟନ୍ତ ଓଝା , ପୂର୍ଣ୍ଣ ଚନ୍ଦ୍ର ମାହୁନ୍ତ , ବସନ୍ତ କୁମାର ଦାଶ , ଆଲୋକ କୁମାର ଆଚାର୍ଯ୍ୟ , ବିଜୟ ପ୍ରଧାନ , ସନ୍ତୋଷ କୁମାର ଭୋଳ , ବାହାନ ଭୋଇ , ସୂର୍ଯ୍ୟ ମୁଖି , ବିଜୟ ପ୍ରଧାନ , ସନ୍ତୋଷ ମୁଦୁଲି, ଅମିତ ଜେନା , ସାଗର ପ୍ରଧାନ , ହୃଦାନନ୍ଦ ଭୋଳ , ତ୍ରିବିକ୍ରମ ଆଚାର୍ଯ୍ୟ , ଚିନ୍ତା ମଣି କାସ୍ତ ,ରତିକାନ୍ତ ସାହୁ , ରଞ୍ଜନ କୁମାର ପ୍ରଧାନ , ଶୈଳେନ୍ଦ୍ର ତ୍ରିପାଠୀ, ପରୀକ୍ଷିତ ବେହେରା , ଜ୍ୟୋତି ରଞ୍ଜନ ମହାନ୍ତି , ସ୍ମୃତି ସ୍ୱରପ ପ୍ରତିହାରୀ, ସ୍ୱରପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ' ଆସିଛି ଏକା ଜୀବି ମୁଁ ଏକା ' ଏବଂ ' କହିବାକୁ ଲାଜ ଶୁଣିଲେ ପାପ ' ସାମଜିକ ନାଟକ ମଞ୍ଚସ୍ତ ହେବ ବୋଲି ଜଣାପଡିଛି ମହାବୀରଙ୍କ ପୂଜକ ଉମେଶ ରଥ ପୂଜା କାର୍ଯ୍ୟ ତୁଲାଇ ଥିଲେ।

# ପୋଖରୀବନ୍ଧ- କନେର ରାସ୍ତା ପାଲଟିଛି ମରଣଯନ୍ତା

## ଅବଧି ସରିବା ପୂର୍ବରୁ ଉଜୁଡିଗଲା ରାସ୍ତା



ଲାଞ୍ଜିଗଡ଼(ମହାଭାରତ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ପୋଖରୀବନ୍ଧରୁ ବିଶ୍ୱନାଥପୁରକୁ ସଂଯୋଗ କରୁଥିବା ରାସ୍ତାରେ ରହିଛି ମୁକୁନ୍ଦପୁର ଛକ। ଏହି ରାସ୍ତାର ବାମପଟ ଦେଇ ୩ କି.ମି ଗଲେ ପଡେ ମେଲଘୁଟୁ ଗାଁ ଆଉ ସେଇଠୁ ଦକ୍ଷିଣ ପଟକୁ ୨ କିମି ଗଲେ କନେର ଗାଁ। ପକ୍କା ଓ ସ୍ଥାୟୀ ସଡ଼କ ଯୋଗାଯୋଗ ନଥିବା ଏହି ଗାଁକୁ ଗତ ପାଞ୍ଚବର୍ଷ ତଳେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇଥିଲା। ଟେଣ୍ଡର ପାଇଥିବା ଠିକାଦାର ଜଣକ ରାସ୍ତା ବି ତିଆରି କଲେ। କିନ୍ତୁ ଧିର ମ୍ୟର ଗତିରେ କାମ ସାଙ୍ଗକୁ ଅତି ନିମ୍ନମାନର କାମ କରିବା ଯୋଗୁଁ ରାସ୍ତା ନିର୍ମାଣ ଶେଷ ନହେଉଣୁ ରାସ୍ତା ଉଜୁଡିବାକୁ ଲାଗିଲା। ଏପରିକି ପାଞ୍ଚବର୍ଷ ଗ୍ୟାରେଣ୍ଟି ଅବଧି ରହିଥିଲେ ହେଁ ଠିକାଦାର ସବୁତକ ଲାଭ ନେଇ ଚମ୍ପଟ ମାରିଲେ ସିନା ଥରୁଟିଏ ବି ରକ୍ଷଣାବେକ୍ଷଣ କିମ୍ବା ମରାମତି ଦାୟିତ୍ୱ ହାତକୁ ନେଲେ ନାହିଁ। ଓଲଟା କାମ ସରିଯିବା ପରେ ରାସ୍ତାକୁ ଭୁଲିଗଲେ। ଫଳରେ ରାସ୍ତା ସଂପୂର୍ଣ୍ଣ ଭାବେ ଉଜୁଡିଯିବା ସହିତ ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ଅଭିଯୋଗ ଶୁଣାଣୀରେ ବାରମ୍ବାର ଅଭିଯୋଗ କରି କରି ଥକିଗଲେଣି କିନ୍ତୁ କୌଣସି ସୁଫଳ ମିଳୁନାହିଁ। ଏବେ ବର୍ଷାଋତୁ ଆସିଥିବାବେଳେ ପୋଖରୀବନ୍ଧ ପଞ୍ଚାୟତର ଇର୍କୁଲି, କରଲାକୁପା, ବିନାୟକପୁର, କନେର, ଇସାରବାରୁ, ମେଲଘୁଟୁ,ପୁଡାଉମେର, ବୁଢ଼ାଉମେର,ଉମେର, ପୋଖରୀ ପଦର, ମୁକୁନ୍ଦପୁର, ବେଢାଲଖମନ, ଭେଜିପଦର ଆଦି ଗାଁର ପାଞ୍ଚ ହଜାର ଉର୍ଦ୍ଧ୍ୱ ଲୋକେ ନିର୍ଭର କରୁଥିବା ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହେବା ଆଶଙ୍କା ଦେଖାଦେଇଛି। ଏନେଇ ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝୀ, ନାଏବ ସରପଞ୍ଚଞ୍ଚ ପବିତ୍ର ବିଭାର, ବୁଦା ମାଝୀ, ମହେଶ୍ୱର ବେହେରା, ଦେବାର୍ଚ୍ଚନ ବେହେରା, ସଂକୀର୍ତ୍ତନ ବେହେରା, ସାଲେଶ କରୁଆଁ, ଚନ୍ଦ୍ରମଣି ବେହେରା, ଶୁକୁ ମାଝୀ, ତାଡି ମାଝୀଙ୍କ ସମେତ ଅଞ୍ଚଳବାସୀ ତୁରନ୍ତ ରାସ୍ତା ନିର୍ମାଣ କରାଯିବାକୁ ଦାବି କରିଛନ୍ତି। ନଚେତ ରାସ୍ତା ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଭଗବାନ ଗଉଡ଼ଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ଅବଧି ସହିତ ରକ୍ଷଣାବେକ୍ଷଣ ଓ ମରାମତି ଅବଧି ଗତ ମଇ ମାସରେ ଶେଷ ହୋଇଛି। ଏହି ରାସ୍ତା ନିର୍ମାଣ ଓ ମରାମତି ପାଇଁ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି, ଅନୁଦାନ ମଞ୍ଜୁର ହେଲେ କାମ ହେବ ବୋଲି ସେ କହିଛନ୍ତି।

## ଉଷ୍ଣ ପ୍ରସବଣକୁ ଖୋଜି ପାଇଲେ କିରିଆଲାଞ୍ଜୀ ଗ୍ରାମବାସୀ



ନୂଆଗାଁ ( ମହାଭାରତ ) : ନୟାଗଡ଼ ଜିଲ୍ଲା ସଦରଥାନା ତଥା ନୂଆଗାଁ ବ୍ଲକ ଦୁରୁଦୁରା ପଞ୍ଚାୟତ ଅନ୍ତର୍ଗତ କିରିଆଲାଞ୍ଜି ଗାଁରେ ଏକ ଉଷ୍ଣ ପ୍ରସବଣ ଦେଖାଯାଇଛି। ଗାଁ ର ସପନେଶ୍ୱର ମନ୍ଦିର ପଛ ପାଖରେ ନିର୍ମାଣ କରାଯାଇଥିବା ଏକ ପାର୍କରେ ଏହି ଉଷ୍ଣ ପ୍ରସବଣ ଦେଖାଯାଇଥିବା କିରିଆଲାଞ୍ଜୀ ଗ୍ରାମବାସୀ ମାନେ ସୂଚନା ଦେଇଛନ୍ତି। ଏଠାରେ ଏକ ବିଦ୍ୟୁତ ଖୁଣ୍ଟ କିଛି ଦିନ ତଳେ ଗ୍ରାମବାସୀ ଙ୍କ ମାଧ୍ୟମରେ ପୋତା ଯାଇଥିଲା। ଏହା ନିକଟରେ ଥିବା ଏକ ଖାଲରୁ ଦୁଇ ଦିନ ତଳେ ବାଷ୍ପ ବାହାରୁଥିବା ଲୋକ ମାନେ ଦେଖିବାକୁ ପାଇଥିଲା। ସେ ସ୍ଥାନକୁ ଯାଇ ଅନୁଧ୍ୟାନ କରିବା ପରେ ମାଟି ଏବଂ ସେ ସ୍ଥାନରେ ଥିବା ପାଣି ତାତିବା ଅନୁଭବ କରିଥିଲେ। ଏହାକୁ ନେଇ ଗ୍ରାମବାସୀ ଆଶ୍ଚର୍ଯ୍ୟ ହୋଇ ମାଟି ଖୋଳିବା ପରେ ତତଲା ପାଣି ବାହାରୁଥିବା ଦେଖାଯାଇଥିଲା। ଯାହାକୁ ନେଇ ଗ୍ରାମବାସୀ ଏହା ଏକ ଉଷ୍ଣ ପ୍ରସବଣ ବୋଲି ସନ୍ଦେହ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଏହି ସ୍ଥାନର ପରୀକ୍ଷା କରିବା ସହ ସତ ସାମ୍ନାକୁ ଆଣିବା ଆବଶ୍ୟକ ବୋଲି ଗ୍ରାମବାସୀ କହିଛନ୍ତି।

## ଚୋରି ମଟର ସାଇକେଲ ଜବତ ୨ଗିରଫ ୨ଫେରାର




ଆସିକା (ମହାଭାରତ): ଆସିକା ଥାନା ଅନ୍ତର୍ଗତ ବିଭିନ୍ନ ଇଲାକା ରୁ ଚୋରି ହୋଇଥିବା ମୋଟର ସାଇକେଲ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ଆସିକା ପୋଲିସ। ଗତ ୧୮/୦୭ ରାତ୍ରି ସମୟରେ ଆସିକା ପୁଡୁଗେଶ୍ୱର ପଲ୍ଲୀ ଛକ ଋଷିକୂଲ୍ୟା ବ୍ରିଜ ତଳୁ ଅନ୍ଧାରର ସୁଯୋଗ ନେଇ କୋଟିନଡ଼ା ଥାନା ଅନ୍ତର୍ଗତ ବାବନପୁର ତଳିସାହିର ରତ୍ନାକର ବାଡ଼ତ୍ୟା ଙ୍କ ଦୁଇପୁଅ ଉତ୍ତମ ବାଡ଼ତ୍ୟା, ରାଜା ବାଡ଼ତ୍ୟା ମୋଟରସାଇକେଲ ଦୁଇଟି ଚୋରାଇ ନେଉଥିଲା ବେଳେ କାଳଷଣ୍ଢପୁର ଠାରେ ଗ୍ରାମର କେତେକ ଯୁବକଙ୍କ ହାତରେ ଧାରା ପଡ଼ିଥିଲେ। ଏହି ଚୋର ଦୁଇଜଣଙ୍କୁ ସ୍ଥାନୀୟ ଲୋକ କାବୁ କରି ଚୋରି ଗାଡି ବିଷୟରେ ପଚାରିବା ସହ ମାଡମାରି ଆସିକା ପୋଲିସ କୁ ହସ୍ତାନତର କରିଥିଲେ ।ଆସିକା ପୋଲିସ ଦୁଇ ଚୋରଙ୍କ ଠାରୁ ତିନୋଟି ମୋଟର ସାଇକେଲ ଓଡି ୩୨ଡି ୭୮୯୪ହିରୋ ଏଚଏଫ ଡୀଲକ୍ସସହିତ ଓଡି ୦୭ଏଡି ୧୪୨୮ବଜାଜ ୧୫୦ ପଲସର ଗାଡି ସହ ଗୋଟିଏ କଳା ରଙ୍ଗର ନମ୍ବର ବିହୀନ ବଜାଜ ପଲସର ମଟର ସାଇକେଲ ସହ ଦୁଇଜଣଙ୍କୁ ଗିରଫ କରିବା ସହ ଆସିକା ଥାନା କେସ ନମ୍ବର ୪୩୧/୨୫ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ଚୋରି ଘଟଣାରେ ମୁଖ୍ୟ ମାଷ୍ଟମାଇଣ୍ଡ ଶୁଭମ ବାରିକ, ସୁମିତ ବାଡ଼ତ୍ୟା ଫେରାର ହୋଇଯାଇଛନ୍ତି। ଅନୁସନ୍ଧନ ରୁ ଜଣା ଯାଇଛି ଜେ ଦୀର୍ଘଦିନ ଧରି ଆସିକା ତଥା ଏହାର ଆଖ ପାଖ ଅଞ୍ଚଳରୁ ଏକ ମୋଟର ସାଇକେଲ ଚୋରି ଗ୍ୟାଙ୍ଗ ଅନେକ ମୋଟର ସାଇକେଲ ଚୋରି କରୁଛନ୍ତି।

## ୨୦୨୫-୨୬ ଖରିଫ୍ ଋତୁରେ ଚାଷ ହୋଇଥିବା ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମ ଆରମ୍ଭ

ସମ୍ବଲପୁର :-(ମହାଭାରତ)ଚଳିତ ବର୍ଷ ଖରିଫ୍ ତୁରେ ଚାଷ ହୋଇଥିବା ଚାଷୀଙ୍କ ଧାନ ସଂଗ୍ରହ ନିମନ୍ତେ ତା ୧୯.୦୭.୨୫ ରିଖ ଠାରୁ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି।ଚଳିତ ବର୍ଷ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମରେ କିଛି ପରିବର୍ତ୍ତନ କରଯାଇଅଛି।ଏଥିପାଇଁ ଚାଷୀମାନଙ୍କୁ ସଂପୃକ୍ତ ସୋସାଇଟିରେ ଫର୍ମ ଯୋଗାଇ ଦିଆଯିବ।ଚଳିତ ବର୍ଷ ଚାଷୀଙ୍କ ପଞ୍ଜିକରଣ ତଥ୍ୟ ନବୀକରଣ କରା ଯିବ ନାହିଁ।ବରଂ ସମ୍ପୂର୍ଣ୍ଣଭାବେ ନୂଆ କରାଯିବ।ଏଥିପାଇଁ ଚାଷୀମାନେ ନିଜ ନିଜର ସମ୍ପୃକ୍ତ ସୋସାଇଟିରେ ନିର୍ଦ୍ଧାରିତ ଫର୍ମରେ ଚାଷଜମି ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ସହ ମୋବାଇଲ୍ ନଂ,ଆଧାର ଓ ବ୍ୟାଙ୍କ୍ ସମ୍ପର୍କିତ ତଥ୍ୟ ପ୍ରଦାନ କରିବେ। ଏହା ବ୍ୟତୀତ ଭାଗଚାଷୀ ମାନେ ଜମି ମାଲିକଙ୍କ ସମ୍ମତି ପତ୍ର ଦାଖଲ କରିବେ।ସେହିପରି ଗୋଟିଏ ଜମିର ଏକାଧିକ ମାଲିକ ଥିଲେ ସମସ୍ତ ମାଲିକଙ୍କ ସମ୍ମତି ପତ୍ର ଦାଖଲ କରିବା ଆବଶ୍ୟକ ।ସୋସାଇଟିରେ ଫର୍ମର ଡିଜିଟାଇଜେସନ୍ ପୂର୍ବରୁ ଚାଷୀଙ୍କର ର-କଣଉ କରାଯିବ।ଏଥିପାଇଁ ଚାଷୀଙ୍କର ଓଜଓଝ ବା ଆଖି ଡୋଳା ସ୍କାନ କରାଯିବ ଏବଂ ଏହା ଆଧାର ତଥ୍ୟ ସହ ମେଳ ହେବାପରେ ସମ୍ପୃକ୍ତ ଚାଷୀଙ୍କର ମୋବାଇଲକୁ ଏକ ଟଞଚ ଯିବ।ଏହି ଟଞଚ ଦାଖଲ କରି ଅନ ଲାଇନରେ ଫର୍ମର ତଥ୍ୟ ଅନୁସାରେ ପଞ୍ଜିକରଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଚାଷୀମାନେ ଜୁଲାଇ ୧୯ ତାରିଖରୁ ଅଗଷ୍ଟ ୨୦ ତାରିଖ ମଧ୍ୟରେ ସୋସାଇଟିରେ ଉପସ୍ଥିତ ରହି ନିଜକୁ ପଞ୍ଜିକୃତ କରିପାରିବେ।ଏହି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସମ୍ବଲପୁର ଜିଲ୍ଲାରେ ୪୫ଟି ସୋସାଇଟି ଓ ୧୧ ଟି ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ ହୋଇଅଛନ୍ତି।ନିୟୋଜିତ ସୋସାଇଟି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ଏହି ପଞ୍ଜିକରଣ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ ପାଇଁ ଆଜି ତା.୧୯.୦୭.୨୫ ରିଖ ଦିନ ବରେଇପାଲି ସ୍ଥିତ ନିୟନ୍ତ୍ରିତ ବଜାର କମିଟିର ସଭାଗୃହ୍ୱରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ଯୋଗାଣ ବିଭାଗ ଓ ସମବାୟ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଥିଲାୟମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ସୁବୋଧ ହୋତା ଓ ଉପ-ନିବନ୍ଧକ, ସମବାୟ ସମିତି ସମୂହ ଶ୍ରୀ ମଧୁସୂଦନ ମେହେର ସଭାରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ଗୁରୁତ୍ୱ ଆଲୋକପାତ କରିଥିଲେ ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବାକୁ ସୋସାଇଟିର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।ସମବାୟ ବିଭାଗର ଶ୍ରୀ ଉମେଶ ଚନ୍ଦ୍ର ନାୟକ ଓ ସୁଶୀଲ ମିଶ୍ର,ସହ ସହକାରୀ ନିବନ୍ଧକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ନୟାଗଡ଼ ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ ହଟ୍ଟଗୋଳ

## ଅଧିବେଶନକୁ ଆସିଲେନି ଜିଲ୍ଲାପରିଷଦ ସଭ୍ୟ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ ଆଜି ଅତ୍ୟନ୍ତ ରୋମା□କର ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲ୍ଲା ପରିଷଦ ସଦସ୍ୟ ମାନେ ବୈଠକକୁ ନଆସି ଅନ୍ୟତ୍ର ବୈଠକ କରୁଥିବା ଦେଖାଯାଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ବୁଝାଶୁଝା ପରେ ସଦସ୍ୟ ମାନେ ବୈଠକ କୁ ଆସିଥିଲେ ବି ମନରେ ରହିଥିବା କ୍ଷୋଭ ପ୍ରକାଶ କରିବା ସହ ବୈଠକ ଅଧାରୁ ଚାଲି ଯାଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ରଣପୁର ବିଧାୟକ ତଥା ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ି, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ମଧ୍ୟ ଉପସ୍ଥିତ ରହିଥିଲେ। ଦିନ ୧୦ଟା ୩୦ରୁ ବୈଠକ ଆରମ୍ଭ ହେବାକୁ ଥିବା ବେଳେ ଦିନ ୧୨ଟା ପର୍ଯ୍ୟନ୍ତ ହାତ ଗଣତି ଜିଲ୍ଲା ପରିଷଦ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ଝିଲ୍ଲି ପ୍ରଧାନ, ବିରଜା ଲକ୍ଷ୍ମୀ ସାହୁ, ଆଶିଷ ଅଗ୍ରୱାଲଙ୍କ ସମେତ ୫ ଜଣ ସଦସ୍ୟ ଉପସ୍ଥିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସଭା ଗୃହରେ ଦୀର୍ଘ ସମୟ ଅପେକ୍ଷା କରି ଚାଲି ଯାଇଥିଲା ବେଳେ ଅନ୍ୟ ସଦସ୍ୟ ମାନେ ଯୋଗ ନଦେବା ବଡ଼ ସମସ୍ୟା ସୃଷ୍ଟି କରିଥିଲା। ସଦସ୍ୟ ମାନେ ବୈଠକକୁ ନଆସି ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ କାର୍ଯ୍ୟାଳୟ ସଭା ଗୃହରେ ବୈଠକ କରୁଥିବା ଦେଖିବାକୁ ମିଳିଥିଲାୟ ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ସେଠାକୁ ଯାଇ ସଦସ୍ୟଙ୍କୁ ବୁଝାଶୁଝା କରିବା ପରେ ସେମାନେ ୧୨ଟା ୪୦ ବେଳକୁ ଜିଲ୍ଲା ପରିଷଦ ଦଶମ ଅଧିବେଶନ ବୈଠକକୁ ଆସିଥିଲେ। ବିଗତ ଦିନରେ ୯ଟି ସାଧାରଣ ସଭାରେ ହୋଇଥିବା ନିଷ୍ପତ୍ତି ଠିକ ଭାବେ କାର୍ଯ୍ୟକାରୀ ହୋଇନଥିବା, ଜିଲ୍ଲା ପରିଷଦ ସଦସ୍ୟଙ୍କୁ ଅଣଦେଖା କରାଯାଉଥିବା, ସରକାରୀ ସ୍ତରରେ ହେଉଥିବା ଶିଳାନ୍ୟାସ ଓ ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଫଳକରେ ସଦସ୍ୟଙ୍କ ନାଁ ରଖା ଯାଉନଥିବା ସଦସ୍ୟ ମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ସଭା ଗୃହରେ ଜିଲ୍ଲା ପରିଷଦ ଅଧକ୍ଷଙ୍କ ଆହ୍ୱାନ କ୍ରମେ ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଜିଲ୍ଲାପାଳ ଆସନ୍ତା ବୁଧବାର ଏକ ସମନ୍ୱୟ ବୈଠକ କରାଯାଇ ଏ ସମସ୍ତ ବିଷୟ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଏହି କ୍ରମରେ ବୈଠକରେ ଉପସ୍ଥିତ ରଣପୁର ବ୍ଲକ ଅଧକ୍ଷା ନିର୍ମଳା ବେହେରା ଅଧକ୍ଷ ଅଧ୍ୟକ୍ଷାଙ୍କୁ ବିଡିଓ ମାନେ ଜାଣିଶୁଣି ଅଣଦେଖା କରୁଥିବା ଅଭିଯୋଗ ଉଠାଇଥିଲେ। ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ବିଡିଓ ବାଦାଗିରି କରୁଥିବା ଅଭିଯୋଗ କରିଥିଲେ। ସମାନ ଭାବେ ଖଣ୍ଡପଡ଼ା ଓ ଗଣିଆ ବ୍ଲକ ଅଧକ୍ଷା ମଧ ଉକ୍ତ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଏହି ଆଲୋଚନା ସମୟରେ ରଣପୁର ବିଧାୟିକା ସୁରମା ପାଢ଼ୀ ରଣପୁର ବ୍ଲକରେ ଅଧକ୍ଷାଙ୍କ ମନମାନୀ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ମାସ ମାସ ଧରି ଅଧ୍ୟକ୍ଷା ଫାଇଲ ପକାଇ ରଖୁଥିବା ଏବଂ ଦସ୍ତଖତ କରୁନଥିବା ନେଇ ବିଧାୟିକା ଅଭିଯୋଗ ବାଢ଼ିଥିଲେ। ଗୋପାଳପୁର ଜିଲ୍ଲା ପରିଷଦ ସଦସ୍ୟ ମଧ ସମାନ ଅଭିଯୋଗ କରିଥିଲେ। ଏହି ସମୟରେ ଦଶପଲ୍ଲା ବିଧାୟକ ପୂର୍ତ୍ତବିଭାଗ ଦ୍ୱାରା କରାଯାଇଥିବା ଗଣିଆ ମଧ୍ୟଖଣ୍ଡ ରାସ୍ତାର ଶିଳାନ୍ୟାସ କାର୍ଯ୍ୟ କ୍ରମରେ କାହିଁକି ବିଧାୟକଙ୍କୁ ଡକା ଯାଇନଥିଲା ବୋଲି ପ୍ରଶ୍ନ କରିଥିଲେ। ସମବାୟ ବିଭାଗ ମଧ ଖମାରିସାହି ସମବାୟ ସମିତି ଗୃହ ନିର୍ମାଣ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କୁ ଜଣାଇନଥିବା ବିଧାୟକ କହିଥିଲେ। ଏଭଳି କାର୍ଯ୍ୟ କରାଗଲେ ଆଗାମୀ ଦିନରେ ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକକୁ ସେ ଆସିବେ ନାହିଁ କହି ବୈଠକ ରୁ ଉଠି ଚାଲି ଯାଇଥିଲେ। ସେହି ସମୟରେ ବୈଠକକୁ ଆସିଥିବା ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ମଧ ବୈଠକରୁ ଉଠି ଯାଇଥିଲେ। ଫଳରେ ଆଜିର ବୈଠକକୁ ଜିଲ୍ଲା ପରିଷଦ ଅଧକ୍ଷ ସ୍ଥଗିତ କରିଥିବା ବେଳେ ଖୁବଶୀଘ୍ର ଦଶମ ସାଧାରଣ ଅଧିବେଶନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।




# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






# ପେନ୍ କିଲର ପାଲଟିଛି ୧୬ ହଜାର କୋଟି ଟଙ୍କାର ଏକ ବିଶାଳ ବଜାର

ନୂଆଦିଲ୍ଲୀ: ଦେଶରେ ପେନ୍ କିଲର ବଜାର ବୃଦ୍ଧି ପାଇବାରେ ଲାଗିଛି। ଭାରତରେ ଲୋକମାନେ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଅଧିକରୁ ଅଧିକ ଔଷଧ ବ୍ୟବହାର କରୁଛନ୍ତି। ଯାହା ଯୋଗୁ ଗତ ୫ବର୍ଷ ମଧ୍ୟରେ ପେନ୍ କିଲର ଔଷଧ ବଜାରରେ ଏକ ବିଲିୟନ ଡଲାରରୁ ଅଧିକ ବୃଦ୍ଧି ଘଟିଛି।ନିଲସେନ ତଥ୍ୟ ଅନୁସାରେ ଶିଳ୍ପ ଅଧିକାରୀମାନେ କହିଛନ୍ତି ଯେ, ଏହି ବର୍ଗ ଅଣ-ପ୍ରିସ୍କ୍ରିପସନ୍ ଔଷଧ କ୍ଷେତ୍ରରେ ସବୁଠାରୁ ବଡ଼ ଭାବେଉଭା ହୋଇଛି। ମହାମାରୀ ପରଠାରୁ ପ୍ରତି ସପ୍ତାହରେ ହାରାହାରି ପ୍ରାୟ ପାଞ୍ଚଟି ବ୍ରାଣ୍ଡ ଲଞ୍ଚ ହେଉଛି। ୨୦୨୦ରେ, ଯନ୍ତ୍ରଣା ଉପଶମ ପାଇଁ ୧,୫୫୨ ବ୍ରାଣ୍ଡ ଥିଲା। ଯେଉଁଥିରେ ଭୋଲିନି, ଓମନିଜେଲ, ଡୋଲୋ ଏବଂ ସାରିଡନ ଅନ୍ତର୍ଭୁକ୍ତ ଥିଲା। ଯାହା ବର୍ତ୍ତମାନ ୨.୭୭୧ରେ ପହଞ୍ଚିଛି। ପେନ୍ କିଲର ଏବେ ୧୬ ହଜାର କୋଟି ଟଙ୍କାର ଏକ ବିଶାଳ ବଜାର ପାଲଟିଛି।ଓମନିଜେଲ୍ ଭଳି ସର୍ବବୃହତ ରୁବେଫାସିଏଣ୍ଟ ବ୍ରାଣ୍ଡ୍ ବିକ୍ରୟ କରୁଥିବା ସିପ୍ଲା ହେଲଥର ଏମ୍ଡି ଶିବମ୍ ପୁରୀ ଏକ ଇଟି ରିପୋର୍ଟରେ କହିଛନ୍ତି ଯେ, ଗ୍ରାହକମାନେ ଯେକୌଣସି ଯନ୍ତ୍ରଣାରୁ ତୁରନ୍ତ ମୁକ୍ତି ପାଇବାକୁ ଚାହୁଁଛନ୍ତି। ରୁବେଫାସିଏ□ ହେଉଛି ବାହ୍ୟ ବ୍ୟବହାର ପାଇଁ ଜେଲ୍ ଏବଂ କ୍ରିମ। ପୁରୀ କହିଛନ୍ତି ଯେ, ବର୍ଦ୍ଧିତ ସହରୀକରଣ ଏବଂ ଦୀର୍ଘକାଳୀନ ରୋଗ ବୃଦ୍ଧି ଯୋଗୁ ସମସ୍ତ ପ୍ଲାଟଫର୍ମରେ ଉପଲବ୍ଧ ଦ୍ରୁତ ଏବଂ ଅଧିକ ସୁବିଧାଜନକ ଔଷଧର ଆବଶ୍ୟକତା ରହିଛି। ଏହା ଏପରି ଏକ ପରିସ୍ଥିତି ଯେତେବେଳେ ଚିକିତ୍ସା ବୃତ୍ତିଗତମାନେ ଯନ୍ତ୍ରଣା ନିବାରକ ଔଷଧର ଅନିଚ୍ଛାକୃତ ବ୍ୟବହାର ଉପରେ ସତର୍କ ରହିବାକୁ ପରାମର୍ଶ ଦେଉଛନ୍ତି।ହରାଞ୍ଚଳ ବଜାରରେ, ଯନ୍ତ୍ରଣା ନିବାରଣ ବର୍ଗ ପ୍ରାୟତଃ ଜୀବନଶୈଳୀ ସହିତ ଜଡିତ, ବିଶେଷକରି ଜିମ୍ ଏବଂ କ୍ରୀଡା ଆଘାତ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର କରାଯାଉଛି। ଫଳସ୍ୱରୂପ, ଆନାଲ୍ଜେସିକ୍ସ ଏବଂ ରୁବେଫାସିଏଣ୍ଟ ବଜାର ମେ' ୨୦୨୦ ରେ ୬,୮୨୦ କୋଟି ଟଙ୍କାରୁ ଦ୍ୱିଗୁଣିତ ହୋଇ ଚଳିତ ବର୍ଷ ମେ ସୁଦ୍ଧା ୧୫,୯୦୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ୧୮ ପ୍ରତିଶତ ସିଜିଆରଏରେ ବୃଦ୍ଧି ପାଇଛି। ଏହା ଓଭର-ଦି-କାଉ□ର ବଜାରର ସାମଗ୍ରିକ ଅଭିବୃଦ୍ଧିଠାରୁ ତିନି ଗୁଣ ଅଧିକ, ଯାହା ୬ ପ୍ରତିଶତ ସିଏଜିଆରରେ ବୃଦ୍ଧି ପାଇ ୮୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି।ବଜାର ଗବେଷକ ଫାର୍ମାଟ୍ରାକର ତଥ୍ୟ ଅନୁଯାୟୀ, ଯନ୍ତ୍ରଣା ନିବାରକ ବଜାରର ୭୫ ପ୍ରତିଶତ ପାଇଁ ଯନ୍ତ୍ରଣା ନିବାରକ ଅଂଶ ରହିଛି ଏବଂ ପାରାସିଟାମଲ୍ ସବୁଠାରୁ ଅଧିକ ବିକ୍ରି ହେଉଛି। ବିଶେଷଜ୍ଞଙ୍କ ଅନୁସାରେ କୋଭିଡ୍ ଭାରତୀୟମାନଙ୍କର ଯନ୍ତ୍ରଣା ପରିଚାଳନା ବିଷୟରେ ଚିନ୍ତା କରିବାର ପଦ୍ଧତିକୁ ବଦଳାଇ ଦେଇଛି। ଅନେକ ଭାରତୀୟ ଯନ୍ତ୍ରଣା ନିବାରକକୁ ଦୁର୍ବଳତାର ଲକ୍ଷଣ ବୋଲି ଭାବୁଛନ୍ତି।ସେମାନେ ଏହା ଉପରେ ନିର୍ଭରଶୀଳ ହେବା ବିଷୟରେ ଚିନ୍ତା କରୁଛନ୍ତି।କୋଭିଡ୍ ଅନେକଙ୍କୁ ସଚେତନ କରିଛି କିପରି ଚାପ, ଥକ୍କାପଣ, ବାରମ୍ବାର ଯନ୍ତ୍ରଣା ଆମର ସ୍ୱାସ୍ଥ୍ୟ ଏବଂ ଉତ୍ପାଦକତାକୁ ହ୍ରାସ କରିପାରେ। ଅଧିକାଂଶ ଲୋକ ବୁଝିବା ଆରମ୍ଭ କରିଛନ୍ତି ଯେ, ଚିକିତ୍ସା ବିନା ଯନ୍ତ୍ରଣା ସହିବା ସେମାନଙ୍କ ଜୀବନର ଗୁଣବତ୍ତା ଉପରେ ପ୍ରଭାବ ପକାଇଥାଏ। ବିଶେଷଜ୍ଞମାନେ କହିଛନ୍ତି, ଯନ୍ତ୍ରଣା ନିବାରକ ମଧ୍ୟ ପ୍ରଦାହ ଏବଂ ସମ୍ବନ୍ଧିତ ସମସ୍ୟାର ଚିକିତ୍ସା ପାଇଁ ବ୍ୟବହୃତ ହୁଏ, ଯାହା ଏହି ବଟିକାର ଆବଶ୍ୟକତାକୁ ବୃଦ୍ଧି କରୁଛି।ବିଶେଷଜ୍ଞଙ୍କ ଅନୁସାରେ ପାରାସିଟାମଲ ଦ୍ୱାରା ପ୍ରାଧାନ୍ୟପ୍ରାପ୍ତ ଯନ୍ତ୍ରଣା ନିବାରକ ଔଷଧର ସେଗମେଣ୍ଟ ୧୦ ପ୍ରତିଶତ ସ୍ଥିର ହାରରେ ବୃଦ୍ଧି ପାଉଛି। କାରଣ ପାରାସିଟାମଲ ଔଷଧ ଅନ୍ୟାନ୍ୟ ରୋଗ ସହିତ ନିଆଯାଏ, ଯେଉଁଥିରେ ଆର୍ଥ୍ରାଇଟିସ୍, ଅନ୍ୟ କୌଣସି ଜୀବାଣୁ କିମ୍ବା ଭାଇରାଲ୍ ସଂକ୍ରମଣ ଅନ୍ତର୍ଭୁକ୍ତ ହୋଇପାରେ।ବିଶେଷଜ୍ଞଙ୍କ ଅନୁସାରେ ଜୀବନଶୈଳୀ ସମସ୍ୟା, ଯେପରିକି ବଢୁଥିବା ଚାପ, ନିଦ୍ରା ହୀନତା ଏବଂ ବଢୁଥିବା ମେଦବହୁଳତା ଯନ୍ତ୍ରଣା ନିବାରକ ଔଷଧର ଚାହିଦା ବୃଦ୍ଧିର ମୁଖ୍ୟ କାରଣ। ଶାରୀରିକ ବ୍ୟାୟାମର ଅଭାବ, ଶରୀରର ଓଜନ ବୃଦ୍ଧି ଯୋଗୁ ଆଣ୍ଠୁ ଏବଂ ସନ୍ଧି ଯନ୍ତ୍ରଣା, ଚିନ୍ତା, ଅବସାଦ, ଏସବୁ ଶରୀର ଯନ୍ତ୍ରଣା, ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ବୃଦ୍ଧିର କାରଣ ପାଲଟିଛି।ଫଳରେ ସେଲ୍ଫ ମେଡିକେସନ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି।ଯ ଅନେକ ଅଣ-ଅତ୍ୟାବଶ୍ୟକୀୟ ପ୍ରେସକ୍ରିପସନ୍ ଔଷଧ, ଶକ୍ତିଶାଳୀ ପେନକିଲର୍ ଔଷଧ ଦୀର୍ଘ ସମୟ ଧରି ବ୍ୟବହାର କଲେ କିଡନୀ କ୍ଷତି ଭଳି ଗମ୍ଭୀର କ୍ଷତିକାରକ ପ୍ରଭାବ ପକାଇପାରେ। ସେସବୁ ବିନା ପ୍ରେସକ୍ରିପସନ୍ରେ କେମିଷ୍ଟ ଦୋକାନରେ ସହଜରେ ଉପଲବ୍ଧ ହେଉଥିବାର ବିଶେଷଜ୍ଞ ମତପୋଷଣ କରିଛନ୍ତି।

# ଲକ୍ଷଦ୍ୱୀପରେ ସ୍ଥାପନ ହେବ ସେନା ଘାଟି



ନୂଆଦିଲ୍ଲୀ: ଭାରତର କେନ୍ଦ୍ରଶାସିତ ଅଂଚଳ ଲକ୍ଷଦ୍ୱୀପ ଅଧିନରେ ଆସୁଥିବା ବିତ୍ରା ଦ୍ୱୀପରେ ଏକ ସାମରିକ ଘାଟି ସ୍ଥାପନ କରିବାକୁ ଭାରତ ସରକାର ଯୋଜନା କରୁଛନ୍ତି । ଏହି ଦ୍ୱୀପଟି ସାମରିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବାରୁ ସରକାର ଏଠାରେ ଏକ ଘାଟି ସ୍ଥାପନ ପାଇଁ ବିଚାର କରୁଛନ୍ତି । କିନ୍ତୁ ସରକାରଙ୍କ ଏହି ପ୍ରସ୍ତାବକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି । ବର୍ତ୍ତମାନ, ବିତ୍ରାରେ ପ୍ରାୟ ୧୦୫ ପରିବାର ବାସ କରନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ଏହି ଅଧିଗ୍ରହଣକୁ ବିରୋଧ କରିଛନ୍ତି। ତଥାପି, ଦ୍ୱୀପପୁଞ୍ଜର ରାଜସ୍ୱ ବିଭାଗ ବିତ୍ରା ଦ୍ୱୀପର ସାମାଜିକ ପ୍ରଭାବ ମୂଲ୍ୟାଙ୍କନ (ଏସଆଇଏ) ପାଇଁ ଏକ ବିଜ୍ଞପ୍ତି ଜାରି କରିଛ। ନୋଟିସରେ କୁହାଯାଇଛି ଯେ ଏହି ମୂଲ୍ୟାଙ୍କନର ଉଦ୍ଦେଶ୍ୟ ହେଉଛି ଏହାର 'ରଣନୈତିକ ସ୍ଥିତି' ଏବଂ 'ଜାତୀୟ ସୁରକ୍ଷା ପ୍ରାସଙ୍ଗିକତା' ଯୋଗୁଁ ସମଗ୍ର ଦ୍ୱୀପକୁ ପ୍ରତିରକ୍ଷା ଏବଂ ରଣନୈତିକ ଏଜେନ୍ସିଗୁଡ଼ିକୁ ହସ୍ତାନ୍ତର କରିବା।ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ବିତ୍ରା ଦ୍ୱୀପ ସାମରିକ ଓ ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ ବେଶ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏଠାରେ ବେସାମରିକ ଜନବସତି ଥିବାରୁ କେତେକ ପ୍ରଶାସନିକ ଓ ଲଜିଷ୍ଟିକ୍ସ ସମସ୍ୟା ସୃଷ୍ଟି ହେଉଛି। ତେବେ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ପୂର୍ବରୁ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଓ ଗ୍ରାମ ସଭା ଅନୁଷ୍ଠିତ ହେବ।

# ଦଳକୁ ସମ୍ମାନ କରେ, କିନ୍ତୁ ଦେଶ ସବୁଠାରୁ ଆଗରେ : ଶଶୀ



ନୂଆଦିଲ୍ଲୀ : କଂଗ୍ରେସ ନେତା ଏବଂ ସାଂସଦ ଶଶି ଥରୁର 'ଅପରେସନ୍ ସିନ୍ଦୂର' ଉପରେ ମୋଦୀ ସରକାର ଏବଂ ସେନାକୁ ସମର୍ଥନ କରିଛନ୍ତି ଏବଂ କହିଛନ୍ତି ଯେ ଦେଶର ସୁରକ୍ଷା ଯେକୌଣସି ରାଜନୈତିକ ଦଳ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ସେ ସ୍ପଷ୍ଟ କରିଛନ୍ତି ଯେ ସେ ତାଙ୍କ ଦଳକୁ ସମ୍ମାନ କରନ୍ତି, କିନ୍ତୁ ଭାରତ ସବୁଠାରୁ ଆଗରେ।ଥରୁର ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ କୋଚିର ଜଣେ ସ୍କୁଲ ଛାତ୍ର ତାଙ୍କୁ ଜାତୀୟ ସୁରକ୍ଷା ବିଷୟରେ ଏକ ପ୍ରଶ୍ନ ପଚାରିଥିଲା। ଥରୁର କହିଛନ୍ତି, 'ଯଦିଓ ମୁଁ ଏହି ବିଷୟରେ ସାର୍ବଜନୀନ ଭାବରେ କହିବାକୁ ଏଡ଼ାଇ ଯାଏ, କିନ୍ତୁ ମୁଁ ଅନୁଭବ କରିଛି ଯେ ଏହି ପ୍ରଶ୍ନର ଉତ୍ତର ଦେବା ଗୁରୁତ୍ୱପୂର୍ଣ୍ଣ।' ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ କଥାକୁ ଉଦ୍ଧୃତ କରି ଥରୁର କହିଛନ୍ତି, 'ଯଦି ଭାରତ ମରିଯାଏ, ତେବେ କିଏ ବଞ୍ଚିବ ?' ସେ କହିଛନ୍ତି ଯେ ଯେତେବେଳେ ଦେଶର କଥା ଆସେ, ଆମେ ରାଜନୈତିକ ମତଭେଦକୁ ଭୁଲି ଏକାଠି ଠିଆ ହେବା ଉଚିତ।ଥରୁର କହିଛନ୍ତି, ମୋ ବୟାନକୁ ନେଇ ଦଳରେ କେତେକ ନେତା ଅସନ୍ତୁଷ୍ଟ ଅଛନ୍ତି, କାରଣ ମୁଁ ସେନା ଓ ସରକାରଙ୍କୁ ସମର୍ଥନ କରିଥିଲେ।ଏଣୁ ମୋତେ ଲାଗୁଛି ମୁଁ ଠିକ କରିଥିଲି ।

# ୪୨ ଦେଶ ବୁଲିଲ, ଥରେ ବି ମଣିପୁର ଗଲନାହିଁ: ଖଡ଼ଗେ

ନୂଆଦିଲ୍ଲୀ: କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଶନିବାର ଦିନ କର୍ଣ୍ଣାଟକର ମୈସୁରୁରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାରତୀୟ ଜନତା ପାର୍ଟି (ବିଜେପି)କୁ କଡ଼ା ଟାର୍ଗେଟ କରିଥିଲେ। ସେ ମଣିପୁରରେ ହିଂସା ଉପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇ କହିଥିଲେ, 'ପ୍ରଧାନମନ୍ତ୍ରୀ ୪୨ଟି ଦେଶ ଗସ୍ତ କରିଛନ୍ତି, କିନ୍ତୁ ଥରେ ମଧ୍ୟ ମଣିପୁର ଗସ୍ତ କରିନାହାଁନ୍ତିୟ' ମଣିପୁରରେ ଜାତିଗତ ହିଂସା ଏବଂ ଅସ୍ଥିରତା ଏକ ବର୍ଷରୁ ଅଧିକ ସମୟ ଧରି ଚାଲିଛି, ଯାହା ଉପରେ ବିରୋଧୀ ଦଳ କେନ୍ଦ୍ର ସରକାରଙ୍କ ଭୂମିକା ଉପରେ ଲଗାତାର ପ୍ରଶ୍ନ ଉଠାଉଛି।ଖଡ଼ଗେ କହିଛନ୍ତି ଯେ ଦେଶର ଉତ୍ତର-ପୂର୍ବ ରାଜ୍ୟ ମଣିପୁର ଏକ ବର୍ଷରୁ ଅଧିକ ସମୟ ଧରି ହିଂସା ସହିତ ଲଢୁଛି,



କିନ୍ତୁ ପ୍ରଧାନମନ୍ତ୍ରୀ ସେଠାକୁ ଯାଇ ଲୋକଙ୍କ ଦୁଃଖ ବାଣ୍ଟିବାକୁ ଆବଶ୍ୟକ ମନେ କରିନାହାଁନ୍ତି। ସେ କହିଛନ୍ତି, 'ସେ ୪୨ଟି ଦେଶ ଗସ୍ତ କରିଛନ୍ତି, କିନ୍ତୁ ମଣିପୁର ଯିବାକୁ ଆବଶ୍ୟକ ମନେ କରିନାହାଁନ୍ତି। ମଣିପୁର କ'ଣ ଭାରତର ଅଂଶ ନୁହେଁ?'କଂଗ୍ରେସ ଅଧ୍ୟକ୍ଷ ବିଜେପି ଏବଂ ଆରଏସଏସ ଉପରେ ସମ୍ବିଧାନ ପରିବର୍ତ୍ତନ କରିବାର ମଧ୍ୟ ଅଭିଯୋଗ କରିଥିଲେୟ ସେ କହିଥିଲେ, 'ବିଜେପି ଏବଂ ଆରଏସଏସ ସମ୍ବିଧାନ ପରିବର୍ତ୍ତନ କରିବାକୁ ଚାହାଁନ୍ତି, କିନ୍ତୁ ଦେଶର ଲୋକମାନେ ସେମାନଙ୍କୁ ଏପରି କରିବାକୁ ଦେବେ ନାହିଁ।' ସେ ସମ୍ବିଧାନର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ ରହିବାକୁ ମଧ୍ୟ ନିବେଦନ କରିଛନ୍ତ। କଂଗ୍ରେସ ଏବଂ ବିଜେପିକୁ ତୁଳନା କରି ଖଡ଼ଗେ କହିଛନ୍ତି, 'କଂଗ୍ରେସ ଦଳରେ ଲୋକମାନେ କାମ କରନ୍ତି, ଯେତେବେଳେ ମୋଦୀଙ୍କ ବିଜେପିରେ ଲୋକମାନେ କେବଳ କଥା କୁହନ୍ତି।' ସେ କହିଛନ୍ତି ଯେ କଂଗ୍ରେସ ସର୍ବଦା ଜନସାଧାରଣଙ୍କ ପ୍ରସଙ୍ଗକୁ ପ୍ରାଥମିକତା ଦେଇଛି ଏବଂ ବିକାଶକୁ କେନ୍ଦ୍ରରେ ରଖିଛି। କର୍ଣ୍ଣାଟକର କଂଗ୍ରେସ ସରକାରଙ୍କ ଉପରେ ଆର୍ଥିକ ସଙ୍କଟର ଅଭିଯୋଗର ଜବାବ ଦେଇ ଖଡ଼ଗେ କହିଛନ୍ତି, 'ବିଜେପି କହୁଛି ଯେ କର୍ଣ୍ଣାଟକ ସରକାର ଦେବାଳିଆ ହୋଇଯାଇଛି, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲୟ' ସେ କହିଛନ୍ତି ଯେ ସିଦ୍ଧରମୈୟା ସରକାର ରାଜ୍ୟକୁ ଏକ ଭଲ ଦିଗରେ ନେଉଛି ଏବଂ ବିଜେପିର ଏହି ଅଭିଯୋଗ ଭିତ୍ତିହୀନ।

# ବିଡିଏସ୍ ଛାତ୍ରୀଙ୍କ ଆତ୍ମହତ୍ୟା: ୨ ଅଧ୍ୟାପକ ଗିରଫ







ନୋଏଡ଼ା: ଉତ୍ତର ପ୍ରଦେଶର ଗ୍ରେଟର ନୋଏଡାସ୍ଥିତ ଶାରଦା ବିଶ୍ୱବିଦ୍ୟାଳୟରେ ଜଣେ ବିଡିଏସ୍ ଦ୍ୱିତୀୟ ବର୍ଷର ଛାତ୍ରୀ ଅଧ୍ୟାପକଙ୍କ ନିର୍ଯାତନା ସହିନପାରି ଆତ୍ମହତ୍ୟା କରିଦେଇଛନ୍ତି। ବିଶ୍ୱବିଦ୍ୟାଳୟର ୨ ଜଣ ଅଧ୍ୟାପକଙ୍କ ଦ୍ୱାରା ବାରମ୍ବାର ଅପମାନିତ ହେବା ଏବଂ ମାନସିକ ଯନ୍ତ୍ରଣା ସହିନପାରି ଛାତ୍ରୀ ଜଣଙ୍କ ନିଜ ହଷ୍ଟେଲ୍ ରୁମରେ ଶୁକ୍ରବାର ଆତ୍ମହତ୍ୟା କରିଦେଇଛନ୍ତି। ଆତ୍ମହତ୍ୟା ପୂର୍ବରୁ ଏହି ଛାତ୍ରୀ ଏକ ଚିଠି ଲେଖିଯାଇଛନ୍ତି, ଯେଉଁଥିରେ ସେ ତାଙ୍କ ସହ ଘଟିଥିବା ଅନ୍ୟାୟ ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି ଏବଂ ୨ ଅଭିଯୁକ୍ତ ଅଧ୍ୟାପକଙ୍କ ବିରୋଧରେ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଛନ୍ତି। ବିଶ୍ୱବିଦ୍ୟାଳୟର ଡିନ୍, ପ୍ରଫେସରଙ୍କ ସମେତ ୭ ଜଣଙ୍କ ବିରୋଧରେ ଛାତ୍ରୀଙ୍କ ସଂପର୍କୀୟ ଏଫଆଇଆର୍ ରୁଜୁ କରିଛନ୍ତି। ସେଥିରେ ସେମାନେ ଯୌନ ଉତ୍ପୀଡ଼ନ, ଦୁର୍ବ୍ୟବ୍ୟବହାର ଏବଂ ଧମକ ଆଦି ଅଭିଯୋଗ ଆଣିଛନ୍ତି। ଗୌତମବୁଦ୍ଧନଗରର ନଲେଜ୍ ପାର୍କ ଥାନାରେ ଏନେଇ ଏକ ଏତଲା ରୁଜୁ ହୋଇଛି। ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିବାବେଳେ ଉକ୍ତ ଘଟଣାକୁ ବିରୋଧ କରି ବିଶ୍ୱବିଦ୍ୟାଳୟ ପରିସରରେ ଆଜି ତୀବ୍ର ଆନ୍ଦୋଳନ ଦେଖିବାକୁ ମିଳିଛି। ବିଶ୍ୱବିଦ୍ୟାଳୟର ୨ ଅଧ୍ୟାପକ ମହିନ୍ଦ୍ର ଏବଂ ସେରି ଏହି ଘଟଣାରେ ଗିରଫ ହୋଇଛନ୍ତ। ଡିସିପି ସୁଧୀର କୁମାର କହିଛନ୍ତି, ପୀଡ଼ିତା ଛାତ୍ରୀଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗ ଆଧାରରେ ବିଶ୍ୱବିଦ୍ୟାଳୟ ମ୍ୟାନେଜମେଣ୍ଟ ୨ ଜଣଙ୍କୁ ଗିରଫ କରାଯାଇଛି। ମହିଳାଙ୍କ ମର ଶରୀରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅନ୍ୟପକ୍ଷେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଘଟଣାରେ ଏକ ବିବୃତି ଜାରି କରି କୁହାଯାଇଛି ଯେ ଉକ୍ତ ଘଟଣାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ ହୋଇଛି।ପୁଲିସ ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି, ଯେଉଁଥିରେ ପୀଡ଼ିତା ତାଙ୍କ ଅଧ୍ୟାପକଙ୍କ ବିରୋଧରେ ନିର୍ଯାତନା ଓ ଅପମାନର ଅଭିଯୋଗ ଆଣିଛନ୍ତି। ଛାତ୍ରୀ ଜଣକ ତାଙ୍କ ମୃତ୍ୟୁ ପାଇଁ ପିସିପି ଓ ଡେଣ୍ଟାଲ୍ ମ୍ୟାଟେରିଆଲ୍ସର ଅଧ୍ୟାପକମାନଙ୍କୁ ଦାୟୀ କରି ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ଅପମାନିତ କରିଥିବା ଅଭିଯୋଗ କରିଛନ୍ତି। ତାଙ୍କ ମୃତ୍ୟୁ ହେଲେ ସେମାନଙ୍କୁ ଉତ୍ତରଦାୟୀ କରାଯିବା ସହ ପରିଣାମ ଭୋଗିବାକୁ ସେ ଆହ୍ୱାନ ଦେଇଛନ୍ତି। ପୀଡ଼ିତା ଛାତ୍ରୀ ଲେଖିଛନ୍ତି, ମୁଁ ଦୀର୍ଘ ଦିନ ଧରି ସେମାନଙ୍କ ପାଇଁ ଚାପରେ ଥିଲିୟ ସେମାନଙ୍କ ସହ ବି ଠିକ୍ ସେମିତି ହେଉୟ ମୁଁ ଖୁବ୍ ଦୁଃଖିତ। ଏମିତି ଭାବେ ମୁଁ ଆଉ ବଞ୍ଚି ପାରିବିନି। ଏହି ଘଟଣା ପରେ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଉତ୍ତରଦାୟିତ୍ୱ ଦାବି କରି ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବାରୁ କ୍ୟାମ୍ପସରେ ଉତ୍ତେଜନା ପ୍ରକାଶ ପାଇଛି।

# କ୍ୱେଟାରେ ବିସ୍ଫୋରଣ, ପାକ୍ ମେଜର ମୃତ



କ୍ୱେଟା : ପାକିସ୍ତାନର କ୍ୱେଟା ସହରରେ ଏକ ଆଇଇଡି ବିସ୍ଫୋରଣ ହୋଇଛି । ଏହି ବିସ୍ଫୋରଣରେ ପାକିସ୍ତାନୀ ସେନାର ଜଣେ ମେଜର ମୃତ୍ୟୁବରଣ କରିଛନ୍ତି । ଏହି ଆକ୍ରମଣ ପଛରେ ବଲୋଚ ଆର୍ମିର ହାତ ଥିବା ସଂଦେହ କରାଯାଉଛି ।ସୂଚନା ଅନୁସାରେ କ୍ୱେଟା ସହରରେ ଏକ ମାଗନେଟିକ୍ ବୋମା ମାଧ୍ୟମରେ ପାକିସ୍ତାନ ସେନା ମେଜର ଅନୱର କକ୍କରଙ୍କ ଗାଡ଼ିକୁ ଟାର୍ଗେଟ କରାଯାଇଥିଲା । ଆଇଇଡି ବିସ୍ଫୋରଣ ଫଳରେ ଘଟଣାସ୍ଥଳରେ ହିଁ ମେଜର କକ୍କର ମୃତ୍ୟୁବରଣ କରିଥିଲେ । ଏହି ଆକ୍ରମଣ ପାଇଁ ଏପର୍ଯ୍ୟନ୍ତ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ଏହା ପଛରେ ବଲୋଚ ଆର୍ମିର ହାତ ଥିବା କୁହାଯାଉଛି । ପୁଲିସ ସୂତ୍ର ନିଶ୍ଚିତ କରିଛି ଯେ ବିସ୍ଫୋରଣଟି ଏକ ଗାଡ଼ି ନିକଟରେ ହୋଇଥିଲା। ବିସ୍ଫୋରଣଟି ଜବଲ-ଏ-ନୂର ନିକଟରେ ହୋଇଥିଲା। ଏହି ଘଟଣା ପରେ, ସମଗ୍ର ଅଞ୍ଚରେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରାଯାଇଛି ଏବଂ ଅଞ୍ଚଳକୁ ସିଲ୍ କରାଯାଇଛି। ଏହି ଘଟଣା ପରେ ତୁରନ୍ତ ଆଇନ ଶୃଙ୍ଖଳା ଏଜେନ୍ସିଗୁଡ଼ିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରାଯାଇଛି। ଘଟଣାର ପ୍ରକୃତିକୁ ଦୃଷ୍ଟିରେ ରଖି, ଆତଙ୍କବାଦୀ ଦୃଷ୍ଟିକୋଣର ମଧ୍ୟ ତଦନ୍ତ କରାଯାଉଛି।

# କିମ୍ ଜୋଙ୍ଗଙ୍କ ପାଇଁ ଉତ୍ତର କୋରିଆ ଖୋଜୁଛି ଓଜନ ହ୍ରାସ ଔଷଧ

ନୂଆଦିଲ୍ଲୀ : ଉତ୍ତର କୋରିଆର ଶାସକ କିମ୍ ଜୋଙ୍ଗ୍ ଉନ୍ ପୁଣି ଥରେ ନିଜର ଓଜନ ବୃଦ୍ଧିକୁ ନେଇ ଚର୍ଚ୍ଚାରେ। ସଦ୍ୟତମ ରିପୋର୍ଟ ଅନୁସାରେ , ସେ ବିଦେଶୀ ଓଜନ ହ୍ରାସର ଔଷଧ ର ସନ୍ଧାନକୁ ଜୋରଦାର କରିଛନ୍ତି। କିନ୍ତୁ ସବୁଠୁ ଆଶ୍ଚର୍ଯ୍ୟକର କଥା ଏହା ଯେ, ଏହି ଔଷଧ ଗୁଡ଼ିକୁ ପ୍ରଥମେ ତାଙ୍କ ଭଳି ପୃଥୁଳାକାର ଶରୀର ଥିବା ନାଗରିକଙ୍କ ଉପରେ ବ୍ୟବହାର କରିବାକୁ ଯୋଜନା କରାଯାଉଛି। 'ଦ ସନ୍' ର ଏକ ଖବର ମୁତାବିକ, କିମ୍ ଜୋଙ୍ଗ ଉନ୍ ନିଜର ଖୁବ୍ ନିକଟତମ ଅଧିକାରୀଙ୍କୁ ଆଦେଶ ଦେଇଛନ୍ତି ଯେ, ବିଦେଶୀ ବଜାର ଗୁଡ଼ିକରୁ ଉନ୍ନତମାନର ଓଜନ ହ୍ରାସକାରୀ ଔଷଧ ସଂଗ୍ରହ କରନ୍ତୁ। ଏହି ନିର୍ଦ୍ଦେଶ ସେତେବେଳେ ଆସିଛି , ଯେତେବେଳେ ସେ ପୁଣି ଥରେ ଓଜନ ବୃଦ୍ଧି ଓ ମୋଟାପା ଭଳି ରୋଗର ସମସ୍ୟାରେ ପଡ଼ିଛନ୍ତି। କିମ୍ , ଯିଏକି ୨୨ ଷ୍ଟୋନ୍ ( ପାଖାପାଖି ୧୪୦ କିଲୋଗ୍ରାମ ) ଯାଏ ପହଞ୍ଚି ଯାଇଥିଲେ , ୨୦୨୧ରେ ଓଜନ ହ୍ରାସ କରାଇ ଥିଲେ। କିନ୍ତୁ ଏବେ ପୁଣି ତାଙ୍କର ଓଜନ ୨୦ ଷ୍ଟୋନ ( ପାଖାପାଖି ୧୨୭ କିଲୋ) ଅତିକ୍ରମ କରି ସାରିଛି। କିମଙ୍କ ସ୍ୱାସ୍ଥ୍ୟ ସଂପର୍କିତ ମାମଲାର ସୂଚନା ରଖୁଥିବା ବିଶେଷଜ୍ଞଙ୍କ ଅନୁସାରେ , ଯଦି କୌଣସି ନୂଆ ଔଷଧ ଅଣାଯାଇ ଥାଏ ,ତ ପ୍ରଥମେ ଏହାକୁ ଉତ୍ତର କୋରିଆର ନାଗରିକଙ୍କ ଉପରେ ବ୍ୟବହାର କରାଯାଇ ପାରେ। ସୂଚନା ମୁତାବିକ, କିମ୍ଙ୍କ ବାପା କିମ୍ ଜୋଙ୍ଗ୍ ଇଲ୍ ମଧ୍ୟ ନିଜର ସହଯୋଗିଙ୍କ ଉପରେ ପ୍ରଥମେ ଓପିଆଇଡ୍ସ ଭଳି ଔଷଧ ଟ୍ରାଏଲ ଭାବେ ବ୍ୟବହାର କରି ସାରିଛନ୍ତି। ଏଥିରେ ଅନୁମାନ ଯେ, କିମ୍ ମଧ୍ୟ ପୂର୍ବରୁ ନିଜ ଉପରେ ଔଷଧର ପ୍ରୟୋଗ କରିବା ପରିବର୍ତ୍ତେ ସେହି ନାଗରିକଙ୍କୁ ବାଛି ପାରନ୍ତି , ଯାହାଙ୍କ ଶାରୀରିକ ଢାଞ୍ଚା ତାଙ୍କ ଭଳି ଅଛି।

# ଟିଆର୍ଏଫକୁ ଖୁଲମଖୁଲା ସମର୍ଥନ କଲା ପାକିସ୍ତାନ



ନୂଆଦିଲ୍ଲୀ: ପାକିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ ଟିଆର୍ଏଫ୍ (ଦି ରେଜିଷ୍ଟାନ୍ସ ଫ୍ର□ଣ୍ଟ)କୁ ଆମେରିକା ପ୍ରଶାସନ ଆତଙ୍କବାଦୀ ଗୋଷ୍ଠୀ ଘୋଷଣା କରିଥିଲା । ପହଲଗାମ ଆତଙ୍କବାଦୀ ଆକ୍ରମଣ ପଛରେ ହାତ ଥିବା ଟିଆରଏଫ୍ ଏବେ ଆତଙ୍କବାଦୀ ଗୋଷ୍ଠୀ ଘୋଷିତ ହେବା ନିଷ୍ପତ୍ତିକୁ ଭାରତ ସ୍ୱାଗତ କରିଥିଲା । ତେବେ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଡାର ସଂସଦରେ ତାଙ୍କ ଭାଷଣ ସମୟରେ ଆତଙ୍କବାଦୀ ସଂଗଠନ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ'କୁ ଖୋଲାଖୋଲି ସମର୍ଥନ କରିଥିଲେ।ବୈଦେଶିକ ମନ୍ତ୍ରୀ ଡାର ସଂସଦରେ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ମିଳିତ ଜାତିସଂଘ ସୁରକ୍ଷା ପରିଷଦ ର ବିବୃତ୍ତିରୁ ଟିଆରଏଫର ନାମ ହଟାଇବା ପାଇଁ ହସ୍ତକ୍ଷେପ କରିଥିଲା, ଯାହା ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଥିଲା। ସେ କହିଛନ୍ତି, 'ଆମେ ୟୁଏନଏସସି ବିବୃତ୍ତିରେ ଟିଆରଏଫର ନାମ ଯୋଡିବାକୁ ବିରୋଧ କରିଥିଲୁ। ମୋତେ ଅନେକ ଦେଶରୁ ଫୋନ୍ ଆସିଥିଲା, କିନ୍ତୁ ଆମେ ରାଜି ହୋଇନଥିଲୁ ଏବଂ ଟିଆରଏଫର ନାମ ହଟାଇ ଦିଆଯାଇଥିଲା।' ସେ ଆହୁରି କହିଛନ୍ତି, 'ଆମେ ଟିଆରଏଫକୁ ଅବୈଧ ମନେ କରୁନାହୁଁୟସେମାନେ ଆକ୍ରମଣ କରିଥିବା କୌଣସି ପ୍ରମାଣ ଦିଅ। ଯେପର୍ଯ୍ୟନ୍ତ ଟିଆରଏଫ ନିଜେ ଦାୟିତ୍ୱ ନେଇନାହିଁ, ଆମେ ଏହାକୁ ଦୋଷୀ ବୋଲି ମାନିବୁ ନାହିଁ।' ' ଉଲ୍ଲେଖ ଥାଉ କି ପହଲଗାମ ଆକ୍ରମଣ କରିଥିବା ସଂଗଠନ ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆରଏଫ)କୁ ଆମେରିକା ଏକ ଅନ୍ତର୍ଜାତୀୟ ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା । ଏହା ଲସ୍କର-ଇ-ତୋଇବାର ଏକ ଛଦ୍ମ ସଂଗଠନ ବୋଲି ଆମେରିକା ସ୍ୱୀକାର କରିଥିଲା।

# ନୀତିଶ କୁମାରଙ୍କ ମାଗଣା ଇଲେକ୍ଟ୍ରିସିଟି ଘୋଷଣା

# ନା ବିଦ୍ୟୁତ ଆସିବ, ନା ବିଲ ଆସିବ





ମଥୁରା : ଉତ୍ତର ପ୍ରଦେଶର ଶକ୍ତି ଓ ନଗର ଉନ୍ନୟନ ବିକାଶ ମନ୍ତ୍ରୀ ଏକେ ଶର୍ମା ବିହାରରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ୧୨୫ ୟୁନିଟ୍ ଯାଏ ମାଗଣା ବିଦ୍ୟୁତ ଘୋଷଣାରେ କହିଛନ୍ତି ଯେ, ନା ବିଦ୍ୟୁତ ଯୋଗାଇ ଦିଆଯିବ , ନା ବିଲ୍ ଆସିବ , ହୋଇଗଲା ବିଦ୍ୟୁତ ମାଗଣା। ଆମେ ବିଦ୍ୟୁତ ଦେଉଛୁ। ଏହାକୁ ନେଇ ଏବେ କଂଗ୍ରେସ କରିଛି କଟାକ୍ଷ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛି ଯେ, ଏହା ତ ଖେଳ ହୋଇଗଲା।ୟୁପି ସରକାରର ଶକ୍ତି ଏବଂ ନଗର ଉନ୍ନୟନ ବିକାଶ ମନ୍ତ୍ରୀ ଏକେ ଶର୍ମା ଶନିବାର ଦିନ ମଥୁରାରେ ପହଞ୍ଚିଥିଲେ। ଏଠାରେ ସେ ଗଣମାଧ୍ୟମ ସହ ଭେଟ ହୋଇଥିଲେ। ଏହି ସମୟରେ ଜଣେ ସାମ୍ବାଦିକ ପଚାରି ଥିଲେ ଯେ , ବିହାରରେ ବିଦ୍ୟୁତ ମାଗଣା ହେବା କଥା କହାଯାଉଛି, ୟୁପିର କଣ ନମ୍ବର ଆସିବ ? ଏହି ପ୍ରଶ୍ନରେ ଯୋଗୀଙ୍କ ମନ୍ତ୍ରୀ ଏକେ ଶର୍ମା କହିଥିଲେ , ବିହାରରେ ମାଗଣା ,କିନ୍ତୁ ବିଦ୍ୟୁତ ଉପଲବ୍ଧ ହେଲେ ଏହା ମାଗଣା ହେବ ନାହିଁ। ବିଦ୍ୟୁ ନଆସିଲେ ତ ମାଗଣା ହିଁ କୁହାଯିବ।ନା ବିଦ୍ୟୁତ ଆସିବ , ନା ବିଲ୍ ଆସିବ । ବିଦ୍ୟତ୍ତୁ ମାଗଣା ହୋଇ ଯାଇଛି। ଆମେ ବିଦ୍ୟୁତ୍ ଯୋଗାଇ ଦେଉଛୁୟବାସ୍ତବିକ କଥା ହେଲା , ବିହାର କ୍ୟାବିନେଟ୍ରେ ରାଜ୍ୟ ସାରା ଘରୋଇ ଉପଭୋକ୍ତାଙ୍କୁ ୧ ଅଗଷ୍ଟରୁ ପ୍ରତି ମାସ ୧୨୫ ୟୁନିଟ୍ ମାଗଣା ବିଦ୍ୟୁ ଦେବାର ପ୍ରସ୍ତାବକୁ ଶୁକ୍ରବାର ମଞ୍ଜୁରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କର ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କ୍ୟାବିନେଟ୍ ଶକ୍ତି ବିଭାଗର ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ରାଜ୍ୟର ସୂଚନା ଏବଂ ଜନସଂପର୍କ ବିଭାଗ (ଆଇପିଆରଡି) ପକ୍ଷରୁ ଜାରି ଏକ ବୟାନରେ କୁହାଯାଇଛି , ରାଜ୍ୟ ସରକାର ଏହି ଉଦ୍ଦେଶ୍ୟ ପାଇଁ ବିହାର ରାଜ୍ୟ ପାୱାର ହୋଲ୍ଡିଂ କର୍ପୋରେସନ ଲିମିଟେଡ୍କୁ ବିଦ୍ୟୁ ବ୍ୟବହାର ଉପରେ ୩,୭୯୭ କୋଟି ଟଙ୍କାର ଅତିରିକ୍ତ ଦେୟ ଦେବୟ ବିହାର ସରକାର ଘରୋଇ ଉପଭୋକ୍ତାଙ୍କୁ ଛାତ ଉପରେ ୧.୧ କିଲୋୱାଟ୍ କ୍ଷମତାର ସୌର ଶକ୍ତି କେନ୍ଦ୍ର (ସାଲାର ପାୱାପ ପ୍ଲାଣ୍ଟ) ସ୍ଥାପନ ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବେ। ବିହାର ସିଏମ୍ ୧୭ ଜୁଲାଇରେ ଘୋଷଣା କରିଥିଲେ ଯେ, ରାଜ୍ୟର ସବୁ ଘରୋଇ ଉପଭୋକ୍ତାଙ୍କୁ ୧ ଅଗଷ୍ଟରୁ ପ୍ରତି ମାସ ୧୨୫ ୟୁନିଟ୍ ଯାଏ ବିଦ୍ୟୁ ମାଗଣା ମିଳିବୟ ଏହି ନିଷ୍ପତ୍ତିରେ ରାଜ୍ୟର ପ୍ରାୟ ୧.୬୭ କୋଟି ପରିବାର ଲାଭାନ୍ୱିତ ହେବାର ଆଶା ରହିଛି।

# ମାଞ୍ଚେଷ୍ଟରରେ ଖେଳିବେ ଯଶପ୍ରୀତ ବୁମ୍ରା




**ଲଣ୍ଡନ୍,୧୯।୭:** ପାଞ୍ଚ ମ୍ୟାଚ୍ ବିଶିଷ୍ଟ ତେନ୍ଦୁଲକର-ଆଣ୍ଡରସନ୍ ଶୃଙ୍ଖଳାରେ ଭାରତ ୧-୨ରେ ପଛୁଆ ରହିଛି। ଆସନ୍ତା ସପ୍ତାହ ବୁଧବାରଠାରୁ ମାଞ୍ଚେଷ୍ଟରରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟ୍ ପାଇଁ ଭାରତୀୟ ଦଳ ମଧ୍ୟ ଗୁରୁବାରଠାରୁ ଅଭ୍ୟାସ ପର୍ବ ଆରମ୍ଭ କରି ଦେଇଛି। କେବଳ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ, ଆକାଶ ଦୀପ ଓ ଋଷଭ ପନ୍ତ୍ ଅଭ୍ୟାସ ନ କରି ଜିମରେ ସମୟ କାଟିଛନ୍ତି। ପ୍ରତିଥର ଭଳି ଏଥର ମଧ୍ୟ ବୁମ୍ରାଙ୍କ କାର୍ଯ୍ୟଭାର ପରିଚାଳନା ବି ଚର୍ଚ୍ଚାକୁ ଆସିଛି। ପୂର୍ବରୁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ଶୁବମନ ଗିଲ୍ କହି ସାରିଛନ୍ତି ଏହି ଗସ୍ତରେ ବୁମ୍ରା ୩ଟି ଟେଷ୍ଟ୍ ଖେଳିବେ। ସେହି ଦୃଷ୍ଟିରୁ ପରବର୍ତ୍ତୀ ଶେଷ ୨ଟିରୁ ବୁମ୍ରା ଗୋଟିଏ ଖେଳିବେ। ଭାରତ ଏବେ ଶୃଙ୍ଖଳାରେ ପଛରେ ପଡ଼ିଥିବାରୁ ବୁମ୍ରାଙ୍କୁ ଖେଳାଇବା ଭାରତ ପାଇଁ ବାଧ୍ୟବାଧକତା ପରିସ୍ଥିତି ସୃଷ୍ଟି ହୋଇଛି। ମାଞ୍ଚେଷ୍ଟର୍ ଟେଷ୍ଟ୍ ଆଉ ୪ ଦିନ ଥିବାରୁ ବୁମ୍ରା ବି ଲର୍ଡସ କ୍ଲାନ୍ତିରୁ ବାହାରି ସତେଜ ହୋଇଯାଇଥିବେ। ଭାରତୀୟ ବୋଲିଂର ବୁଲେଟ୍ ଭାବେ ବିବେଚିତ ହେଉଥିବାରୁ ବୁମ୍ରାଙ୍କୁ ବି କୌଣସି ମତେ ଏହି ଟେଷ୍ଟ୍ ଖେଳିବାର ଆବଶ୍ୟକତା ରହିଛି। ''ଆମେ ଜାଣିଛୁ ବୁମ୍ରା ଶେଷ ଦୁଇଟିରୁ ଗୋଟିଏ ଟେଷ୍ଟ୍ ଖେଳିବେ। ଶୃଙ୍ଖଳା ଜୀବନ୍ତ ଥିବାରୁ ତାଙ୍କୁ ଖେଳାଇବାକୁ ପଡ଼ିବ'' ବୋଲି କହିଛନ୍ତି ଭାରତୀୟ ଦଳ ସହକାରୀ ପ୍ରଶିକ୍ଷକ ରାନ୍ ଟେନ୍ ଡସେଟ୍। ଆମେ ସମସ୍ତ ଦିଗକୁ ବି ଦେଖୁଛୁ, ଚତୁର୍ଥ ଟେଷ୍ଟ୍ ପାଇଁ କିଛି ଦିନ ବିରାମ ରହିଛି। ମ୍ୟାଚ୍ ଜିତିବାକୁ ଆମ ନିକଟରେ ଶ୍ରେଷ୍ଠ ସୁଯୋଗ ବି ରହିଛି ବୋଲି ସେ ମଧ୍ୟ ପ୍ରକାଶ କରିଥିଲେ।

ଭାରତୀୟ ଦଳ ପାଇଁ ଅନ୍ୟତମ ଚିନ୍ତାର କାରଣ ହେଉଛି ରିଜର୍ଭ ଦ୍ରୁତ ବୋଲର ଅର୍ଶଦୀପ ସିଂହ ଗୁରୁବାର ଅଭ୍ୟାସ ସମୟରେ ନିଜ ହାତରେ ଆଘାତ ପାଇଛନ୍ତି। ତାଙ୍କ ବାମହାତ ଗୁରୁତର ରହିଥିବା ଅନୁମାନ କରାଯାଉଛି। ପ୍ରସିଦ୍ଧ କୃଷ୍ଣ ପ୍ରଥମ ଦୁଇ ଟେଷ୍ଟରେ ରଙ୍ଗହୀନ ଥିବାରୁ ବୁମରାଙ୍କ ବିକଳ୍ପ ଅର୍ଶଦୀପ ଥିଲେ। ଏବେ ବୁମ୍ରାଙ୍କ ଉପରେ ଭାରତ ନିର୍ଭର କରିବାକୁ ବାଧ ହେବ। ଆହତ ସମସ୍ୟା ଭିତରେ ରହିଥିଲେ ମଧ୍ୟ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ବୋଲିଂ କରିବା ସହ ଇଂଲଣ୍ଡକୁ ଜିତାଇ ପାରୁଛନ୍ତି। ଭାରତୀୟ ଦଳ ସହକାରୀ ପ୍ରଶିକ୍ଷକ ରାନ୍ ଟେନ୍ ଡସେଟ୍ କିନ୍ତୁ କହିଛନ୍ତି, ଆମକୁ ଆମ ସାମର୍ଥ୍ୟ ଯୋଜନାରେ ଖେଳିବାକୁ ପଡ଼ିବ, ଅନ୍ୟର ନୁହେଁ। ବୁମ୍ରା ଛୋଟ ଛୋଟ ସ୍ପେଲ୍ ବୋଲିଂ କରିବାକୁ ପସନ୍ଦ କରନ୍ତି। ସିରାଜ ଓ ଷ୍ଟୋକ୍ସଙ୍କ ଭଳି ବୋଲର ସପ୍ତମ, ଅଷ୍ଟମ କି ନବମ ଓଭରରେ ବି ଭଲ ପ୍ରଦର୍ଶନ କରିପାରନ୍ତି, ଯାହା ଅନ୍ୟ କେହି କରିପାରି ନଥାନ୍ତି ବୋଲି ମଧ୍ୟ ସେ କହିଥିଲେ। ଲର୍ଡସ ଟେଷ୍ଟ୍ ଅବସରରେ ଆହତ ହୋଇଥିବା ୱିକେଟରକ୍ଷକ ବ୍ୟାଟର୍ ଋଷଭ ପନ୍ତ୍ ମଧ୍ୟ ଖେଳିବେ ବୋଲି ସେ ସୂଚନା ଦେଇଛନ୍ତି। କିନ୍ତୁ ସେ କିପିଂ କରିପାରିବେ କି ନା ଦେଖିବାକୁ ପଡ଼ିବ, ଏଭଳି କ୍ଷେତ୍ରରେ ଧ୍ରୁବ ଜୁରେଲ ବି ଖେଳିପାରନ୍ତି ବୋଲି ସେ କହିଥିଲେ। ରବି ଶାସ୍ତ୍ରୀ କିନ୍ତୁ କହିଛନ୍ତି 'ପନ୍ତ୍ ଯଦି କିପିଂ କରିପାରିବେ ନାହିଁ ତେବେ ଖେଳିବା ଉଚିତ ନୁହେଁ'।

# ଟେଷ୍ଟକୁ ଫେରିବେ ବିରାଟ !

**ନୂଆଦିଲ୍ଲୀ,୧୯।୭:** ନୂଆଦିଲ୍ଲୀ,୧୯।୭: ଭାରତୀୟ କ୍ରିକେଟ୍ ଦଳ ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ଅଛି । ଏହି ସମୟ ମଧ୍ୟରେ ଦୁଇ ଦଳ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯାଉଛି । ୩ଟି ଟେଷ୍ଟ ସମାପ୍ତ ହୋଇଛି ଏବଂ ଭାରତୀୟ ଦଳ କେବଳ ୧ଟି ମ୍ୟାଚ୍ ଜିତିଛି । ଲର୍ଡସରେ ଖେଳାଯାଇଥିବା ତୃତୀୟ ଟେଷ୍ଟରେ ଭାରତୀୟ ଦଳ ୨୨ ରନର ନିକଟତମ ବ୍ୟବଧାନରେ ପରାସ୍ତ ହୋଇଛି। ଏହି ପରାଜୟ ପରେ ବିରାଟ କୋହଲିଙ୍କ ପ୍ରତ୍ୟାବର୍ତ୍ତନର ଦାବି ଜୋର ଧରିଛି।

କାରଣ ଚାପ ସମୟରେ ଟିମ୍ ଇଣ୍ଡିଆ। ପାଇଁ ବିରାଟ କୋହଲି ହିଁ ସଙ୍କଟ ମୋଚକ ସାଜନ୍ତି। ଆଉ ଏମିତି ଅନେକ ମ୍ୟାଚରୁ ଭାରତକୁ ସେ ବିଜୟୀ କରାଇଛନ୍ତି । ପୂର୍ବତନ ଭାରତୀୟ ଅଲରାଉଣ୍ଡର ଏବଂ ୧୯୮୩ ବିଶ୍ୱକପ୍ ହିରୋ ମଦନ ଲାଲ ବିରାଟ କୋହଲିଙ୍କୁ ତାଙ୍କର ଅବସରର ପୁନର୍ବିଚାର କରି ଟେଷ୍ଟ କ୍ରିକେଟକୁ ଫେରିବାକୁ ଅନୁରୋଧ କରିଛନ୍ତି। ସମ୍ପ୍ରତି ବିରାଟ ଏକ ଇନଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଟେଷ୍ଟରୁ ଅବସର ନେଇଛନ୍ତି। କୋହଲି ଟେଷ୍ଟରେ ୧୦,୦୦୦ ରନ କରିବା ନିକଟରେ ପହଞ୍ଚିଥିଲେ । ମଦନ ଲାଲ ବିଶ୍ୱାସ କରନ୍ତି ଯେ ବିରାଟଙ୍କ ପାଖରେ ଏବେ ବି ବହୁତ ସମ୍ଭାବନା ଅଛି । ଅବସର




ପରେ ସେ ଟେଷ୍ଟ କ୍ରିକେଟକୁ ଫେରିବା ଉଚିତ। କ୍ରିକେଟ ପ୍ରେଡିକ୍ଟାରେ ମଦନ ଲାଲ କହିଛନ୍ତି, ଭାରତୀୟ କ୍ରିକେଟ୍ ପ୍ରତି ବିରାଟ କୋହଲିଙ୍କ ଆଗ୍ରହ ଅତୁଳନୀୟ ଥିଲା। ମୁଁ କାମନା କରୁଛି ଯେ ସେ ଅବସର ପରେ ଟେଷ୍ଟ କ୍ରିକେଟକୁ ଫେରି ଆସନ୍ତୁ। ଫେରିବାରେ କୌଣସି କ୍ଷତି ନାହିଁ। ଯଦି ଏହି ସିରିଜରେ ନୁହେଁ, ତେବେ ସେ ପରବର୍ତ୍ତୀ ସିରିଜରେ ଫେରିବା ଉଚିତ । ସେ ଆହୁରି ମଧ୍ୟ କହିଛନ୍ତି, ତାଙ୍କର ଶକ୍ତି, ଅଭିଜ୍ଞତା ଏବଂ ପ୍ରଭାବ ଅମୂଲ୍ୟ । ଏହି ଗୁଣଗୁଡ଼ିକ ଯୁବ ଖେଳାଳିମାନଙ୍କୁ ପ୍ରେରଣା ଦିଏ ଏବଂ ଦଳକୁ ଚାପରେ ସ୍ଥିର ରହିବାରେ ସାହାଯ୍ୟ କରେ। ବିରାଟ କୋହଲି ଜୁନ୍ ୨୦୧୧ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ତାଙ୍କର ଟେଷ୍ଟ ଡେବ୍ୟୁ କରିଥିଲେ। ସେ ତାଙ୍କ କ୍ୟାରିୟରରେ ୧୨୩ଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ଏହି ସମୟ ମଧ୍ୟରେ, ସେ ୨୧୦ଟି ଇନିଂସରେ ୪୬.୮୫ ହାରରେ ଏବଂ ୫୫.୫୭ ଷ୍ଟ୍ରାଇକ୍ ରେଟ୍ ସହିତ ୯୨୩୦ ରନ୍ କରିଥିଲେ।

# ଶିବ ଭକ୍ତିରେ ଲୀନ ହାର୍ଦ୍ଦିକ ପାଣ୍ଡ୍ୟା



**ମୁମ୍ବାଇ,୧୯।୭:** ଶିବ ଭକ୍ତିରେ ଲୀନ ହାର୍ଦ୍ଦିକ ପାଣ୍ଡ୍ୟା । ମହାଦେବଙ୍କ ଭଜନ ବୋଲୁଥିବାର ଭିଡିଓ ନିଜ ଇନ୍‌ଷ୍ଟାରେ ସେୟାର କରିଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା । ପୋଷ୍ଟ କରିଥିବା ଭିଡିଓରେ ହାର୍ଦ୍ଦିକ ନିଜ ପୁଅ ଅଗସ୍ତ୍ୟ ଏବଂ ଭଣଜା କବୀରଙ୍କ ସହିତ ଶିବ ଭକ୍ତିରେ ଲୀନ ହୋଇ କୀର୍ତ୍ତନ କରୁଥିବାର ଦେଖାଯାଇଛି। ଏହି ଭିଡିଓଟି ହାର୍ଦ୍ଦିକଙ୍କ ବଡ଼ ଭାଇ କୁଣାଲ ପାଣ୍ଡ୍ୟାଙ୍କ ପୁଅ କବୀରଙ୍କ ତୃତୀୟ ଜନ୍ମଦିନ ଅବସରରେ ଆୟୋଜିତ ଏକ କୀର୍ତ୍ତନ ସମାରୋହର। ଜୁଲାଇ ୧୮ ତାରିଖରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ହାର୍ଦ୍ଦିକ ନିଜେ ଏହି ହୃଦୟସ୍ପର୍ଶୀ ଭିଡିଓକୁ ନିଜ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ସେୟାର କରିଛନ୍ତି । ଭିଡିଓରେ ହାର୍ଦ୍ଦିକ ମାଇକ୍ ଧରି 'ମହାଦେବ, ମହାଦେବ' ଭଜନ ଗାଉଥିବା ବେଳେ ତାଙ୍କ ପାଖରେ ବସିଥିବା ପୁଅ ଅଗସ୍ତ୍ୟ ମଧ ତାଙ୍କ ସହ ସ୍ୱର ମିଳାଉଛନ୍ତି ।

ଏହି ବାପ-ପୁଅଙ୍କ ଯୁଗଳବନ୍ଦୀ ଦୃଶ୍ୟକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି । କବୀର ମଧ ଏହି ଭକ୍ତିମୟ ପରିବେଶକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଛି । ହାର୍ଦ୍ଦିକ କ୍ୟାପସନରେ ଲେଖିଛନ୍ତି, ଆମର ପ୍ରିୟକବୀର ଜନ୍ମଦିନରେ ଏକ କୀର୍ତ୍ତନ ପାଇଁ ଇଚ୍ଛା ପ୍ରକାଶ କରିଥିଲା ଏବଂ ତାହାକୁ ପୂରଣ କରିବା ଆମ ପାଇଁ ଗର୍ବର ବିଷୟ। ଜନ୍ମଦିନର ଶୁଭେଚ୍ଛା କବୁ! ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବର୍ତ୍ତମାନ କ୍ରିକେଟରୁ ବିରତି ନେଇ ନିଜ ପରିବାର ସହ ସମୟ ଅତିବାହିତ କରୁଛନ୍ତି। ନିଜର ଆକ୍ରମଣାତ୍ମକ ଖେଳ ଏବଂ ଷ୍ଟାଇଲିସ୍ ଜୀବନଶୈଳୀ ପାଇଁ ଜଣାଶୁଣା ହାର୍ଦ୍ଦିକଙ୍କର ଏହି ଆଧ୍ୟାତ୍ମିକ ରୂପ ଦେଖି ପ୍ରଶଂସକ ଖୁସି ବ୍ୟକ୍ତ କରିଛନ୍ତି।

## ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ାରେ ଓଡ଼ିଶା ପୋଲିସର ସଫଳତା

# ପୋଲିସ ଡିଜିଙ୍କୁ ଭେଟିଲେ ପଦକ ବିଜେତା

**ଭୁବନେଶ୍ୱର,୧୯।୭ (ମହାଭାରତ):** ଆମେରିକାର ବର୍ମିଂହାମରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା ୨୦୨୫ରେ ଓଡ଼ିଶା ପୋଲିସର ପଦକ ବିଜେତା କ୍ରୀଡ଼ାବିତମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡିଶା ପ୍ରତ୍ୟାବର୍ତନ କରିଛନ୍ତି । ଏହି ଅବସରରେ ରାଜ୍ୟ ପୋଲିସର ସଫଳ କ୍ରୀଡ଼ାବିତମାନେ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ପଦକ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତା ନିମନ୍ତେ ଭୂୟସୀ ପ୍ରଶଂସା କରିଛନ୍ତି ।

ଏହି ପଦକ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି। କ୍ରୀଡ଼ାବିତଙ୍କ ଏହି ଅସାଧାରଣ ସଫଳତା ଦେଶ, ଓଡ଼ିଶା ରାଜ୍ୟ ତଥା ଓଡ଼ିଶା ପୋଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ଡିଜିପି ଶ୍ରୀ ଖୁରାନିଆ ମତବ୍ୟକ୍ତ କରିଛନ୍ତି।

ଉଲ୍ଲେଖ ଯୋଗ୍ୟ ଯେ, ଆମେରିକାର ବର୍ମିଂହାମରେ ଜୁନ୍ ୨୭ ରୁ ଜୁଲାଇ ୬, ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଏହି ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା ୨୦୨୫ରେ ୭ ଜଣ ଓଡ଼ିଶା ପୋଲିସ କର୍ମଚାରୀ (୫ ପୁରୁଷ ଏବଂ ୨ ମହିଳା)ଙ୍କ ଏକ ଦଳ ଭାରତୀୟ ପୋଲିସ ଦଳର ପ୍ରତିନିଧିତ୍ୱ କରି ୨୦ ପଦକ ବିଜୟୀ ହୋଇ ଭାରତୀୟ କ୍ରୀଡା ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଲେଖିଛନ୍ତି। ଓଡ଼ିଶା ପୋଲିସର ଖେଳାଳିମାନେ ବିଭିନ୍ନ ଆଥଲେଟିକ୍ସ ଏବଂ କରାଟେ ଇଭେଣ୍ଟରେ ବ୍ୟକ୍ତିଗତ ଭାବରେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ କାଂସ୍ୟ ସହ ମୋଟ ୨୦ ପଦକ ହାସଲ କରିଛନ୍ତି । ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ କେବଳ ଓଡ଼ିଶା ପୋଲିସ ପାଇଁ ଗୌରବ ଆଣିନାହିଁ ବରଂ ଭାରତର ପଦକ ତାଲିକାରେ ମଧ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି।

ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ରେଳବାଇ ଓ ଉପକୂଳ ସୁରକ୍ଷା) ଶ୍ରୀ ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ସଶସ୍ତ୍ର) ଶ୍ରୀ ରାଜେଶ କୁମାର, ଭୁବନେଶ୍ୱର- କଟକ ପୋଲିସ କମିଶନର ଡ଼ଃ. ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ମୁଖ୍ୟାଳୟ) ଶ୍ରୀ ପ୍ରତୀକ ମହାନ୍ତି, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଆଇଜି, ଗୁଇନ୍ଦା, ଜୟ ନାରାୟଣ ପଙ୍କଜ, ରେଳବାଇ ଏସପି ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ପୋଲିସର କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ପଦକ ବିଜେତା କ୍ରୀଡ଼ାବିତ ମାନେ ଆଜି ପୂର୍ବାହ୍ନରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଖେଳାଳିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।

# ପାକ୍ ସରକାର ମୋ ସହ ଛଳନା କରିଛନ୍ତି

**ଇସଲାମାବାଦ,୧୯।୭:** ଅଲିମ୍ପିକ୍ ବିଜେତା ଜାଭଲିନ୍ ଖେଳାଳି ଅର୍ଶଦ ନଦୀମଙ୍କୁ ଠକିଦେଇଛି ପାକିସ୍ତାନ ସରକାର। ପ୍ୟାରିସ୍ ଅଲିମ୍ପିକରେ ସ୍ୱର୍ଣ୍ଣ ଜିତିବା ପରେ ପାକିସ୍ତାନ ସରକାର ତାଙ୍କୁ ଜମି ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ହେଲେ ଏପର୍ଯ୍ୟନ୍ତ ତାଙ୍କୁ ଇଞ୍ଚେ ହେଲେ ବି ଜମି ହସ୍ତାନ୍ତର ହୋଇନି ବୋଲି କ୍ଷୋଭର ସହ କହିଛନ୍ତି ନଦୀମ। ଅଲିମ୍ପିକ୍ ରେକର୍ଡ ଥ୍ରୋ ୯୨.୯୭ ମିଟର ସହ ନଦୀମ ପ୍ୟାରିସ୍ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ଟୋକିଓ



ବିଜେତା ଭାରତର ନୀରଜ ଚୋପ୍ରା ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପାଇଥିଲେ। ଏକ ଟିଭି ସାକ୍ଷାତ୍କାରରେ ନଦୀମ କହିଛନ୍ତି ଯେ 'ମୋ ପାଇଁ ଘୋଷିତ ସବୁ ପୁରସ୍କାର ମଧ୍ୟରୁ ସମସ୍ତ ପ୍ଲଟ୍ ପ୍ରଦାନ ଘୋଷଣା ଏକ ଛଳନା ଥିଲା।

# ଲାରାଙ୍କ ତାଲିକାରେ ବୁମ୍ରା 'ଗୋଟ୍', ରୋହିତ 'ଲିଜେଣ୍ଡ୍'

**ନୂଆଦିଲ୍ଲୀ,୧୯।୭:** ପୂର୍ବତନ ୱେଷ୍ଟଇଣ୍ଡିଜ୍ ମହାନ ବ୍ରାଏନ୍ ଲାରା ଶୁକ୍ରବାର ନିଜ 'ଗୋଟ୍' (ଗ୍ରେଟେଷ୍ଟ୍ ଅଫ୍ ଅଲ୍ ଟାଇମ୍) ତାଲିକା ପ୍ରକାଶ କରିଛନ୍ତି। ଏଥିରେ ଏକମାତ୍ର ଭାରତୀୟ ଭାବେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ସାମିଲ ରହିଛନ୍ତି। ବୁମ୍ରାଙ୍କ ସହ ଗ୍ଲେନ୍ ମ୍ୟାକ୍ଗ୍ରା, ଜ୍ୟାକ୍ କାଲିସ୍, ଆଡାମ ଗିଲକ୍ରିଷ୍ଟ୍ ବି ଏହି ତାଲିକାରେ ରହିଛନ୍ତି। 'ଷ୍ଟିକ୍ ଟୁ କ୍ରିକେଟ୍' ନାମକ ଏକ ପୋଡକାଷ୍ଟରେ ପୂର୍ବତନ ଇଂଲଣ୍ଡ କ୍ରିକେଟର୍ ଫିଲ୍ ଟଫେଲ୍, ଆଲେଷ୍ଟର୍ କୁକ୍, ମାଇକେଲ୍ ଭନ୍ ଓ ଡେଭିଡ୍ ଲୟଡଙ୍କ ସହ ଆଲୋଚନା ବେଳେ ଲାରା ଏହି ଚୟନ କରିଛନ୍ତି।

ଟି-୨୦ ବିଶ୍ୱକପ୍ ବିଜେତା ବୁମ୍ରା ସମସ୍ତ ଫର୍ମାଟରେ ୨୦୬ ମ୍ୟାଚ୍ ଖେଳି ୨୦.୭୬ ହାରରେ ୪୫୫ ୱିକେଟ୍ ଦଖଲ କରିସାରିଛନ୍ତି। ୧୭ଟି ୫ ୱିକେଟ୍ ସଫଳତା ଏବଂ ୬/୧୯ ଶ୍ରେଷ୍ଠ ବୋଲିଂ ଚିତ୍ର ରଖିଛନ୍ତି। ଟେଷ୍ଟ୍ କ୍ରିକେଟରେ ସେ ଅଧିକ ପ୍ରଭାବୀ ରହି ୪୭ ମ୍ୟାଚରୁ ୨୧୭ ୱିକେଟ୍ ଦଖଲ



କରିଛନ୍ତି ୧୯.୪୮ ହାରରେ। ଲିଜେଣ୍ଡ୍ସ ବର୍ଗରେ ଲାରା ଭାରତୀୟ ବ୍ୟାଟର୍ ରୋହିତ ଶର୍ମାଙ୍କ ସହିତ କ୍ରିସ୍ ଗେଲ୍, ସାହିଦ ସାହା ଆଫ୍ରିଦି, କେଭିନ୍ ପିଟରସନ୍, କେନ୍ ୱିଲିୟମ୍ସନଙ୍କୁ ବାଛିଛନ୍ତି। ରୋହିତ ୪୯୯ ଅନ୍ତର୍ଜାତୀୟ ମ୍ୟାଚ୍ରୁ ୪୨.୧୮ ହାରରେ ୧୯,୭୦୦ ରନ୍ ସଂଗ୍ରହ କରିଛନ୍ତି। ସୀମିତ ଓଭରରେ ଏକାଧିକ ରେକର୍ଡ ତାଙ୍କ ନାମରେ ରହିଛି।

# ପ୍ରେମରେ ପଡ଼ିଲେ ବୈଭବ ସୂର୍ଯ୍ୟବଂଶୀ !

**ନୂଆଦିଲ୍ଲୀ,୧୯।୭:** ଭାରତୀୟ କ୍ରିକେଟର ଭବିଷ୍ୟତ ବୋଲି ବିବେଚନା କରାଯାଉଥିବା ବୈଭବ ସୂର୍ଯ୍ୟବଂଶୀ ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ଅଛନ୍ତି। ଏବେ ଇଂଲଣ୍ଡରେ ଭାରତୀୟ ୧୯ ବର୍ଷରୁ କମ ଏବଂ ଇଂଲଣ୍ଡ ୧୯ ବର୍ଷରୁ କମ ଦଳ ମଧ୍ୟରେ ୨ ମ୍ୟାଚ ବିଶିଷ୍ଟ ଯୁବ ଟେଷ୍ଟ ସିରିଜ ଖେଳାଯାଉଛି।

ସିରିଜର ପ୍ରଥମ ଟେଷ୍ଟ ମ୍ୟାଚ ଡ୍ର ଥିଲା। ଏହି ମ୍ୟାଚରେ ବୈଭବ ପ୍ରଥମ ଇନିଂସରେ ୧୪ ରନ ଏବଂ ଦ୍ୱିତୀୟ ଇନିଂସରେ ୫୬ ରନ କରିଥିଲେ। ଦ୍ୱିତୀୟ ଯୁବ ଟେଷ୍ଟ ଏବେ ୨୦ ଜୁଲାଇରୁ ଆରମ୍ଭ ହେବ। ଏହି ସମୟରେ, ବୈଭବ ତାଙ୍କ ପ୍ରଶିକ୍ଷକଙ୍କ ଉପରେ ବହୁତ ଭଲପାଇବା




ଦେଇଛନ୍ତି।

ବୈଭବ ସୂର୍ଯ୍ୟବଂଶୀ ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ପ୍ରଶିକ୍ଷକ ରବିନ ସିଂହଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବୈଭବ ଇନଷ୍ଟା ଷ୍ଟୋରୀରେ ରବିନ ସିଂହଙ୍କ ଏକ ଫଟୋ ଶେୟାର କରିଛନ୍ତି। ଏହା ସହିତ ସେ ଲେଖିଛନ୍ତି, ଜନ୍ମଦିନର ଶୁଭେଚ୍ଛା ରବିନ ସିଂହ ସାର। ବୈଭବଙ୍କ ଏହି ପୋଷ୍ଟ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେଉଛି।

ଗତଥର ୨୦୨୫ ପୂର୍ବରୁ ଅନୁଷ୍ଠିତ ନିଲାମରେ ରାଜସ୍ଥାନ ରୟାଲ୍ସ ବୈଭବଙ୍କୁ ୧.୧ କୋଟି ଟଙ୍କାରେ କିଣିଥିଲା।

# କାଇନେଟିକ୍ ଗ୍ରୀନ ଏବଂ ଟୋନିନୋ ଲାମ୍ବୋରଘିନି ପକ୍ଷରୁ ଗଲ୍ଫ ଆଣ୍ଡ ଲାଇଫଷ୍ଟାଇଲ କାର୍ଟ ସମ୍ଭାର

**ନୂଆଦିଲ୍ଲୀ,୧୯।୭:** ଆରାମଦାୟକ ଗମନାଗମନର ପୁନଃସଂଜ୍ଞାକରଣ ତଥା ସହଭାଗୀତାର ଏକ ମାଇଲଖୁଂଟ ସ୍ଥାପିତ କରିବା ପାଇଁ, କାଇନେଟିକ୍ ଗ୍ରୀନ ଏନର୍ଜି ଆଣ୍ଡ ପାୱାର - ଅଫ ଇଣ୍ଡିଆ ଏବଂ ଟୋନିନୋ ଲାମ୍ବୋରଘିନି ଏସପିଏ ଅଫ ଇଟାଲୀ, ଆଜି ଗର୍ବର ସହିତ ବିଶ୍ୱବଜାର ନିମନ୍ତେ ସେମାନଙ୍କର ଅତ୍ୟାଧୁନିକ ସ୍ୱତନ୍ତ୍ର ସମ୍ଭାର ଏବଂ ଉନ୍ନତ ଗଲ୍ଫ ତଥା ଜୀବନଶୈଳୀ କାର୍ଟର ଗ୍ରାଣ୍ଡ ଗ୍ଲୋବାଲ ଅନାବରଣ ଉତ୍ସବର ଆକର୍ଷଣୀୟ ଆୟୋଜନ କରିଛି। ଅତ୍ୟନ୍ତ ନିଖୁଣ ଭାବରେ ରହିଥିବା ଏହି ଗଲ୍ଫ ଏବଂ ଜୀବନଶୈଳୀ କାର୍ଟର କଳାକୃତି ଆରାମଦାୟକ ଗମନାଗମନ ପୁନଃସଂଜ୍ଞାକରଣ ପ୍ରତିଷ୍ଠା କରିବା ସହିତ କାଇନେଟିକ୍ ଗ୍ରୀନର ବେସପୋକ ଚାରି-ଚକିଆ ଗମନାଗମନକାରୀ ସେଗମେଂଟର ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କଳାଭଳି ପ୍ରବେଶକୁ ଚିହ୍ନିତ କରିବା ସହିତ, ଇଭି ପ୍ରସ୍ତୁତକାରୀଙ୍କ ଦ୍ୱାରା ପ୍ରମୁଖ ବିଶ୍ୱସ୍ତରୀୟ ବିଶ୍ୱାସକୁ ନେଇ ଏଥିସହିତ ଟୋନିନୋ ଲାମ୍ବୋରଘିନ ଏସପିଏକୁ ସାମିଲ କରିଛି, ଯେଉଁଠାରେ କି ଅତୁଳନୀୟ ଇଟାଲିଆନ ଡ଼ିଜାଇନର ନିରନ୍ତର ମିଳନ ସହିତ କାଇନେଟିକ୍ ଗ୍ରୀନର ପ୍ରମାଣକାରୀ ବୈଦ୍ୟୁତିକ ଯାନର ଦକ୍ଷତାକୁ ପ୍ରତିଫଳିତ କରିବାକୁ ଯାଉଛି।

ଏହି ଅନାବରଣ ଉତ୍ସବରେ ଯେଉଁ ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କ ସଦୟ ଉପସ୍ଥିତି ରହିଥିଲା ସେମାନଙ୍କ ମଧ୍ୟରେ ଥିଲେ ସମ୍ମାନନୀୟ ମାନ୍ୟବର କେନ୍ଦ୍ର ଶିଳ୍ପ ଏବଂ ବାଣିଜ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ପିୟୁଶ ଗୋଏଲ, ସମ୍ମାନସ୍ପଦ ମୁଖ୍ୟ ଅତିଥି, ଏଥି ସହିତ ମିଳିତ ହୋଇଥିଲେ ମହାମହିମ ଡ଼କ୍ଟର ଆଟୋନିଓ ବର୍ତୋଲି, ଭାରତରେ ଅବସ୍ଥାପିତ ଇଟାଲୀୟ ରାଜଦୂତ, ସମ୍ମାନସ୍ପଦ ଅତିଥି, ଏଥି ସହିତ ଦୁଇ ଦେଶ ମଧ୍ୟରେ ଏକ ଦୃଢ଼ସମ୍ପର୍କର ସେତୁ ପ୍ରତିଷ୍ଠା ନିମନ୍ତେ ଅନ୍ୟ ମାନ୍ୟଗଣ୍ୟ ଅତିଥି ମାନଙ୍କ ମଧ୍ୟରେ ରହିଥିଲେ, ଡ଼କ୍ଟର ଅରୁଣ ଫିରୋଡ଼ିଆ, ଅଧ୍ୟକ୍ଷ, କାଇନେଟିକ୍ ଗ୍ରୁପ ଏବଂ ଡ଼କ୍ଟର ଟୋନିନୋ ଲାମ୍ବୋରଘିନି, ପ୍ରତିଷ୍ଠାତା ଟୋନିନୋ ଲାମ୍ବୋରଘିନି ଏସପିଏ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ବରିଷ୍ଠ ସରକାରୀ ଅଧିକାରୀ, ଅଗ୍ରଣୀ ଗଲ୍ଫ ଉତ୍ସାହୀ ବ୍ୟକ୍ତିତ୍ୱ, ପ୍ରମୁଖ ବ୍ୟବସାୟୀ, ଆତିଥ୍ୟ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱ ତଥା ଜାତୀୟ ଏବଂ ଆନ୍ତର୍ଜାତୀୟ ମିଡ଼ିଆ ଗୋଷ୍ଠୀ। ଇଟାଲୀୟ ଡ଼ିଜାଇନ ଏବଂ ଭାରତୀୟ ଯାନ୍ତ୍ରିକୀ କଳାର ସମନ୍ୱିତକୁ ନେଇ, ଟୋନିନୋ ଲମ୍ବୋରଘିନି ଗଲ୍ଫ କାର୍ଟ ଏକ ବିଳାସପୂର୍ଣ୍ଣ ଜୀବନଶୈଳୀର ବିବୃତିକୁ ଏକାଠି କରିପାରିଛି।

# ସେସା ଗୋଆ ଦ୍ୱାରା ୧ ଲକ୍ଷ ଯୁବବର୍ଗଙ୍କ ଦକ୍ଷତା ବିକାଶ

**ନୂଆଦିଲ୍ଲୀ,୧୯।୭:** ୨୦୩୦ ସୁଦ୍ଧା ୭ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଅର୍ଥନୈତିକ ଲକ୍ଷ୍ୟ ହାସଲ କରିବାକୁ ଭାରତ ପ୍ରସ୍ତୁତ ହେଉଥିବାରୁ, ଏହି ଲକ୍ଷ୍ୟ ହାସଲ ପାଇଁ ଉତ୍ପାଦନ କ୍ଷେତ୍ରକୁ ଏକ ପ୍ରମୁଖ କ୍ଷେତ୍ର ଭାବରେ ଚିହ୍ନଟ କରାଯାଇଛି। ଜାତୀୟ ଦକ୍ଷତା ବିକାଶ ନୀତି ଭାରତର ବର୍ଦ୍ଧିତ ଅର୍ଥନୀତିର ଚାହିଦା ପୂରଣ କରିବା ପାଇଁ ୫୦୦ ନିୟୁତରୁ ଅଧିକ ବ୍ୟକ୍ତିଙ୍କର ଦକ୍ଷତା ବିକାଶ କରିବାର ପରିକଳ୍ପନା କରିଛି। ବହୁ ଏଜେନ୍ସିଗୁଡ଼ିକର ନିରନ୍ତର ପ୍ରୟାସ ଯୋଗୁ ଭାରତୀୟ ସ୍ନାତକମାନଙ୍କ ମଧ୍ୟରେ ନିଯୁକ୍ତି କ୍ଷମତା ଚଳିତ ବର୍ଷ ୭% ବୃଦ୍ଧି ପାଇଛି। ୨୦୨୫ ରେ ଏହା ୫୪.୮୧% ରେ ପହଂଚିଛି। ଯାହା ଗତ ବର୍ଷ ୫୧.୨୫% ଥିଲା। ଏହା ହ୍ୱିବକ୍ସ ଇଟିଏସ ଇଣ୍ଡିଆ ସ୍କିଲ ରିପୋର୍ଟ ୨୦୨୫ରେ ସିଆଇଆଇ ଟ୍ୟାଗଡ, ଏଆଇସିଟିଇ ଏବଂ ଏଆଇୟୁ ସହାୟତାରେ ମିଳିତ ଭାବରେ ପ୍ରକାଶ ପାଇଛି। ୩୫ ବର୍ଷରୁ ଅଧିକଙ୍କ କ୍ଷେତ୍ରରେ ଏହା ୬୫% ଥିବାବେଳେ ୨୨-୨୫ ବର୍ଷ ବୟସ ଗୋଷ୍ଠୀଙ୍କ କ୍ଷେତ୍ରରେ ସର୍ବାଧିକ ନିଯୁକ୍ତି ଉପଲବ୍ଧ କରାଯାଇଛି। ଏହି ସମ୍ଭାବନାକୁ ସର୍ବାଧିକ କରିବା ପାଇଁ, କର୍ପୋରେଟ୍ କିମ୍ବା ଘରୋଇ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରତିଷ୍ଠିତ କାର୍ଯ୍ୟକ୍ରମଗୁଡ଼ିକୁ ସମନ୍ୱିତ କରି ଦକ୍ଷତା ବିକାଶ ଲକ୍ଷ୍ୟ ପୂରଣ କରିବାକୁ ପଡିବ। ଯୁବ ଦକ୍ଷତାକୁ ପ୍ରାଥମିକତା ଦେଇ, ବେଦାନ୍ତ ସେସା ଗୋଆ ବୈଷୟିକ, ଡିଜିଟାଲ୍, କ୍ରୀଡା ଏବଂ ଉଦ୍ୟୋଗୀ ଦକ୍ଷତା ଭଳି ବିବିଧ ଧାରାଗୁଡ଼ିକରେ ଅନେକ ପଦକ୍ଷେପ ଆରମ୍ଭ କରିଛି, ଯାହା ଦ୍ୱାରା ୧ ଲକ୍ଷରୁ ଅଧିକ ଯୁବବର୍ଗ କ୍ରମାଗତ ଭାବରେ ଏହା ଦ୍ୱାରା ଉପକୃତ ହେଉଛନ୍ତି।

୧୯୯୪ ମସିହାରେ ପ୍ରତିଷ୍ଠିତ ଗୋଆର ସେସା ଟେକ୍ନିକାଲ୍ ସ୍କୁଲ (ଏସଟିଏସ) ଏକ ଶିଳ୍ପ-ପ୍ରସ୍ତୁତ କର୍ମଶକ୍ତି ସୃଷ୍ଟି କରିବାରେ ସାହାଯ୍ୟ କରିଛି। ଏହାର ୩୧ ବର୍ଷ ମଧ୍ୟରେ, ଏସଟିଏସ ପ୍ରାୟ ୧୦୦% ପ୍ଲେସମେଂଟ ରେକର୍ଡ ହାସଲ କରିଛି। ଯେଉଁଥିରେ ୨୦୦୦ ରୁ ଅଧିକ ବୈଷୟିକ ଯୋଗ୍ୟ ଯୁବବର୍ଗ ଭାରତର ଅର୍ଥନୀତିକୁ ଶକ୍ତିଶାଳୀ କରୁଛନ୍ତି। ମହିଳା ପ୍ରଶିକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଭାବରେ କ୍ୟୁରେଟେଡ୍ କୋର୍ସ ମଧ ଆରମ୍ଭ କରାଯାଇଛି। ଯାହା କମ୍ପ୍ୟୁଟର ଅପରେଟର ଏବଂ ପ୍ରୋଗ୍ରାମିଂ ଆସିଷ୍ଟାଂଟ (ସିଓପିଏ) କୋର୍ସ ସହିତ ଅନ୍ତର୍ଭୁକ୍ତି ଲକ୍ଷ୍ୟକୁ ଆହୁରି ବୃଦ୍ଧି କରୁଛି। ମହିଳା ଅଂଶଗ୍ରହଣକୁ ଉତ୍ସାହିତ ଏବଂ ପ୍ରୋତ୍ସାହିତ କରିବା ପାଇଁ ସ୍କଲାରଶିପ୍ ମଧ ଯୋଗାଇ ଦିଆଯାଉଛି।

ଇଣ୍ଡିଆ ସ୍କିଲ୍ସ ରିପୋର୍ଟ ୨୦୨୫ ଚିହ୍ନଟ କରିଛି ଯେ, ୫୦% ମାଧ୍ୟମିକ ଏବଂ ତୃତୀୟ ସ୍ତରୀୟ ଛାତ୍ରଛାତ୍ରୀ ସେମାନଙ୍କୁ ଦିଆଯାଇଥିବା ବୃତିଗତ ତାଲିମରୁ ଲାଭ ପାଇବାର ସମ୍ଭାବନା ଅଛି। ଏସଟିଏସ ସମ୍ପ୍ରତି ଶର୍ଟ ଟର୍ମ ବୃତିଗତ ତାଲିମ ପାଠ୍ୟକ୍ରମ ଆରମ୍ଭ କରିଛି, ଯାହା ତିନି ବର୍ଷ ମଧ୍ୟରେ ୧୦୦୦ ରୁ ଅଧିକ ଦକ୍ଷ ଯୁବବର୍ଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ଦକ୍ଷତା ବିକାଶ କ୍ଷେତ୍ରରେ ସେସା ଗୋଆର ଅବଦାନ ବିଷୟରେ ନିଜର ମତ ପ୍ରକାଶ କରି, ସେସା ଗୋଆର ସିଇଓ ନବୀନ ଜାଜୁ କହିଲେ, ଏକ ଦ୍ରୁତ ଗତିରେ ବିକଶିତ ଏବଂ ପ୍ରଗତିଶୀଳ ଭାରତ ପାଇଁ, ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଏକ ଦକ୍ଷ କର୍ମଶକ୍ତି ଜରୁରୀ। ଆମେ, ବେଦାନ୍ତ ସେସା ଗୋଆରେ, ସମାଜକୁ ଅର୍ଥପୂର୍ଣ୍ଣ ଭାବରେ 'ଫେରସ୍ତ ଦେବା'ର ମୂଳ ଦର୍ଶନର ଏକ ପ୍ରମୁଖ ଅଂଶ ଭାବରେ ବୈଷୟିକ ତାଲିମ, ଡିଜିଟାଲ୍ ଦକ୍ଷତା, କ୍ରୀଡା ଏବଂ ବୃତିଗତ ତାଲିମ ମାଧ୍ୟମରେ ଆମର ଯୁବପିଢ଼ିଙ୍କ ଦକ୍ଷତାକୁ ପ୍ରାଥମିକତା ଦେଉଛୁ। ସେସା ଟେକ୍ନିକାଲ୍ ସ୍କୁଲ୍, ସେସା ଫୁଟବଲ୍ ଏକାଡେମୀ, ବେଦାନ୍ତ କମ୍ପ୍ୟୁଟର ସେଂଟର୍ ଏବଂ ଲ୍ୟାବ୍ ଏବଂ ବେଦାନ୍ତ ଟେଲରିଂ ସେଂଟର ଭଳି ଆମର ପ୍ରୟାସ ୨୦୧୮ ପରଠାରୁ ୧ ଲକ୍ଷରୁ ଅଧିକ ଯୁବବର୍ଗଙ୍କର ଦକ୍ଷତା ବିକାଶ ପ୍ରଦାନ କରିବାରେ ଅବଦାନ ରଖିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ